


ଅର୍ଦ୍ଧଶତକରେ ଫୋର୍ଡଙ୍କ ବିଶ୍ୱ ରେକର୍ଡ

ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-325 • BHUBANESWAR • SATURDAY • 24 MAY 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୨ • ସଂଖ୍ୟା-୩୨୫ • ଭୁବନେଶ୍ୱର • ଶନିବାର • ୨୪ ମେ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦



NEWTON COLLEGE OF +2 SCIENCE · SAMBALPUR · KNOWLEDGE IS POWER

# NEWTON COLLEGE OF +2 SCIENCE

## NEWTON HIGHER SECONDARY SCHOOL OF SCIENCE

Permanently Recognised by the Govt. of Odisha & Affiliated to C.H.S.E., Odisha

## CHSE Results-2025 SCIENCE

| Rank | Name | Marks | % | 10th |
|---|---|---|---|---|
| 1 | MANAS | 570 | 95% | 93.6% |
| 2 | FIROZ | 567 | 94.5% | 91.8% |
| 3 | PARITOSH | 566 | 94.3% | 93.6% |
| 4 | PADMASHREE | 564 | 94 % | 87.17% |
| 4 | SUMANTA | 564 | 94 % | 87.3% |

| Name | Marks | % | 10th |
|---|---|---|---|
| RUCHISMITA | 559 | 93.17% | 92.8% |
| ASMIT | 559 | 93.17% | 91% |
| SOMANATH | 558 | 93% | 91.5% |
| SUGNYASHREE | 556 | 92.67% | 92.5% |
| PIYUSH | 555 | 92.5% | |
| ISHANT | 555 | 92.5% | 90.5% |
| SIDDHARTH | 554 | 92.33% | 91% |
| SAHIL | 554 | 92.33% | |
| SWADHIN | 551 | 91.83% | 91.8% |
| RITESH | 551 | 91.83% | 90 % |
| SANTOSHI | 549 | 91.5% | |
| KAUSHAL | 548 | 91.33% | 90 % |
| ANWESHA | 548 | 91.33% | |
| VENKAT RAMAN | 547 | 91.17% | 88 % |
| MUSKAN | 547 | 91.17% | 91 % |
| JIJNASA | 547 | 91.17% | 88.5% |
| ANKIT | 545 | 90.83% | 90 % |
| ADITYA | 545 | 90.83% | |
| ADHYAYAN | 545 | 90.83% | 76.6 % |
| JYOTISANKAR | 544 | 90.67% | 88.3 % |
| ADYASHA | 544 | 90.67% | 88.8 % |
| ABHIJIT | 544 | 90.67% | |
| ADARSH | 542 | 90.33% | 78.8 % |
| NABIN | 541 | 90.17% | 90 % |
| JANAKI | 541 | 90.17% | 85.8 % |
| DHABALESWAR | 540 | 90 % | |

IN CAMPUS SPECIAL PREPARATION FOR NEET & JEE (MAIN & ADVANCED)

A SCIENCE COLLEGE WITH ONLY CLASS - XI & XII FOCUSING ON INTEGRATED TEACHING FOR COUNCIL & DIFFERENT COMPETITIVE EXAMS

MATHEMATICS MARKS - 80 / 80 10 STUDENTS

CHSE RESULTS 2025

| | | |
|---|---|---|
| Total Appeared | - | 342 |
| 90% Marks & Above | - | 31 |
| 500 Marks & Above | - | 108 |
| 80% & Above | - | 136 |
| 1st Division | - | 319 (92%) |
| 2nd Division | - | 21 |

538 NEHA, 537 OMPRAKASH, 535 PRERANA, 535 ANKIT, 534 BANDITA, 534 SWARNALAXMI, 533 JASMIN, 532 DOLESWAR, 531 OJASHREE, 531 DIBYANJALI, 531 ARYAN, 530 RAJKUMAR, 530 PRATYUSH,
529 SUPRIYA, 529 NEHARANI, 529 ANSUMAN, 526 SRITTAM, 526 SOURAV, 526 SOHAN, 526 PREETIRANJAN, 525 SWAGAT, 525 DHARITRI, 525 ARNAP, 525 ANANYA, 524 SOURAV, 524 PRIYANSHI,
524 SOM, 524 BIJAYA, 522 TWINKLE, 522 DEBASMITA, 522 BIVASHREE, 521 ARCHITA, 520 SUJAL, 519 TINKU, 519 RAJAT, 519 PRIYANSHU, 518 SOHAM, 518 SAJAN, 518 ANKIT,
517 RISHITA, 517 KARISMA, 517 BIBEK, 517 BHAGYASHREE, 516 PRIYANKA, 516 DIPTEE, 516 DHANJAYA, 515 ABHIGYAN, 514 SANSKRUTI SANSHITA, 513 CHINMAYA, 512 ALOKA, 511 SUBHAM, 511 KABYANJALEE,
511 ANKIT, 510 SMUTEE MAYEE, 509 TOSHABANTA, 509 SMRUTI SNEHA, 509 CHARUSMITA, 509 CHANDRA SHEKHAR, 508 BIKASH, 507 SHREYAS, 507 SAGAR, 507 PRACHI, 507 MOUSUMI, 507 AYUSH, 506 ZINI,
505 SOUMYARANJAN, 505 PRATYUSH, 504 SMIT SMARAK, 504 KRISHNA, 504 DEBASHISH, 502 PRIYANKA, 502 PRAGNYARANI, 502 MAMISHA, 501 SNIGDHARANI, 500 PRATHAM, 500 SANCHITA, 500 RUPALI

Newton... Where The Heritage Of Fostering Intellectual Excellence Continues......

Debaipali, Majhipali Chowk, Sambalpur

99385 86082, 93373 01382, 95833 25666





ସକାଳ
THE SAKALA
www.sakalaepaper.com


## କୋଟାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା

# ରାଜସ୍ଥାନ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): କୋଟାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲାକୁ ସୁପ୍ରିମକୋର୍ଟ ଅତ୍ୟନ୍ତ ଗୁରୁତର କହିଛନ୍ତି। ଏହାକୁ ନେଇ ଶୁକ୍ରବାର ରାଜସ୍ଥାନ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଜଷ୍ଟିସ ଜେବି ପାରଦୀୱାଲା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ପ୍ରଶ୍ନବାଣ ମାରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ କୋଟାରେ ୧୪ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କଲେଣି। ଏହାକୁ ନେଇ ରାଜ୍ୟ ସରକାର କ'ଣ କରୁଛନ୍ତି? ଖାଲି କୋଟାରେ ଛାତ୍ରଛାତ୍ରୀ କାହିଁକି ଆତ୍ମହତ୍ୟା କରୁଛନ୍ତି? ରାଜ୍ୟ ଭାବେ ଏହା ଉପରେ ବିଚାର କରିନାହାନ୍ତି କି? ଏଭଳି ମାମଲାକୁ ହାଲକାରେ କାହିଁକି ନେଉଛନ୍ତି? ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ରାୟକୁ ଅବମାନନା କରୁଛନ୍ତି। ପୁଲିସ ନିର୍ଦ୍ଦେଶ ପାଳନ କରୁନାହିଁ। ଆତ୍ମହତ୍ୟା ପରେ ଏତଲା ରୁଜୁ କାହିଁକି କରାଯାଉ ନାହିଁ? ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଗୁରୁତ୍ୱର ସହ ନେବା ଉଚିତ। ତୁରନ୍ତ ଏତଲା ରୁଜୁ କରି ଏଭଳି ମାମଲାର ତଦନ୍ତ କରିବା ଆବଶ୍ୟକ। ଏହାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ରାଜସ୍ଥାନ ସରକାରଙ୍କୁ ଜବାବ ମାଗିଛନ୍ତି। ଜୁଲାଇ ୧୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି। ଆଇଆଇଟି ଖଡଗପୁରରେ ୨୨ ବର୍ଷୀୟ ଛାତ୍ର ଏବଂ କୋଟାରେ ଜଣେ ମେଡିକାଲ ଆଶାୟୀଙ୍କ ଆତ୍ମହତ୍ୟା ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ଟିପ୍ପଣୀ ଦେଇଛନ୍ତି।

■ କାହିଁକି ଜୀବନ ହାରୁଛନ୍ତି ଛାତ୍ରଛାତ୍ରୀ

■ ଆତ୍ମହତ୍ୟା ରୋକିବା ପାଇଁ କ'ଣ କରିଛ



କୋର୍ଟ ଜାଣିବାକୁ ପାଇଥିଲେ ଯେ ଆଇଆଇଟି ଛାତ୍ର ଗତ ୪ ତାରିଖରେ ଆତ୍ମହତ୍ୟା କରିଥିବାବେଳେ ୪ ଦିନ ବିଳମ୍ବରେ ଏତଲା ରୁଜୁ କରାଯାଇଥିଲା। ଏହାକୁ ଖଣ୍ଡପୀଠ ଅତ୍ୟନ୍ତ ଗୁରୁତର କହିଥିଲେ। ଏତଲାରେ ବିଳମ୍ବକୁ ନେଇ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କୋର୍ଟ ଚେତାବନୀ ଦେଇଥିଲେ। ପୁଲିସ ଅଧିକାରୀଙ୍କ ବିରୋଧରେ ଅବମାନନା ମାମଲା ରୁଜୁ କରିବାକୁ କହିଥିଲେ। ଏହାର ଉତ୍ତରରେ ଏତଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଉଲ୍ଲେଖ କରିଥିଲେ। ପରେ ଆଇନ ଅନୁଯାୟୀ କାର୍ଯ୍ୟ କରିବାକୁ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଇଆଇଟି ଖଡଗପୁର କର୍ତ୍ତୃପକ୍ଷ ଏବଂ ପୁଲିସ ଅଧିକାରୀଙ୍କ ଉତ୍ତରରେ ସୁପ୍ରିମକୋର୍ଟ ସନ୍ତୁଷ୍ଟ ହୋଇ ନ ଥିଲେ। ସେହିପରି କୋଟା ମାମଲାରେ ଛାତ୍ର କୋଚିଂ କେନ୍ଦ୍ର ପକ୍ଷରୁ ପ୍ରଦତ୍ତ ରୁମ୍ ଛାଡ଼ି କାହିଁକି ଘରେ ରହୁଥିଲେ ବୋଲି ସୁପ୍ରିମକୋର୍ଟ ପଚାରି ଥିଲେ। ଖଣ୍ଡପୀଠ କହିଥିଲେ ଯେ ଏତଲା ରୁଜୁ କରି ତଦନ୍ତ କରିବା ପୁଲିସର କାମ। ଏହି କ୍ଷେତ୍ରର ଥାନା ଅଧିକାରୀ ନିଜ କର୍ତ୍ତବ୍ୟ ସମ୍ପାଦନରେ ବିଫଳ ହୋଇଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ସେ ପାଳନ କରିନାହାନ୍ତି। ଏହାକୁ ନେଇ କୋଟା ଥାନାର ଅଧିକାରୀଙ୍କୁ ସୁପ୍ରିମକୋର୍ଟ ସମନ ଜାରି କରିଛନ୍ତି। ଜୁଲାଇ ୧୪ରେ ତଥ୍ୟ ସହିତ ଉପସ୍ଥିତ ହେବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ମାତୃତ୍ୱ ଛୁଟି ମହିଳାଙ୍କ ପ୍ରଜନନ ଅଧିକାରର ଅବିଚ୍ଛେଦ୍ୟ ଅଙ୍ଗ

ନୂଆଦିଲ୍ଲୀ: ସୁପ୍ରିମକୋର୍ଟ ଶୁକ୍ରବାର ଐତିହାସିକ ରାୟ ଦେଇଛନ୍ତି। ମାତୃତ୍ୱ ଛୁଟି ମହିଳାଙ୍କ ପ୍ରଜନନ ଅଧିକାରର ଅବିଚ୍ଛେଦ୍ୟ ଅଙ୍ଗ। ଏହା ପ୍ରଜନନ ଅଧିକାରର ଗୁରୁତ୍ୱପୂର୍ଣ୍ଣ ଅଂଶ ମଧ୍ୟ। ମହିଳାଙ୍କୁ ମାତୃତ୍ୱ ଛୁଟି ଦେବାରେ କୌଣସି ପ୍ରତିଷ୍ଠାନ ମନା କରିପାରିବେ ନାହିଁ ବୋଲି ଜଷ୍ଟିସ ଅଭୟ ଏସ ଓକା ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୁଇଁଆଙ୍କ ଖଣ୍ଡପୀଠ କହିଛନ୍ତି। ତାମିଲନାଡୁର ଜଣେ ମହିଳା ଶିକ୍ଷକ (ସରକାରୀ) ଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ପ୍ରଥମ ବିବାହରୁ ୨ଟି ସନ୍ତାନ ଥିବାରୁ ଦ୍ୱିତୀୟ ବିବାହରେ ସନ୍ତାନ ଜନ୍ମ ସମୟରେ ଏହି ମହିଳାଙ୍କୁ ଛୁଟି ଦେବାକୁ ମନା କରିଦିଆଯାଇଥିଲା। ତେବେ ତାମିଲନାଡୁରେ କେବଳ ଦୁଇଟି ସନ୍ତାନ ପାଇଁ ମାତୃତ୍ୱ ଛୁଟି ଦେବାର ନିୟମ ରହିଛି। କିନ୍ତୁ ଏହି ମହିଳା ପ୍ରଥମ ଦୁଇ ସନ୍ତାନ ପାଇଁ କୌଣସି ଛୁଟି ନେଇ ନ ଥିଲେ। ଏହା ଜାଣିବା ପରେ ସୁପ୍ରିମକୋର୍ଟ ମାତୃତ୍ୱ ଛୁଟିର ପରିସର ବୃଦ୍ଧି କରିଥିଲେ। ଏବେଠାରୁ ମାତୃତ୍ୱ ଛୁଟି ପ୍ରଜନନ ଅଧିକାରର ଅଂଶ ହେବ ବୋଲି କହିଥିଲେ।

■ ଅପରେସନ ବାଲାକୋଟରେ ସାମିଲ ଥିଲେ ମହିଳା ଅଧିକାରୀ

## ଅବସର ନ ଦେବାକୁ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ଅପରେସନ ବାଲାକୋଟ ଏବଂ ସିନ୍ଦୂରରେ ସାମିଲ ଜଣେ ମହିଳା ଅଧିକାରୀଙ୍କୁ ଚାକିରିରୁ ବାହାର ନ କରିବା ପାଇଁ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାର ଏବଂ ଭାରତୀୟ ବାୟୁସେନାକୁ କହିଛନ୍ତି। ସୁଚିନ୍ତିତ ନୀତି ପ୍ରଣୟନ ନ କରିବା ଯାଏ ଏପରି କରିବା ଉଚିତ ନୁହେଁ ବୋଲି କହି ଅଗଷ୍ଟ ୬ ପର୍ଯ୍ୟନ୍ତ ଏହା ଉପରେ କଟକଣା ଲଗାଇ ଦେଇଛନ୍ତି। ଏହି ଦିନ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ତେବେ ସର୍ଟ ସର୍ଭିସ କମିଶନ (ଏସଏସସି)ର ଏହି ମହିଳା ଅଧିକାରୀଙ୍କୁ ସ୍ଥାୟୀ କମିଶନ ଦେବାକୁ ମନା କରିଦିଆଯାଇଥିଲା। ସ୍ଥାୟୀ କମିଶନ ଦେବାରେ ଭେଦଭାବ କରାଯାଇଛି ବୋଲି ୱିଙ୍ଗ କମାଣ୍ଡର ନିକିତା ପାଣ୍ଡେ ଦାବି କରିଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଏନ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଏହା ଉପରେ କେନ୍ଦ୍ର ଏବଂ ଆଇଏଏଫଙ୍କୁ ଜବାବ ମାଗିଛନ୍ତି। ଆଇଏଏଫ ଏକ ବୃତ୍ତିଗତ ବାହିନୀ। ସେବାରେ ଅସ୍ଥିରତା ରହିବା ଏଭଳି ଅଧିକାରୀଙ୍କ ପାଇଁ ଶୋଭନୀୟ ନୁହେଁ। ଆମ ବାୟୁସେନା ବିଶ୍ୱର ପ୍ରମୁଖ ସଙ୍ଗଠନ ମଧ୍ୟରୁ ଅନ୍ୟତମ। ଅଧିକାରୀଙ୍କ ଯୋଗଦାନ ପ୍ରଶଂସନୀୟ। ସେମାନେ ଯେଉଁ ଭଳି ସମନ୍ୱୟ ଦେଖାଇଛନ୍ତି ତାହା ଅତୁଳନୀୟ। ଆମେ ସବୁବେଳେ ତାଙ୍କୁ ସାଲ୍ୟୁଟ କରୁଛୁ। ସେମାନେ ଦେଶର ସବୁଠୁ ବଡ଼ ସମ୍ପତ୍ତି। ଗୋଟିଏ ଦୃଷ୍ଟିରୁ ସେମାନେ ରାଷ୍ଟ୍ର ଭଳି। ତାଙ୍କ ପାଇଁ ଆମେ ଶାନ୍ତିରେ ଶୋଇପାରୁଛୁ। ନିଯୁକ୍ତି ପରେ ଏସଏସସି ଅଧିକାରୀଙ୍କ କଠିନ ଜୀବନ ଆରମ୍ଭ ହୋଇଥାଏ। ୧୦ରୁ ୧୫ ବର୍ଷ ପରେ ତାଙ୍କୁ ସ୍ଥାୟୀ କମିଶନ ମିଳିଥାଏ। ଏହି ଦୃଷ୍ଟିରୁ ଅସ୍ଥିରତା ସଶସ୍ତ୍ର ବାହିନୀ ପାଇଁ ଶୋଭନୀୟ ନୁହେଁ। ଏହା ଜଣେ ସାଧାରଣ ନାଗରିଙ୍କ ପ୍ରସ୍ତାବ, କାରଣ ଆମେ ବିଶେଷଜ୍ଞ ନୋହୁଁ। ଏଥି ପାଇଁ ଧାର୍ଯ୍ୟ ସର୍ବନିମ୍ନ ମାନଦଣ୍ଡରେ କୌଣସି ସାଲିସ କରାଯାଇପାରିବ ନାହିଁ।

ଅଧିକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ମେନକା ଗୁରୁସ୍ୱାମୀ କହିଥିଲେ ଯେ ତାଙ୍କ ମହକିଲ ଲଢୁଆ ବିମାନ ନିୟନ୍ତ୍ରକ ବିଶେଷଜ୍ଞ। ସେ ବିଶେଷଜ୍ଞ ଭାବେ ଇଣ୍ଟିଗ୍ରେଟେଡ ଏୟାର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ (ଆଇଏସିସିଏସ)ରେ ସାମିଲ ହୋଇଥିଲେ। ଅପରେସନ ସିନ୍ଦୂର ଏବଂ ବାଲାକୋଟରେ ଏହାକୁ ମୁତୟନ କରାଯାଇଥିଲା। ୧୩.୫ ବର୍ଷ କାର୍ଯ୍ୟ କରିବା ସତ୍ତ୍ୱେ ତାଙ୍କୁ ୨୦୧୯ରେ ସ୍ଥାୟୀ କମିଶନ ଦେବାକୁ ମନା କରିଦିଆଯାଇଥିଲା। ଏହାର ମାସେ ପରେ ଚାକିରି ଛାଡିବାକୁ ଚାପ ପକା ଯାଇଥିଲା। ଏହି ଅଧିକାରୀ ଲଢୁଆ ବିମାନ ନିୟନ୍ତ୍ରକ ତାଲିକରେ ଦେଶରେ ଦ୍ୱିତୀୟ ସ୍ଥାନରେ ଥିଲେ। ତେବେ କେନ୍ଦ୍ର ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ କହିଥିଲେ ଯେ ସ୍ଥାୟୀ କମିଶନ ଦେବା ପାଇଁ ଚୟନ ବୋର୍ଡ ତାଙ୍କୁ ଅଯୋଗ୍ୟ ପାଇଥିଲା।

## ତୃତୀୟ ଥର କ୍ଷମା ମାଗିଲେ ମନ୍ତ୍ରୀ ବିଜୟ ଶାହା

ଭୋପାଳ, ୨୩।୫ (ଏଜେନ୍ସି): ଭାରତୀୟ ସେନାର କର୍ଣ୍ଣେଲ ସୋଫିଆ କୁରେସୀଙ୍କୁ ପ୍ରତି ଅପମାନଜନକ ଟିପ୍ପଣୀ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟଶାହା ପୁଣି କ୍ଷମା ମାଗିଛନ୍ତି। ଏହା ଭାଷାଗତ ଭୁଲ ଥିଲା ବୋଲି କହିଛନ୍ତି। ଏଥିପାଇଁ ସେ ଭଉଣୀ ସୋଫିଆ ଏବଂ ଦେଶବାସୀଙ୍କୁ କ୍ଷମା ମାଗୁଥିବା ଉଲ୍ଲେଖ କରିଛନ୍ତି। ସେ ଶୁକ୍ରବାର ଏକ ଭିଡିଓ ଜାରି କରି ଏହି କ୍ଷମା ପ୍ରାର୍ଥନା କରିଛନ୍ତି। କାହାକୁ ଆଘାତ ଦେବା ଉଦ୍ଦେଶ୍ୟ ନ ଥିଲା ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଏବେ ତାଙ୍କ ମାମଲା ସୁପ୍ରିମକୋର୍ଟରେ ଚାଲିଛି। ତାଙ୍କ କ୍ଷମା ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଅଗ୍ରାହ୍ୟ କରିଦେଇଛନ୍ତି।

## ଇସ୍ରାଏଲ ଆକ୍ରମଣ କଲେ ଆମେରିକାକୁ ଦାୟୀ କରିବ ଇରାନ

ତେହରାନ୍,୨୩।୫(ଏଜେନ୍ସି): ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ଏବଂ ଇରାନ ମଧ୍ୟରେ ବିଗତ କିଛି ମାସ ହେଲା ଉତ୍ତେଜନା ଲାଗି ରହିଛି। ବିଶେଷକରି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଏହି ପ୍ରସଙ୍ଗକୁ ନେଇ ଉଭୟ ଦେଶ ମଧ୍ୟରେ ବିବାଦ ବଢିବାରେ ଲାଗିଛି। ତେବେ ଓମାନ ମଧ୍ୟସ୍ଥତାରେ ଇରାନ ଏବଂ ଆମେରିକା ମଧ୍ୟରେ ରୋମ୍‌ରେ ବୈଠକ ହେବାକୁ ରହିଥିଲା ବେଳେ ଇରାନ ପକ୍ଷରୁ ଆମେରିକା ପ୍ରତି ଚେତାବନୀ ଜାରି କରାଯାଇଛି। ଯଦି ଇସ୍ରାଏଲ ଇରାନର ପରମାଣୁ ଠିକଣା ଉପରେ ଆକ୍ରମଣ କରେ ଏଥିପାଇଁ ଆମେରିକା ଦାୟୀ ରହିବ ବୋଲି ଇରାନ ବୈଦେଶିକ ମନ୍ତ୍ରୀ ଆବାସ୍ ଅରାଗଚ୍ଛି ଗୁରୁବାର ସ୍ପଷ୍ଟ କରିଛନ୍ତି। ଇରାନ ଉପରେ ଆକ୍ରମଣ କରିବାକୁ ଇସ୍ରାଏଲ ପ୍ରସ୍ତୁତ ହୋଇସାରିଛି ବୋଲି ଆମେରିକୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ଇରାନ ଆମେରିକା ପ୍ରତି ଏଭଳି ଟିପ୍ପଣୀ ଜାରି କରିଛି। ଏହାଛଡ଼ା ଇସ୍ରାଏଲ ଆକ୍ରମଣ କଲେ ଇରାନ ପକ୍ଷରୁ ମଧ୍ୟ ଦୃଢ ଜବାବ ଦିଆଯିବ ବୋଲି ଅରାଗଚ୍ଛି କହିଛନ୍ତି।

## ମୁନିରଙ୍କୁ ରାଜା ଉପାଧି ମିଳିଥିଲେ ଭଲ ହୋଇଥାଆନ୍ତା: ଇମ୍ରାନ୍

ଇସ୍‌ଲାମାବାଦ୍,୨୩।୫(ଏଜେନ୍ସି):ଭାରତର ଅପରେସନ ସିନ୍ଦୂର ପରେ ପାକିସ୍ତାନ ସରକାର ସେନାଧ୍ୟକ୍ଷ ଆସିମ ମୁନିରଙ୍କୁ ପଦୋନ୍ନତି ଦେବା ସହିତ ଫିଲ୍ଡ ମାର୍ଶାଲ ଭଳି ସର୍ବୋଚ୍ଚ ସେନା ଉପାଧିରେ ଭୂଷିତ କରିଥିଲେ। ଭାରତର ଆକ୍ରମଣକୁ ପ୍ରତିହତ କରିବା ଦିଗରେ ମୁନିର ବହୁ ସଫଳତା ହାସଲ କରିଥିବାରୁ ତାଙ୍କୁ ଶେହବାଜ ସରକାର ଏହି ପୁରସ୍କାର ଦେଇଥିଲେ। ପାକିସ୍ତାନ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚା ହୋଇଥିଲା ବେଳେ ଏବେ ପିଟିଆଇ ନେତା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ମୁନିରଙ୍କୁ ଭର୍ତ୍ସନା କରିବା ସହିତ କଟାକ୍ଷ କରିଛନ୍ତି। ମୁନିରଙ୍କୁ ତାଙ୍କ ସଫଳତା ପାଇଁ ଫିଲ୍ଡ ମାର୍ଶାଲ ବଦଳରେ ରାଜା ଉପାଧି ଦିଆଯାଇଥିଲେ ଆହୁରି ଭଲ ହୋଇଥାଆନ୍ତା ବୋଲି ଇମ୍ରାନ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଶେହବାଜ ସରକାର ଗଣତନ୍ତ୍ରର ଦୁଇ ମୁଖ୍ୟ ସ୍ତମ୍ଭ ଆଇନ କାନୁନ ବ୍ୟବସ୍ଥା ଏବଂ ନୈତିକତାକୁ ଜଳାଞ୍ଜଳି ଦେଇ ସାରିଛନ୍ତି ବୋଲି ଇମ୍ରାନ କହିଛନ୍ତି।

■ ଉତ୍ତରପ୍ରଦେଶରେ ଝଡ଼ତୋଫାନ

## ୨ ଦିନରେ ୬୦ ମୃତ

ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି):ଉତ୍ତର ପ୍ରଦେଶର ବିଭିନ୍ନ ଭାଗରେ ଦୁଇ ଦିନ ହେଲା ପ୍ରବଳ ଝଡ଼ତୋଫାନ ଜାରି ରହିଛି। ଏଥିରେ ୧୭ ମହିଳାଙ୍କ ସମେତ ୬୦ ଜଣଙ୍କ ମୃତ୍ୟୁ ହୋଇଛି। ୧୨ରୁ ଅଧିକ ମଧ୍ୟ ଆହତ ହୋଇଛନ୍ତି। ୬୪ ଜିଲ୍ଲାରେ ଝଡ଼ ତୋଫାନ ନାହିଁ ନ ଥିବା ସ୍ଥିତି ସୃଷ୍ଟି କରିଛି। ୨୧ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡିଛି। ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିବାବେଳେ ଧନଜୀବନ କ୍ଷୟକ୍ଷତି ହୋଇଛି। ଗୋରଖପୁରରେ ସର୍ବାଧିକ ୭୪ ମିମି ବର୍ଷା ହୋଇଛି। ନୋଏଡ଼ାରେ ୮୦ କିମି ବେଗରେ ପବନ ହୋଇଛି। ଅନ୍ୟପକ୍ଷରେ ଝଡ଼ତୋଫାନ ଜନିତ ଘଟଣାରେ ରାଜସ୍ଥାନରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଆଜି ପାଣିପାଗ ବିଭାଗ ସବୁ କେନ୍ଦ୍ରଶାସିତ ଅଞ୍ଚଳକୁ ଝଡ଼ ତୋଫାନ ଏବଂ ଗ୍ରୀଷ୍ମ ପ୍ରବାହକୁ ନେଇ ଚେତାବନୀ ଜାରି କରିଛି। ମହାରାଷ୍ଟ୍ର ଏବଂ ଗୋଆର ଉପକୂଳ ଅଞ୍ଚଳକୁ ରେଡ୍ ଆଲର୍ଟ ଦିଆଯାଇଛି। ଏହା ବ୍ୟତୀତ ଆରବ ସାଗରରେ ଲଘୁଚାପ ସ୍ଥିତି ସୃଷ୍ଟି ହୋଇଛି। ଆଗାମୀ ୨୪ ଘଣ୍ଟାରେ ଏହା ଅବପାତ ରୂପ ନେଇ ଗୋଆ-ମହାରାଷ୍ଟ୍ର ଉପକୂଳ ଅଭିମୁଖେ ବଢିବ ବୋଲି ଆଶଙ୍କା କରାଯାଉଛି।

## ବାଂଲାଦେଶ ପାଇଁ ବଢୁଛି ରାଜନୈତିକ ସଙ୍କଟ

# ଇସ୍ତଫା ଦେବାକୁ ୟୁନୁସ୍‌ଙ୍କ ଧମକ

ଢାକା,୨୩।୫(ଏଜେନ୍ସି): ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍ ଅଚାନକ ଭାବେ ନିଜ ପଦରୁ ଇସ୍ତଫା ଦେବାକୁ ଧମକ ଦେବା ଏବେ ବିଭିନ୍ନ ମହଲରେ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି। ଏପରିକି ସେ ଶୁକ୍ରବାର ଇସ୍ତଫା ଦେବାକୁ କହିଥିବା ଏବଂ ଗୁରୁବାର ବିଳମ୍ବିତ ରାତିରେ କିଛି ରାଜନୈତିକ ଦଳର ମୁଖିଆ ତାଙ୍କୁ ଭେଟିଥିବାର ଖବର ମଧ୍ୟ ସାମ୍ନାକୁ ଆସିଛି। ୟୁନୁସ୍ ବାଂଲାଦେଶର ସର୍ବାଙ୍ଗୀନ ଉନ୍ନତି ଏବଂ ବିକାଶ ପାଇଁ କାର୍ଯ୍ୟ କରିବାକୁ ଚାହୁଁଥିଲେ ହେଁ ତାଙ୍କୁ ରାଜନୈତିକ ସହଯୋଗ ମିଳୁ ନାହିଁ ବୋଲି ଅଭିଯୋଗ କରି ସେ ଇସ୍ତଫା ଦେବାକୁ ଧମକ ଦେଇଛନ୍ତି ବୋଲି ବାଂଲାଦେଶର ବହୁ ପ୍ରମୁଖ ଗଣମାଧ୍ୟମ ଖବର ପ୍ରକାଶ କରିଛନ୍ତି। କିନ୍ତୁ ତାଙ୍କର ଇସ୍ତଫା ଦେବା ପଛରେ ଆଉ କିଛି କାରଣ ରହିଛି ବୋଲି ମଧ୍ୟ ଅନ୍ୟ କିଛି ଖବରଦାତା ସଂସ୍ଥା କହିଛନ୍ତି। ପ୍ରକୃତରେ ବାଂଲାଦେଶର ସେନାଧ୍ୟକ୍ଷ ୱାକର ଜମାନଙ୍କୁ ହଟାଇ ତାଙ୍କ ସ୍ଥାନରେ କଠୋରବାଦୀ ଜେନେରାଲ ଫୈଜୁର ରହମନଙ୍କୁ ନିଯୁକ୍ତ କରିବାକୁ ୟୁନୁସ୍ ବହୁ ଦିନ ଧରି ପ୍ରୟାସ ଚଳାଇ ଆସିଛନ୍ତି। ଏଥିପାଇଁ ସେ ୱାକର ଜମାନଙ୍କୁ ହତ୍ୟା କରିବାକୁ ମଧ୍ୟ ପଛାଇ ନାହାନ୍ତି। କିନ୍ତୁ ଏହି ବିଷୟ ଏବେ ସାମ୍ନାକୁ ଆସିବା ପରେ ୱାକରଙ୍କ କୋପରୁ ବର୍ତ୍ତିବା ଲାଗି ୟୁନୁସ୍ ଇସ୍ତଫା ନାଟକ କରିଥିବା କୁହାଯାଉଛି। ଅନ୍ୟପଟେ ୟୁନୁସ୍ ଦେଶରେ ନିର୍ବାଚନ କରିବାକୁ କୌଣସି ଉଦ୍ୟମ କରୁ ନଥିବା ଏବଂ ଏହାକୁ ଟାଳି ଚାଲିଥିବାରୁ ବହୁ ରାଜନୈତିକ ଦଳ ମଧ୍ୟ ୟୁନୁସ୍ ବିରୋଧୀ ହୋଇପଡ଼ିଛନ୍ତି। ଯାହାକୁ ନେଇ ୟୁନୁସ୍ ବାଂଲାଦେଶ ଛାଡି ପୁଣି ପ୍ୟାରିସ୍ ଫେରାର୍ ହୋଇଯିବାକୁ ଯୋଜନା କରିଛନ୍ତି ବୋଲି କେତେକ ଗଣମାଧ୍ୟମ ପ୍ରକାଶ କରିଛନ୍ତି।

■ ମିଳୁନି ରାଜନୈତିକ ସହଯୋଗ

■ ପ୍ୟାରିସ୍ ପଳାୟନ ପାଇଁ ମସୁଧା



୨୦୨୪ ଅଗଷ୍ଟରେ ଶେଖ ହସିନା ସରକାରର ପତନ ପରେ ୟୁନୁସ୍ ବାଂଲାଦେଶରେ ପହଞ୍ଚିବା ସହିତ ଦେଶର ରୂପ ବଦଳାଇ ଦେବାକୁ ବାଂଲାଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାମଧ୍ୟରେ ୯ ମାସ ବିତିଯାଇଥିଲେ ହେଁ ୟୁନୁସ୍‌ଙ୍କ ଯୋଜନାର ରୂପରେଖ କ'ଣ ରହିଛି ତାହାକୁ କେହି ଜାଣିପାରିଲେ ନାହିଁ। ବରଂ ଦେଶରେ ନିର୍ବାଚନ କରାଯାଇ ନଥିବାରୁ ଏକ ସ୍ଥିର ଓ ସ୍ଥାୟୀ ସରକାର ପ୍ରତିଷ୍ଠା ଅଭାବରେ ବାଂଲାଦେଶର ଅର୍ଥନୀତି ଏବଂ ସାମାଜିକ ସ୍ଥିତି ବେଳକୁ ବେଳ ସଙ୍ଗୀନ ହେବାରେ ଲାଗିଛି। ଅନ୍ୟପଟେ ଆମେରିକା ୟୁନୁସ୍‌ଙ୍କ ହାତ ଛାଡି ଦେଇଥିଲା ବେଳେ ଚୀନ୍ କୋଳରେ ବସିଥିବା ୟୁନୁସଙ୍କୁ ଚୀନ୍ ମଧ୍ୟ ପ୍ରତିଶ୍ରୁତି ଦେଇ ସେଭଳି କିଛି ସହାୟତା ଦେଇ ନାହିଁ। ଚୀନ୍ ବଳରେ ବଳିୟାନ ହୋଇ ଭାରତର ଉତ୍ତରପୂର୍ବ ରାଜ୍ୟସମୂହକୁ ଘେରିବାକୁ ଯୋଜନା କରିଥିବା ୟୁନୁସ୍ ଏବେ ଅଚାନକ ଇସ୍ତଫା ଦେବାକୁ ଘୋଷଣା କରିବା ମଧ୍ୟ ଅନ୍ୟତମ କାରଣ ବୋଲି କୁହାଯାଉଛି। ସେପଟେ ବାଂଲାଦେଶ ସେନାଧ୍ୟକ୍ଷଙ୍କୁ ନେଇ ୟୁନୁସ୍ କରିଥିବା ଷଡ଼ଯନ୍ତ୍ର ସାମ୍ନାକୁ ଆସିବା ପରେ ସେନା ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ବାଂଲାଦେଶ ଏକ ବଡ଼ ରାଜନୈତିକ ସଙ୍କଟ ଆଡକୁ ମହାଁଉଛି ବୋଲି ବିଶେଷଜ୍ଞମାନେ ଆକଳନ କରିବା ଆରମ୍ଭ କରିଛନ୍ତି।

## ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି: ହାଭାର୍ଡରେ ପଢ଼ିପାରିବେନି ବିଦେଶୀ

ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ଆମେରିକାର ପ୍ରତିଷ୍ଠିତ 'ଆଇଭିଓଇ ଲିଗ(ସର୍ବଶ୍ରେଷ୍ଠ ୮ ବିଶ୍ୱବିଦ୍ୟାଳୟ ଓ କଲେଜ) ଶିକ୍ଷାନୁଷ୍ଠାନରେ ପାଠ ପଢିବାକୁ କେବଳ ଆମେରିକୀୟ ଛାତ୍ରଛାତ୍ରୀ ନୁହନ୍ତି, ବରଂ ସାରା ବିଶ୍ୱରୁ ଏଥିପାଇଁ ବିଦ୍ୟାର୍ଥୀମାନଙ୍କ ଆଗ୍ରହ ରହିଥାଏ। ଏହି 'ଆଇଭିଓଇ ଲିଗ୍' ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରୁ ପ୍ରତିଷ୍ଠିତ ହାଭାର୍ଡ ବିଶ୍ୱବିଦ୍ୟାଳୟ ଅନ୍ୟତମ। ଏହି ବିଶ୍ୱବିଦ୍ୟାଳୟରେ ଆମେରିକା ବିଦ୍ୟାର୍ଥୀଙ୍କ ବ୍ୟତୀତ ସର୍ବାଧିକ ବିଦେଶୀ ଛାତ୍ରଛାତ୍ରୀ ଅଧ୍ୟୟନ କରିଥାଆନ୍ତି। କିନ୍ତୁ ବିଦେଶୀ ବିଦ୍ୟାର୍ଥୀଙ୍କ ପାଇଁ ଏବେ ଏହି ବିଶ୍ୱବିଦ୍ୟାଳୟର ଦ୍ୱାର ବନ୍ଦ ହେବାକୁ ଯାଉଛି। ଟ୍ରମ୍ପ ପ୍ରଶାସନର ଏକ ନିଷ୍ପତ୍ତି ଅନୁଯାୟୀ ହାଭାର୍ଡରେ ବିଦେଶୀ ଛାତ୍ରଙ୍କୁ ଆଉ ନାମଲେଖାଇବାକୁ ସୁଯୋଗ ମିଳିବ ନାହିଁ। ଏହି ବିଶ୍ୱବିଦ୍ୟାଳୟର 'ଷ୍ଟୁଡେଣ୍ଟ ଆଣ୍ଡ ଏକ୍ସଚେଞ୍ଜ ଭିଜିଟର ପ୍ରୋଗ୍ରାମ ସାର୍ଟିଫିକେସନ୍' (ଏସଇଭିପି) ରଦ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଆମେରିକାର ଗୃହସୁରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗୃହସୁରକ୍ଷା ବିଭାଗ ସଚିବ କ୍ରିଷ୍ଟି ନୋଏମ ସୋସିଆଲ୍ ମିଡିଆରେ ପୋଷ୍ଟ କରି ହାଭାର୍ଡ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ହିଂସା ସହିତ ଇହୁଦୀ-ବିରୋଧୀ ମନୋଭାବକୁ ପ୍ରୋତ୍ସାହନ ଦିଆଯିବା ଏବଂ ଚୀନର କମ୍ୟୁନିଷ୍ଟ ପାର୍ଟି ସପକ୍ଷରେ ମାହୋଲ ବଢୁଥିବା ସେ ଉଲ୍ଲେଖ କରିଛନ୍ତି। ହାଭାର୍ଡକୁ ସମୁଚିତ ପଦକ୍ଷେପ ନେବାକୁ ପୂର୍ବରୁ ଅନେକ ସୁଯୋଗ ଦିଆଯାଇଛି। କିନ୍ତୁ ଏହାକୁ ଗ୍ରହଣ କରାଯାଇ ନାହିଁ। ନିୟମ କାନୁନ ନ ମାନିବା କାରଣରୁ ବିଶ୍ୱବିଦ୍ୟାଳୟର ଏସଇଭିପି ରଦ୍ଦ କରାଯାଇଛି ବୋଲି ସେ କହିଛନ୍ତି। କେବଳ ହାଭାର୍ଡ ନୁହେଁ, ଏହି ନିଷ୍ପତ୍ତି ଆମେରିକାର ଅନ୍ୟ ସବୁ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନ ପାଇଁ ଚେତାବନୀ ଭାବେ କାର୍ଯ୍ୟ କରିବ ବୋଲି ନୋଏମ କହିଛନ୍ତି। କିନ୍ତୁ ଟ୍ରମ୍ପ ପ୍ରଶାସନର ଏଭଳି ନିଷ୍ପତ୍ତି ପାଇଁ ଭାରତୀୟ ଛାତ୍ରଛାତ୍ରୀମାନେ ଅନେକ ଭାବେ ପ୍ରଭାବିତ ହେବେ ବୋଲି ଆଶଙ୍କା ବଢିଛି। ହାଭାର୍ଡରେ ୨୦୨୪-୨୫ବର୍ଷରେ ୬ହଜାର ୮ଶହ ବିଦେଶୀ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ପ୍ରତିବର୍ଷ ୫ଶହରୁ ୮ଶହ ଭାରତୀୟ ଛାତ୍ରଛାତ୍ରୀ ଓ ଗବେଷକ ଏଠାରେ ନାମ ଲେଖାଇଥିଲା ବେଳେ ଏବେ ୭୮୮ ଭାରତୀୟ ଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ବର୍ତ୍ତମାନ ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି ପରେ ଏହି ଛାତ୍ରଛାତ୍ରୀଙ୍କୁ ଏସଇଭିପି ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନକୁ ସ୍ଥାନାନ୍ତର ହେବାକୁ ପଡିବ। ଏହା ନ କଲେ ସେମାନଙ୍କ ଭିସା ବାତିଲ ହୋଇପାରେ ବୋଲି କୁହାଯାଉଛି।



## 'ୟଙ୍ଗ୍ ଇଣ୍ଡିଆ'କୁ ଦାନ ପାଇଁ କଂଗ୍ରେସ ନେତାଙ୍କୁ କୁହାଯାଇଥିଲା: ଇଡି



ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡି ବଡ଼ ଖୁଲାସା କରିଛି। ୟଙ୍ଗ ଇଣ୍ଡିଆ ଲିମିଟେଡକୁ ଟଙ୍କା ଦାନ କରିବା ପାଇଁ କଂଗ୍ରେସ ନେତାଙ୍କୁ କୁହାଯାଇଥିଲା। ବରିଷ୍ଠ ନେତାଙ୍କ ନିର୍ଦ୍ଦେଶରେ କଂଗ୍ରେସ ନେତା ଏବଂ ବ୍ୟକ୍ତି ଅର୍ଥ ଦାନ କରିଥିଲେ। ଏମାନଙ୍କ ମଧ୍ୟରେ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏବଂ ତାଙ୍କ ଭାଇ ସାମିଲ ରହିଛନ୍ତି। ଏହି ସଂସ୍ଥାକୁ ଉଭୟେ ପ୍ରାୟ ୨.୫ କୋଟି ଟଙ୍କା ଦେଇଥିଲେ। ଟଙ୍କା ନ ଦେଲେ ରାଜନୈତିକ କ୍ୟାରିୟରକୁ ଶେଷ କରିଦିଆଯିବ ବୋଲି କଂଗ୍ରେସ ନେତାଙ୍କୁ ଧମକ ଦିଆଯାଇଥିଲା ବୋଲି ଆରୋପପତ୍ରରେ ଇଡି ଦର୍ଶାଇଛି। ଇଡି ପକ୍ଷରୁ ଦାବି କରାଯାଇଛି ଯେ ୧୪୨ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀ ଅଭିଯୁକ୍ତ। ଉଭୟେ ୯୮୮ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତିରୁ ଲାଭ ପାଉଛନ୍ତି। କମ୍ପାନୀ ଆଇନର ଧାରା ୨୫ ଅନୁଯାୟୀ ୟଙ୍ଗ ଇଣ୍ଡିଆର ପଞ୍ଜିକରଣ ହୋଇଥିଲେ ବି ଏହାକୁ ଗାନ୍ଧୀ ପରିବାର ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହାର କରିଥିଲା ବୋଲି ଏଜେନ୍ସି ପକ୍ଷରୁ ଅଭିଯୋଗ କରାଯାଇଛି।

## ଲେଫ୍ଟନାଣ୍ଟ ଶଶାଙ୍କ ସିକିମରେ ସହିଦ

■ ସହଯୋଗୀଙ୍କୁ ବଞ୍ଚାଇ ହରାଇଲେ ନିଜ ଜୀବନ



ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ପରୋପକାର, ଭାରତୀୟ ସେନାର ନୀତି ଏବଂ ଅଦମ୍ୟ ସାହସ ପ୍ରଦର୍ଶନ କରି ଜଣେ ସହଯୋଗୀ ଯବାନଙ୍କୁ ବଞ୍ଚାଇବା ପାଇଁ ଲେଫ୍ଟନାଣ୍ଟ ଶଶାଙ୍କ ତିୱାରୀ (୨୩) ସିକିମର ଭରା ନଈକୁ ଡେଇଁ ପଡିଛନ୍ତି। ସହଯୋଗୀଙ୍କୁ ମୃତ୍ୟୁ ମୁଖରୁ ଟାଣି ଆଣିଛନ୍ତି। କିନ୍ତୁ ନିଜେ ନଦୀର ଉଗ୍ର ଧାରାରେ ବୁଡିଯାଇ ବୀରଗତି ପ୍ରାପ୍ତ କରିଛନ୍ତି। ୮୦୦ ମିଟର ଦୂରରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏକମାତ୍ର ପୁଅକୁ ହରାଇ ପରିବାର ଦୁଃଖରେ ମ୍ରିୟମାଣ ହୋଇଥିବାବେଳେ ଭାରତୀୟ ସେନା ଶଶାଙ୍କଙ୍କ ବୀରତ୍ୱକୁ ସାଲ୍ୟୁଟ କରିଛି। ଶଶାଙ୍କଙ୍କ ବାପା ମର୍ଚ୍ଚାଣ୍ଟ ନେଭିରେ କାମ କରୁଛନ୍ତି। ପୁଅ ମୃତ୍ୟୁ ଖବର ପାଇଁ ସେ ଭାରତ ଫେରୁଛନ୍ତି। କିନ୍ତୁ ହୃତ୍‌ପିଣ୍ଡ ରୋଗୀ ହୋଇଥିବାରୁ ମାଆଙ୍କୁ ଏହାର ସୂଚନା ଦିଆଯାଇ ନାହିଁ। ଶନିବାର ରାଷ୍ଟ୍ରୀୟ ସମ୍ମାନରେ ଅଯୋଧ୍ୟାର ଶଶାଙ୍କଙ୍କ ଅନ୍ତିମ ସଂସ୍କାର ହେବ। ଗତ ବର୍ଷ ଡିସେମ୍ବରରୁ ଲେଫ୍ଟନାଣ୍ଟ ଶଶାଙ୍କ ସିକିମ ସ୍କାଉଟରେ ମୁତୟନ ଥିଲେ। ଶୁକ୍ରବାର ସକାଳେ ଏକ ପ୍ରମୁଖ ପୋଷ୍ଟକୁ ଯାଉଥିବାବେଳେ ପୋଲରୁ ଜଣେ ସହଯୋଗୀଙ୍କ ଗୋଡ ଘଷି ଯାଇଥିଲା। ତେଣୁ ସେ ନଦୀକୁ ଖସି ପଡ଼ିଥିଲେ। ସେ ବୁଡି ଯାଉଥିବା ଦେଖି ଶଶାଙ୍କ ତାଙ୍କୁ ଉଦ୍ଧାର କରିବାକୁ ନଦୀକୁ ଡେଇଁଥିଲେ।

## ବୋଝ ଉପରେ ନଳିତାବିଡ଼ା


# ୩ ଦିନ ଯୁଦ୍ଧରେ ପାକିସ୍ତାନର ୨.୫ ବିଲିୟନ ଡଲାର କ୍ଷତି

ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ଆମେରିକା ଠାରୁ ଚୀନ୍, ବିଶ୍ୱବ୍ୟାଙ୍କ ଠାରୁ ଆରମ୍ଭ କରି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି(ଆଇଏମଏଫ) ପର୍ଯ୍ୟନ୍ତ ବହୁ ଆନ୍ତର୍ଜାତିକ ସଂସ୍ଥା ଠାରୁ ଋଣ କରି ପାକିସ୍ତାନ ଏବେ ଋଣଯନ୍ତାରେ ଫସିଛି। ପାକିସ୍ତାନର ଆର୍ଥିକ ସ୍ଥିତି ଏଭଳି ରହିଛି ଯେ, ଏଠାକାର ପ୍ରତ୍ୟେକ ଶିଶୁଙ୍କ ମୁଣ୍ଡ ଉପରେ ୩.୫ ଲକ୍ଷ ଟଙ୍କା(ପାକ୍)ର ଋଣବୋଝ ରହିଛି। କିନ୍ତୁ ସାଂପ୍ରତିକ ସ୍ଥିତିରେ ପାକିସ୍ତାନ ବିନା ଋଣରେ ତିଷ୍ଠିବା ସମ୍ଭବ ନୁହେଁ। ଯେଉଁଥିପାଇଁ ମାତ୍ର ଗୋଟିଏ ବିଲିୟନ ଡଲାର ଋଣ ପାଇଁ ପାକିସ୍ତାନ ନେତାଙ୍କୁ ୧୦ଥର ଆଇଏମଏଫର ଦ୍ୱାରସ୍ଥ ହେବାକୁ ପଡ଼ିଥିବା ଦେଖାଯାଇଛି। ଏଭଳି ସ୍ଥିତିରେ ଭାରତ ସହ ମାତ୍ର ତିନି ଦିନରେ ପାକିସ୍ତାନର କ୍ଷତି ଅନ୍ୟୁନ ୨.୫ ବିଲିୟନ ଡଲାରରେ ପହଞ୍ଚିଥିବା ଆନ୍ତର୍ଜାତିକ ସ୍ତରରେ ଆକଳନ କରାଯାଇଥିଲା ବେଳେ ଏହା ବୋଝ ଉପରେ ନଳିତାବଡ଼ା ପରି ହୋଇଛି। ଭାରତ ସହ ପାକିସ୍ତାନର ଉତ୍ତେଜନା ବଢିବା ଭିତରେ ଆଇଏମଏଫ ପକ୍ଷରୁ ପାକିସ୍ତାନକୁ ୨.୩ ବିଲିୟନ ଡଲାର ଋଣ ମଞ୍ଜୁର କରାଯାଇଥିଲା। କିନ୍ତୁ ଯୁଦ୍ଧ ପ୍ରସ୍ତୁତି ଏବଂ ଭାରତ ସହ ତିନି ଦିନର ଯୁଦ୍ଧ ଖର୍ଚ୍ଚ ସହିତ ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ଯେଉଁ କ୍ଷତି ହୋଇଛି ତାହା ୨.୫ ବିଲିୟନ ଡଲାରରେ ପହଞ୍ଚିଥିବା ଆକଳନ କରାଯାଇଛି। ଫଳରେ ପାକିସ୍ତାନ ଆଇଏମଏଫରୁ ଯେତିକି ଅର୍ଥ ଋଣ ଆକାରରେ ପାଇଥିଲା ତା'ଠୁ ଅଧିକ ପରିମାଣର କ୍ଷତି ଏହି ଯୁଦ୍ଧରେ ସହିବାକୁ ପଡ଼ିଛି। ଆନ୍ତର୍ଜାତିକ ସ୍ତରରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ୪ଟି ଏଫ-୧୬ ଯୁଦ୍ଧ ବିମାନ ନଷ୍ଟ ହୋଇଛି। ଗୋଟିଏ ଏଫ-୧୬ ବିମାନ ମୂଲ୍ୟ ପ୍ରାୟ ୮୭ ନିୟୁତ ଡଲାର ରହିଥିଲା ବେଳେ ଏବାବଦରେ ମୋଟ କ୍ଷତି ୩୫୦ ନିୟୁତ ଡଲାର ରହିଛି। ଗୋଟିଏ ସି-୧୩୦ ହର୍କ୍ୟୁଲେସ୍ ବିମାନ ନଷ୍ଟ ହୋଇଥିଲା ବେଳେ ଏହାର ମୂଲ୍ୟ ୪୦ ନିୟୁତ ଡଲାର ରହିଛି। ସେହିପରି ଏଚକ୍ୟୁ-୯ ଏୟାର ଡିଫେନ୍ସ ସିଷ୍ଟମ ଏବଂ ଦୁଇଟି ମୋବାଇଲ କମାଣ୍ଡ ସେଣ୍ଟର ନଷ୍ଟ ହେବା ଦ୍ୱାରା ଏଥିପାଇଁ ମଧ୍ୟ ଅନ୍ୟୁନ ୨୧୦ ନିୟୁତ ଡଲାର କ୍ଷତି ହୋଇଛି। ପାକିସ୍ତାନର ଆୱାକସ୍ ବିମାନକୁ ନଷ୍ଟ କରି ଦିଆଯାଇଥିଲା ବେଳେ ଏଥିପାଇଁ ମଧ୍ୟ ୧୦୦ ନିୟୁତ ଡଲାରର କ୍ଷତି ହୋଇଛି। ଫଳରେ କେବଳ 'ଗ୍ରାଉଣ୍ଡ ଲସ୍' ବାବଦରେ ପାକିସ୍ତାନକୁ ୭୦୦ ନିୟୁତ ଡଲାରରୁ ଅଧିକ କ୍ଷତି ସହିବାକୁ ପଡ଼ିଛି।

ଅନ୍ୟପକ୍ଷରେ 'ଅପରେସନାଲ ରେଡିନେସ୍'(ପ୍ରସ୍ତୁତି) ଏବଂ ୨୯ ଦିନ ପାଇଁ 'କମ୍ବାଟ୍ ଏୟାର ପାଟ୍ରୋଲିଂ ଓ ଷ୍ଟ୍ରାଇକ୍' ବାବଦ ଖର୍ଚ୍ଚ ୭୨୫ ନିୟୁତ ଡଲାର ରହିଥିଲା ବେଳେ ଡ୍ରୋନ ଏବଂ ମିସାଇଲ ବାବଦ ଖର୍ଚ୍ଚ ୪୫୦ ନିୟୁତ ଡଲାର ରହିଥିବା କୁହାଯାଇଛି। ସୀମାରେ ସେନା ମୁତୟନ ( ବର୍ଡର ମୋବିଲାଇଜେସନ) ବ୍ୟୟ ମଧ୍ୟ ୪୩୫ ନିୟୁତ ଡଲାର ରହିଛି। ଅପରେସନ ସିନ୍ଦୂରରେ ପାକିସ୍ତାନର ୧୦ରୁ ଅଧିକ ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇଛି। ତେବେ ଏହାମଧ୍ୟରୁ ସର୍ଗୋଧା ଏବଂ ନୂର ଖାନ୍ ଭଳି ଦୁଇ ପ୍ରମୁଖ ବାୟୁସେନା ଘାଟିରେ ଯେଭଳି କ୍ଷତି ଘଟିଛି ତାହାକୁ ମରାମତି କରିବାକୁ ହେଲେ ପ୍ରାୟ ୨୫୦ ନିୟୁତ ଡଲାର ବ୍ୟୟ ହେବ ବୋଲି କୁହାଯାଇଛି। ତେଣୁ ଏସବୁକୁ ମିଶାଇଲେ ପ୍ରାୟ ମାସକର ପ୍ରସ୍ତୁତି ଏବଂ ୩ ଦିନର ଯୁଦ୍ଧ ପାଇଁ ପାକିସ୍ତାନକୁ ପାଖାପାଖି ୨.୫ ବିଲିୟନ ଡଲାରର କ୍ଷତି ସହିବାକୁ ପଡ଼ିଛି ବୋଲି କୁହାଯାଇଛି। ପାକିସ୍ତାନର ସାଂପ୍ରତିକ ଋଣ ଭାର ଯେତିକି ରହିଛି ତଦ୍ୱାରା ବର୍ଷକୁ ୪ ବିଲିୟନ ଡଲାର ପରିଶୋଧ କରିବାକୁ ପଡ଼ିବ। ଏଭଳି ସ୍ଥିତିରେ ଏହି ପରିମାଣର କ୍ଷତି ପାକିସ୍ତାନ ଆର୍ଥିକ ସ୍ଥିତିକୁ ଆହୁରି ଜଟିଳ କରିବ। ଏହାବ୍ୟତୀତ ଭାରତ ଯଦି ଏଫଏଟିଏଫ୍ ଏବଂ ଆନ୍ତର୍ଜାତିକ ସହାୟତା ବନ୍ଦ ପାଇଁ ଅଭିଯାନ ଚଳାଏ ତେବେ ପାକିସ୍ତାନକୁ ଆହୁରି ଉତ୍କଟ ସ୍ଥିତି ସାମ୍ନା କରିବାକୁ ପଡ଼ିବ ବୋଲି କୁହାଯାଇଛି।

■ ଆଇଏମ୍ଏଫ୍‌ରୁ ପାଇଥିବା ଋଣ ଠାରୁ ବି କ୍ଷତି ଅଧିକ

■ କେବଳ ଋଣ ବାବଦ ବର୍ଷକୁ ଶୁଝିବ ୪ ବିଲିୟନ ଡଲାର



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-325 ◆BHUBANESWAR ◆SATURDAY ◆24 MAY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୨୫ ◆ଭୁବନେଶ୍ୱର ◆ଶନିବାର ◆୨୪ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ସାରା ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା

**୨୭ରେ ଲଘୁଚାପ, ଦୁଇ ଦିନ ପ୍ରବଳ ବର୍ଷା ସମ୍ଭାବନା**

■ **ଭୁବନେଶ୍ୱର, ୨୩।୫ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଉଭୟ ଆରବ ସାଗର ଓ ବଙ୍ଗୋପସାଗର ପଟୁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ହେତୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଗତ ୨ରୁ୩ ଦିନ ହେବ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମେଘୁଆ ରହିବା ସହ ଝିପି ଝିପି ବର୍ଷା ଲାଗି ରହିଛି। ଗୁରୁବାର ରାତିରେ ରାଜ୍ୟର ପ୍ରାୟ ୧୭ଟି ସ୍ଥାନରେ ଅଧିକ ବର୍ଷା ରେକର୍ଡ ହୋଇଛି। ଏହି ସମୟରେ ଗଜପତି ଜିଲ୍ଲାର ଗୁମ୍ମା ଠାରେ ସର୍ବାଧିକ ୧୩୦ ମିମି. ବର୍ଷା ରେକର୍ଡ କରାଯାଇଥିବା ବେଳେ ଚମ୍ପୁଆରେ ୧୦୬ ମିମି., ସେମିଳିଗୁଡ଼ାରେ ୧୦୫ ମିମି., କୋମନାରେ ୧୦୦ ମିମି. ବର୍ଷା ରେକର୍ଡ କରାଯାଇଛି। ଶୁକ୍ରବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ହୋଇଛି। ଅନ୍ୟପଟେ ଆସନ୍ତା ୨ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବାର ସମ୍ଭାବନା ରହିଛି। ସାଧାରଣ ଭାବେ ମୌସୁମୀ ଜୁନ୍ ୧ରେ କେରଳ ଛୁଇଁବା ପରେ ୧୦ ବେଳକୁ ଓଡ଼ିଶା ଛୁଇଁଥାଏ। ▶ପୃଷ୍ଠା-୭

## ଭାରତକୁ ପାକ୍ ଜେନେରାଲ ଅହମ୍ମଦ ସରିଫଙ୍କ ଧମକ

# ପାଣି ବନ୍ଦକଲେ ନିଶ୍ୱାସ ବନ୍ଦ କରିଦେବୁ

■ **ଇସଲାମାବାଦ, ୨୩।୫ (ଏଜେନ୍ସି):** ଅପରେସନ ସିନ୍ଦୂରକୁ ମାତ୍ର ୧୦ରୁ ୧୨ ଦିନ ବିତିଥିବା ଏବଂ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଚାଲିଥିବା ବେଳେ ପାକିସ୍ତାନ ସେନା ପ୍ରବକ୍ତା ଲେଫ୍ଟନାଣ୍ଟ ଜେନେରାଲ ଅହମ୍ମଦ ସରିଫ ଚୌଧୁରୀ ଭାରତକୁ ପୁଣି ଧମକ ଦେବା ଆରମ୍ଭ କରିଛନ୍ତି। ଭାରତ ଯଦି ପାକିସ୍ତାନ ପାଣି ନ ଛାଡେ ତେବେ ପାକିସ୍ତାନ ଭାରତବାସୀଙ୍କୁ ନିଶ୍ୱାସ ପ୍ରଶ୍ୱାସ ବନ୍ଦ କରିଦେବ ବୋଲି ସେ ଧମକ ଦେଇଛନ୍ତି।

ପାକିସ୍ତାନର ଏକ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରମାନଙ୍କୁ ସମ୍ବୋଧିତ କରି ସେ ଏହା କହିଛନ୍ତି। କିନ୍ତୁ ତାଙ୍କର ଏଭଳି ଧମକ ନିକଟରେ ଲସ୍କର-ଏ-ତୋଏବା ଆତଙ୍କବାଦୀ ସଂଗଠନ ମୁଖ୍ୟ ହାଫିଜ୍ ସୟିଦ ଦେଇଥିବା ବୟାନ ସହିତ ତାଳ ଖାଉଥିବାରୁ ଜେନେରାଲ ଚୌଧୁରୀଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ୍ କରାଯିବା ଆରମ୍ଭ ହୋଇଛି। ଭାରତ ସିନ୍ଧୁ ଜଳ ପାକିସ୍ତାନକୁ ବନ୍ଦ କରିବା ପରେ ହାଫିଜ୍ ସୟିଦ ଭାରତକୁ ଧମକ ଦେଇ ପାକିସ୍ତାନ ଭାରତୀୟଙ୍କ ନିଶ୍ୱାସ ବନ୍ଦ କରିଦେବ ଏବଂ ସିନ୍ଧୁ ନଦୀରେ ରକ୍ତ ବୋହିବ ବୋଲି କହିଥିଲା। ଏବେ ଜେନେରାଲ ଚୌଧୁରୀ ସେହି କଥା ଅବିକଳ ଦୋହରାଇଛନ୍ତି। ଏହାଦ୍ୱାରା ପାକିସ୍ତାନ ସେନା ଏବଂ ଆତଙ୍କବାଦୀଙ୍କ ମଧ୍ୟରେ କିଭଳି ସମନ୍ୱୟ ରହିଛି ତାହା ପୁଣିଥରେ ପ୍ରମାଣିତ ହୋଇଛି।




ଆଫଗାନିସ୍ତାନର ଜଣେ ପୂର୍ବତନ ସାଂସଦ ମରିୟମ ସୋଲାଇମନଖିଲ ଜେନେରାଲ ଚୌଧୁରୀଙ୍କ ବୟାନକୁ ନିନ୍ଦା କରିବା ସହିତ ସେନା ନେତୃତ୍ୱ ନେଉଥିବା ଜଣେ ବରିଷ୍ଠ ଅଧିକାରୀଙ୍କ ମୁହଁରେ ଏଭଳି କଥା ଶୋଭା ପାଏନି ବୋଲି କହିଛନ୍ତି। ତାଙ୍କର ବୟାନ ଜଣେ ଆତଙ୍କବାଦୀର ବୟାନ ସହିତ ମେଳ ଖାଇବା ଆଦୌ ସମୀଚିନ ନୁହେଁ ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରକୁ ନେଇ ପାକିସ୍ତାନର ବିଫଳତା ସେଠାକାର ସେନାଧିକାରୀଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଥିବାରୁ ଏବେ ଜଣକ ପରେ ଜଣେ ଏଭଳି ବୟାନ ଜାରି କରିବାରେ ଲାଗିଛନ୍ତି ବୋଲି ମଧ୍ୟ ବିଭିନ୍ନ ସ୍ତରରେ ଆଲୋଚିତ ହେଉଛି।

## ରୁଷିଆ ଉପରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ

# ମସ୍କୋ ଆକାଶରେ ୪୫ ମିନିଟ୍ ଚକ୍କର କାଟିଲା ଭାରତୀୟ ସାଂସଦଙ୍କ ବିମାନ

■ **ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି):** 'ଅପରେସନ ସିନ୍ଦୂର ଆଉଟ୍‌ରିଚ୍' କାର୍ଯ୍ୟକ୍ରମରେ ଡିଏମକେ ସାଂସଦ କାନିମୋଝିଙ୍କ ନେତୃତ୍ୱରେ ଏକ ୬ ଜଣିଆ ସାଂସଦ ପ୍ରତିନିଧି ଦଳ ଗୁରୁବାର ରାତିରେ ରୁଷିଆରେ ପହଞ୍ଚିଛନ୍ତି। ସେମାନେ ଡୋମଡିଡୋଭୋ ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ଭାରତୀୟ ରାଷ୍ଟ୍ରଦୂତ ବିନୟ କୁମାର ସେମାନଙ୍କୁ ସ୍ୱାଗତ କରିଥିଲେ। ହେଲେ ଏହି ବିମାନଟି ଡ୍ରୋନ ଆକ୍ରମଣ ଯୋଗୁଁ ବହୁ ସମୟ ଧରି ମଝି ଆକାଶରେ ଫସି ରହିଥିଲା। ମସ୍କୋକୁ ଟାର୍ଗେଟ କରି ୟୁକ୍ରେନ ପକ୍ଷରୁ ଡ୍ରୋନ ଆକ୍ରମଣ କରାଯାଇଥିଲା ବେଳେ ଭାରତୀୟ ବିମାନ ଅବତରଣ ପାଇଁ ସମସ୍ୟା ଉପୁଜିଥିଲା। ଯାହାକୁ ନେଇ ବିମାନଟି ମସ୍କୋ ଆକାଶରେ ୪୫ ମିନିଟ୍‌ରୁ ଅଧିକ ସମୟ ଧରି ଘୁରି ବୁଲିଥିଲା। ପରେ ସବୁଜ ସଙ୍କେତ ମିଳିବା ପରେ ବିମାନଟି ଅବତରଣ କରିଥିଲା। ବିମାନଟି ମସ୍କୋ ଆକାଶରେ ଅବତରଣ ପାଇଁ ପ୍ରସ୍ତୁତ ହେଉଥିଲା ବେଳେ ଏହି ସମୟରେ ୟୁକ୍ରେନର ଡ୍ରୋନ ମାଡ଼ ଏବଂ ଅବତରଣ ପାଇଁ ଉପୁଜିଥିବା ସମସ୍ୟା ସମ୍ପର୍କରେ କାନିମୋଝି ସୂଚନା ଦେଇଛନ୍ତି। ପୂର୍ବରୁ ରୁଷ ରାଷ୍ଟ୍ରପତି ପୁଟିନ ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଆଲୋଚନା ସମୟରେ କହିଥିଲେ ଯେ ଯେତେବେଳେ ଅନ୍ୟ ଦେଶର ସରକାରୀ ପ୍ରତିନିଧିମଣ୍ଡଳୀ ରୁଷିଆ ଆସିଥାଆନ୍ତି ସେତେବେଳେ ୟୁକ୍ରେନ ମସ୍କୋ ▶ପୃଷ୍ଠା-୭

# ଦୁଇଘଣ୍ଟାର ଛୁଆକୁ ପର ହାତକୁ ଟେକିଦେଲା ମା'

**ଦାରିଦ୍ର୍ୟର ତାଡ଼ନା**
**ଉଦ୍ଧାର କଲା ଜିଲ୍ଲା ଶିଶୁ ସୁରକ୍ଷା କମିଟି**

■ **ମାଥିଲି, ୨୩।୫ (ସମିସ):** ମାତ୍ର ଟଙ୍କା କେଇଟା ପାଇଁ ଦୁଇ ଘଣ୍ଟାର ଏକ ନବଜାତ ଶିଶୁପୁତ୍ରକୁ ପରହାତକୁ ଟେକିଦେଲା ମା'। ଆଖିରେ ଆଖିଏ ଲୁହ, ଛାତିରେ ଛାତିଏ କୋହ ଫୁଟି ଆସୁଥିଲେ ହେଁ ବାକି ୨ ଛୁଆଙ୍କ ପାଟିରେ ଦାନା ଦେବା ପାଇଁ ଛାତିକୁ ପଥର କରି ଏ ଚରମ ପଦକ୍ଷେପ ନେଇଥିଲା ମା'। କିନ୍ତୁ ସୌଭାଗ୍ୟକୁ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା କମିଟି ଉକ୍ତ ଶିଶୁକୁ ଉଦ୍ଧାର କରିଛି। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ସଦର ମହକୁମାସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଘଟିଥିବା ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି। ସୂଚନାନୁଯାୟୀ, ଖଇରପୁଟ ବ୍ଲକ୍ ଅନ୍ତର୍ଗତ ଦୁମାଲିଗୁଡ଼ା ଗାଁର ସବିତା ବଟେଙ୍କ ପୂର୍ବରୁ ଦୁଇଟି କନ୍ୟା ସନ୍ତାନ ଥିବା ବେଳେ ଗତକାଲି ସକାଳ ୬ଟାରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଗର୍ଭବତୀ ହେବା ପରେ ମାଥିଲି ଥାନା ନିକଟରେ ଜଣେ ସମ୍ପର୍କୀୟଙ୍କ ଘରେ ଆସି ତିନି ମାସ ରହିଥିଲେ ସବିତା। ଗତକାଲି ସକାଳ ୬ଟାରେ ସେଠାରେ ହିଁ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ହେଲେ ସ୍ୱାମୀ ତାଙ୍କୁ ଆଉ ଗ୍ରହଣ କରୁନଥିବା ବେଳେ ତିନି ସନ୍ତାନକୁ କେମିତି ପାଳିବେ ଭାବି ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଏକ ସ୍ୱେଚ୍ଛାସେବୀ ସଂସ୍ଥାର ମା' ▶ପୃଷ୍ଠା-୭

# ଅନୁଜ କୁମାର ଦାସ ପଟ୍ଟନାୟକ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ

■ **ଭୁବନେଶ୍ୱର, ୨୩।୫ (ସମିସ):** ରାଜ୍ୟ ସରକାର ଶୁକ୍ରବାର ଓଏଏସ୍‌ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଓଏଏସ୍ ଅଧିକାରୀ ଅନୁଜ କୁମାର ଦାସ ପଟ୍ଟନାୟକ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ସେ ପିଏମ୍ ପୋଷଣ ଓ ଏମ୍‌ଏମ୍ ପୋଷଣ ରାଜ୍ୟ ଯୋଜନାର ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ୍ ପୋଷଣ ▶ପୃଷ୍ଠା-୭

## ଦିନକରେ ଦୁଇ ଥର ବସିଲା କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ବୈଠକ

# ଅସନ୍ତୁଷ୍ଟ ନେତାଙ୍କ ମାନଭଞ୍ଜନ

**ନିରଞ୍ଜନ, ପ୍ରସାଦ ଦୁଇ କମିଟିର ଅଧ୍ୟକ୍ଷ ନିଯୁକ୍ତ**

■ **ଭୁବନେଶ୍ୱର, ୨୩।୫ (ସମିସ):** ଗତକାଲି ଅହୋରାତ୍ର ଧାରଣାରେ ବରିଷ୍ଠ ନେତାଙ୍କ ଅନୁପସ୍ଥିତିକୁ ନେଇ ଘନୀଭୂତ ବିବାଦ କଂଗ୍ରେସରେ ସୃଷ୍ଟି ହୋଇଛି କମ୍ପନ। ଏହାର ନକରାତ୍ମକ ବାର୍ତ୍ତା ଏତେ ତୀବ୍ର ଥିଲା ଯେ ତୁରନ୍ତ ଦଳର ରାଜନୈତିକ କମିଟି ବୈଠକ ଆହ୍ୱାନ ହୋଇଛି। ଗୋଟିଏ ଦିନରେ ଦୁଇ ଦୁଇଥର ବୈଠକ ଡ଼କାଯାଇ ଦଳୀୟ ସମସ୍ୟାର ସମାଧାନ ଓ ବରିଷ୍ଠ ନେତାମାନଙ୍କ ମାନଭଞ୍ଜନ କରାଯାଇଛି। ଦଳର ଦୁଇ ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନଙ୍କୁ ଦୁଇଟି କମିଟିର ଅଧ୍ୟକ୍ଷ କରାଯାଇ ଦଳୀୟ ଫାଟରେ କାଦୁଅ ଲେସିଛନ୍ତି ପିସିସି ସଭାପତି ଭକ୍ତଚରଣ।

ସାମାଜିକ ନ୍ୟାୟ ପ୍ରସଙ୍ଗରେ ପିସିସି ସଭାପତିଙ୍କ ଡାକରା ଆୟୋଜିତ ଅହୋରାତ୍ର ଧାରଣା ସ୍ଥଳକୁ ଅନେକ ହେଭିୱେଟ୍ ନ ଆସିବା ଦଳରେ ଯେଉଁ ବିବାଦ ସୃଷ୍ଟି କରିଥିଲା, ତାହାକୁ ସମାଧାନ କରାଯାଇଛି ବୋଲି କୁହାଯାଉଛି। ଗୁରୁବାର ଧାରଣାସ୍ଥଳକୁ ଆସି ନ ଥିବା ନେତାମାନେ ଶୁକ୍ରବାର ସକାଳେ କଂଗ୍ରେସ ଭବନରେ ଆୟୋଜିତ ▶ପୃଷ୍ଠା-୭



### ମେସିନ କରୁଛି କାମ

# ବାହାର ରାଜ୍ୟକୁ ଯାଉଛନ୍ତି ଜବକାର୍ଡଧାରୀ ଶ୍ରମିକ

ମାଳିପୁର,୨୩।୫(ସମିସ)



ସରକାର ଦାଦନ ସମସ୍ୟା ହଟାଇବାକୁ ଯୋଜନା ଉପରେ ଯୋଜନା କରିଚାଲିଛନ୍ତି। କିନ୍ତୁ ଠିକାଦାର, ଯନ୍ତ୍ରୀ ଓ ଅଫିସରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଯୋଜନା ସଫଳ ହୋଇପାରୁନାହିଁ। ଗ୍ରାମାଞ୍ଚଳରେ ଲୋକଙ୍କୁ କାମ ଯୋଗାଇ ଦେବା ଲକ୍ଷ୍ୟରେ (ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ପ୍ରଣୟନ କରାଯାଇଛି। ଗାଁରେ ଥିବା ଶ୍ରମିକଙ୍କୁ କାମ ଯୋଗାଇ ଦେଇ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି କରିବା ଲକ୍ଷ୍ୟରେ ସରକାର ଏହି ଯୋଜନା ପ୍ରଣୟନ କରିଛନ୍ତି। ବିଶେଷକରି ଶ୍ରମିକମାନେ ଯେପରି ନିଜ ଅଞ୍ଚଳରେ କାମରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସରକାର କଡ଼ା ଆଇନ କରିଛନ୍ତି। ତେବେ ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଛି। ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତରେ ସରକାରଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ମେସିନ ଦ୍ୱାରା କାର୍ଯ୍ୟ କରାଯାଉଛି। ଫଳରେ ଜବକାର୍ଡଧାରୀ ବାହାର ରାଜ୍ୟରେ କାମ କରିବାକୁ ଯିବାକୁ ବାଧ ହେଉଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ ଶାସନ ପଞ୍ଚାୟତରେ ମେସିନ ଦ୍ୱାରା ପୁଷ୍କରିଣୀ ପୁନରୁଦ୍ଧାର କାର୍ଯ୍ୟ କରାଯାଉଥିବା ଅଭିଯୋଗ ପଞ୍ଚାୟତବାସୀ ଆଣିଥିବାବେଳେ ପୁନଶ୍ଚ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ଉଦୟପୁର ଗ୍ରାମରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୫ ଲକ୍ଷ ୯୨ ହଜାର ୮୯ ଟଙ୍କା ବ୍ୟୟରେ ଗ୍ରାମ ପୁଷ୍କରିଣୀର ପଙ୍କ ଉଦ୍ଧାର କାର୍ଯ୍ୟ ମେସିନ ଦ୍ୱାରା କରାଯାଉଥିବା ମା' ସିଦ୍ଧ ରାମଚଣ୍ଡି ମହିଳା ମହାସଂଘ ଅଭିଯୋଗ ଆଣିଛି । ଏପରିକି ତରବରିଆ ଭାବେ କାମ ସାରିବା ପାଇଁ ରାତିରେ ମଧ୍ୟ ମେସିନ ଦ୍ୱାରା କାମ କରାଯାଉଛି। ମହାସଂଘର ସଦସ୍ୟଙ୍କ କହିବା ଅନୁଯାୟୀ ଜବକାର୍ଡଧାରୀ ଗରିବ ପରିବାରର ଓ ସେମାନଙ୍କ ସ୍ୱାମୀ ଗ୍ରାମରେ ଶ୍ରମଜୀବୀ ଭାବେ ଜୀବିକା ନିର୍ବାହ କରନ୍ତି। ଗ୍ରାମରେ ଆବଶ୍ୟକତା ଅନୁଯାୟୀ ଶ୍ରମ ରୋଜଗାର ମିଳୁନ ଥିବାରୁ ସରକାରଙ୍କ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ କଲେ ସେମାନଙ୍କ ସଂସାର ଚଳେ। ଯଦି ମେସିନ ଦ୍ୱାରା କାର୍ଯ୍ୟ କରାଯାଏ, ତେବେ ସେମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି। ସରକାରଙ୍କ ଯୋଜନା ପ୍ରହସନରେ ପରିଣତ ହୋଇଛି ବୋଲି ମହିଳା ମହାସଂଘ ଅଭିଯୋଗ ଆଣିଛି। କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ ତଦାରଖ ଦାୟିତ୍ୱରେ ଥିଲେ ବି ଝିଙ୍କିକା ମାରି ବଣି ପୋଷିଲା ଭଳି ନୀତିରେ ଗରିବ ଶ୍ରମିକଙ୍କ ପେଟରେ ଲାତ ମାରି ଉଭୟ ବିଭାଗୀୟ ଅଧିକାରୀ ଠିକାଦାରଙ୍କ ପକେଟ ଗରମ କରିବା ସହିତ ନିଜ ପକେଟ ଗରମ କରୁଛନ୍ତି ବୋଲି ମହାସଂଘ ଅଭିଯୋଗ ଆଣିଛି। ଏଣୁ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ମେସିନ ଦ୍ୱାରା କରାଯାଉଥିବା କାର୍ଯ୍ୟକୁ ବନ୍ଦ କରି ଜବ କାର୍ଡଧାରୀଙ୍କୁ ଶ୍ରମ ଯୋଗାଇ ଦେଇ ରୋଜଗାର ଯୋଗାଇ ଦେବାକୁ ମା' ସିଦ୍ଧ ରାମଚଣ୍ଡୀ ମହିଳା ମହାସଂଘ ସରକାରଙ୍କ ନିକଟରେ ଦାବି ରଖିଛି। ଯଦି ଜବ କାର୍ଡଧାରୀଙ୍କ ରୋଜଗାର ଏଭଳି ଭାବେ ଛଡାଇ ନିଆଯାଏ, ସିଦ୍ଧ ରାମଚଣ୍ଡୀ ମହିଳା ମହାସଂଘ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଘେରାଉ କରିବ ବୋଲି ସଂଘର ସଭାନେତ୍ରୀ ପାଞ୍ଚାଳୀ ମହାନ୍ତି, ସମ୍ପାଦିକା ପ୍ରଣତୀ ପାତ୍ର, ବୀଣାପାଣି ମହାନ୍ତି, ଜ୍ୟୋତିଶ୍ରୀ ଜେନା, ପଦ୍ମିନୀ ଷଡ଼ଙ୍ଗୀ, ସସ୍ମିତା ମାନଧାତା, ଅଞ୍ଜଳି ପରିଡା, ପ୍ରତୀମା ସାମଲ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ● ପ୍ରତିଶ୍ରୁତି ପୂରଣ କଲେ ବିଧାୟକ

## କବର ସ୍ଥାନରେ ଲାଗିଲା ସୋଲାର ଲାଇଟ୍



କୃତଜ୍ଞତା ଜଣାଇଲେ ମୁସଲମାନ ଭାଇଭଉଣୀ

ପଞ୍ଚୁପାଣ୍ଡବ,୨୩।୫(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଥିବା ମୁସଲିମ ବସ୍ତିର କବର ସ୍ଥାନ (ଶ୍ମଶାନ)ରେ ବିଧାୟକ ପାଣ୍ଠିରୁ ସୋଲାର ଲାଇଟ୍ ଲଗାଯାଉଛି। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ନିର୍ବାଚନ ସମୟରେ ବିଭିନ୍ନ ଜାଗାରେ ବିଭିନ୍ନ ସମସ୍ୟା ସମ୍ପର୍କରେ ନିଜେ ବୁଲି ଦେଖିଥିଲେ। ଏସବୁ ସମସ୍ୟାକୁ ପୂରଣ କରିବା ପାଇଁ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଡେରାବିଶ ବ୍ଲକ ମୁସଲିମ ବସ୍ତିର ଲୋକେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କୁ ମସଜିଦ୍ ଓ କବର ସ୍ଥାନ (ଶ୍ମଶାନ) ର ଉନ୍ନତିକରଣ ପାଇଁ ଦାବି କରିଥିଲେ। ଏହାକୁ ବିଧାୟକ ଶ୍ରୀ ମହାପାତ୍ର ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ଥିବା ମୁସଲିମ ବସ୍ତିରେ ଥିବା କବର ସ୍ଥାନରେ ଆଜି ଲାଇଟ୍ ଲଗାଯାଇଛି। ସେହିପରି କୁରୁଙ୍ଗା ପଞ୍ଚାୟତ ଅନ୍ତର୍ଗତ ମଲ୍ଲାପଡ଼ାରେ ଥିବା ଚାରି ଜାଗା, କୁଣିଆପାଳର ହଳଦିଆ ଓ ଗୁଆଳସିଂର ମିର୍ଜାପାଟଣା ଗ୍ରାମର କବର ସ୍ଥାନରେ ସୋଲାର ଲାଇଟ୍ ଲଗାଯାଇଛି। ବିଧାୟକ ପ୍ରତିଶ୍ରୁତି ପୂରଣ କରିଥିବାରୁ ସେକ ଅବଦୁଲ, ସେକ ରିଆସତ୍, ମେହେବୁବ୍ ଅଲ୍ଲୀ, ସେକ ଅଜଗର ଅଲ୍ଲୀ ଖାଁ, ସେକ ରୋସନ୍, ସେକ ସରଫୁଦ୍ଦିନ, ତୋଫାନୀ, ଗୋଲାମ ନବି, ସେକ ଜାହିରଉଦ୍ଦିନ୍ ଓ ମୁସଲିମ ବସ୍ତିର ଲୋକେ ପାଟକୁରା ବିଧାୟକଙ୍କ ସହ ବିଜେଡି ନେତା ସରୋଜ କାନ୍ତ ନାୟକ ଓ ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆହତ ଛାତ୍ରଙ୍କୁ ବିଭିନ୍ନ ମହଲରୁ ସହାୟତା

ଆଳି,୨୩।୫(ସମିସ): ଦେସାହି ଗ୍ରାମର ଛାତ୍ର ପ୍ରଶାନ୍ତ କାଣ୍ଡି ଭୁବନେଶ୍ୱରସ୍ଥ ଏକ ଘରୋଇ ଇଂଜିନିୟରିଂ କଲେଜରେ ଇଲେକ୍ଟ୍ରିକାଲ ଡିପ୍ଲୋମା ପଢୁଥିଲେ। ଆର୍ଥିକ ସମ୍ବଳ ସ୍ୱଚ୍ଛଳ ନ ଥିବାରୁ ପାଠପଢ଼ା ସହ ଏକ ଇଲେକ୍ଟ୍ରି ଦୋକାନରେ ପାର୍ଟଟାଇମ କାମ କରୁଥିଲେ। ତେବେ ପଙ୍ଖା ଲଗାଇବା



ସମୟରେ ଏକ ମହଲା ଛାତରୁ ପଡିଯାଇଥିଲେ। ୨୨ ଦିନ କୋମାରେ ରହିବା ପରେ ଗ୍ରାମବାସୀ, ସ୍ୱାସ୍ଥ୍ୟ କାର୍ଡ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗ ତାଙ୍କ ମୁଣ୍ଡରେ ଦୁଇଥର, ହାତ ଓ ବେକରେ ଅସ୍ତ୍ରୋପଚାର କରାଯାଇଥିଲା। ଗୋଟିଏ ଆଖି ନଷ୍ଟ ହୋଇଯାଇଥିଲା। ବର୍ତ୍ତମାନ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକତା ଥିବାବେଳେ ଏହି ଦୁଃଖଦ ଖବର ପ୍ରସାରଣ ପରେ ଆଳି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା ପ୍ରଣବ ଶୁକ୍ଲାଙ୍କ ନେତୃତ୍ୱରେ ଏକ ମେଡିକାଲ ଟିମ ପ୍ରଶାନ୍ତଙ୍କ ଘରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିବା ସହ ସଡ଼କ ବନ୍ଧୁ ସୁଶାନ୍ତ ତରା ଙ୍କ ଦ୍ୱାରା ଡ୍ରେସିଂ କରାଯାଇଥିଲା। ଏଥିସହ ସହଦେବ ଦାସ ସେବା ସଂସ୍ଥା ପକ୍ଷରୁ ୫ ହଜାର ଟଙ୍କା, ଜୟ ଜଗନ୍ନାଥ ଫାଉଣ୍ଡେସନ ପକ୍ଷରୁ ୧୦ ହଜାର ଟଙ୍କା, ନମୌଜା ଅଞ୍ଚଳର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଚକ୍ରଧର ଦାଶଙ୍କ ପକ୍ଷରୁ ୫ ହଜାର ଟଙ୍କା ପ୍ରଶାନ୍ତଙ୍କ ଚିକିତ୍ସା ପାଇଁ ସହାୟତା ରାଶି ଯୋଗାଇ ଦିଆଯାଇଛି। ପ୍ରଶାନ୍ତଙ୍କ ଚିକିତ୍ସା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ଶୁକ୍ଲା କହିଛନ୍ତି।

## ଚାନ୍ଦୋଳ ବଜାରରେ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ



ଡେରାବିଶ, ୨୩।୫(ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ବଜାର ବସ୍‌ଷ୍ଟାଣ୍ଡରେ ଆଜି ଅପରାହ୍ନରେ ଥଣ୍ଡା ପାନୀୟଜଳ ପ୍ରକଳ୍ପକୁ ସରପଞ୍ଚ ସୁରେନ୍ଦ୍ର ମଲିକ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। କଟକ-ଚାନ୍ଦବାଲି ରାଜରାସ୍ତାରେ ଚାନ୍ଦୋଳ ବସ୍‌ଷ୍ଟାଣ୍ଡ ଏକ ପ୍ରମୁଖ ବସ୍ ରହଣୀ ସ୍ଥଳ ହୋଇଥିବାବେଳେ ପ୍ରତିଦିନ ଏହି ବାଟଦେଇ ଶତାଧିକ ଯାତ୍ରୀବାହୀ ବସ୍ ଯାତ୍ରୀ ପରିବହନ କରିଥା'ନ୍ତି। ଏଥିସହିତ ଚାନ୍ଦୋଳ ବଜାର ଓ ହାଟରେ ଦୈନିକ ହଜାର ହଜାର ଲୋକ କାରବାର ହୋଇଥା'ନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଲୋକଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟଜଳ ଯୋଗାଇ ଦେବା ପାଇଁ ଚାନ୍ଦୋଳ ସରପଞ୍ଚ ଶ୍ରୀ ମଲିକ ପଞ୍ଚାୟତ ପାଣ୍ଠିରୁ ୧ ଲକ୍ଷ ୯୦ ହଜାର ୫୪୪ ଟଙ୍କା ବ୍ୟୟ ଅଟକଳରେ ବସ୍‌ଷ୍ଟାଣ୍ଡରେ ଥଣ୍ଡା ପାନୀୟଜଳ ଯୋଗାଣ ମେସନ୍ ସ୍ଥାପନ କରିଛନ୍ତି। ଏଥିସହିତ ପଞ୍ଚାୟତ ପାଣ୍ଠିରୁ ୧ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟରେ ବସ୍‌ଷ୍ଟାଣ୍ଡ ଓ ଆଖପାଖ ଅଞ୍ଚଳକୁ ଆଲୋକୀକରଣ କରିବା ପାଇଁ ଏକ ହାଇମାଷ୍ଟ ଲାଇଟ୍‌ର ମଧ୍ୟ ଉଦ୍‌ଘାଟନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସରପଞ୍ଚ ଶ୍ରୀ ମଲିକଙ୍କୁ ପଞ୍ଚାୟତର ସମସ୍ତ ୱାର୍ଡ଼ ମେମ୍ବର ଓ ପଞ୍ଚାୟତର ଜନସାଧାରଣ ଏକ ର୍‌ୟାଲିରେ ପଞ୍ଚାୟତ କାର୍ଯ୍ୟାଳୟରୁ ଉଦ୍‌ଘାଟନ ସ୍ଥଳକୁ ପାଛୋଟି ନେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ନିର୍ମଳା ସେଠୀ, ୱାର୍ଡସଭ୍ୟ ଗୀତାଞ୍ଜଳି ମଲିକ, ମୋନାଲିସା ସେଣ, ନିରଞ୍ଜନ ସାହୁ, ସ୍ୱର୍ଣ୍ଣପ୍ରଭା ମହାନ୍ତି, ନିରଞ୍ଜନ ବେହେରା, ରାଜଶ୍ରୀ ସାହୁ, ନିତ୍ୟାନନ୍ଦ ମଲିକ, ଭକ୍ତଚରଣ ଓଝା, ସୁବାସ ନାୟକ, ଭାରତୀ ବେହେରା, ପ୍ରମିଳା ପ୍ରଧାନ, ଲକ୍ଷ୍ମୀପ୍ରିୟା ମଲିକ, ଦୀପକ ସାହୁ, ଦୀପ୍ତିରଞ୍ଜନ ଦାସଙ୍କ ସମେତ ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ରାଉତ ଓ କର୍ମଚାରୀ ନିଖିଳ ମହାନ୍ତି ପରିଚାଳନା କରିଥିଲେ।

## ଚନ୍ଦନନଗରରେ ତ୍ରିରଙ୍ଗା ଶୋଭାଯାତ୍ରା



ପଟ୍ଟାମୁଣ୍ଡାଇ,୨୩।୫(ସମିସ): କଶ୍ମୀରର ପହଲଗାମ ଆକ୍ରମଣର କଡ଼ା ଜବାବ ଦେବା ପାଇଁ ଭାରତ ସରକାରଙ୍କ ଅପରେସନ ସିନ୍ଦୂର ଅପୂର୍ବ ସଫଳତା ହାସଲ କରି ପାକିସ୍ତାନ ମାଟିରେ ଆତଙ୍କବାଦ ଉପରେ ଭାରତର ବିଜୟ ହୋଇଛି। ଭାରତବର୍ଷର ଏକତା ଓ ଅଖଣ୍ଡତା ସୁଦୃଢ଼ କରିବା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗରଠାରେ ରାଷ୍ଟ୍ରୀ ସୁରକ୍ଷା ନାଗରିକ ସମିତି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଚନ୍ଦନନଗର ହାଇସ୍କୁଲ ଛକଠାରୁ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇ ବିଭିନ୍ନ ସ୍ଥାନ ପରିକ୍ରମା କରିବା ପରେ ଦେଉଳିଠାରେ ଶେଷ ହୋଇଥିଲା । ଏଥିରେ ୧୭ ନଂ ଜୋନ କଣ୍ଟାବଣ ମଣ୍ଡଳ ସଭାପତି ସ୍ୱାଗତ ଦାସ, ବିଜେପି ଯୁବନେତା ଆଡଭୋକେଟ ଭାରତ ଭୂଷଣ ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ନେତ୍ରୀ ପ୍ରିୟଙ୍କା ଶତପଥୀ, ଜିଲ୍ଲା ଅନୁସୂଚିତ ଜାତି ସେଲ ସଭାପତି ଅନ୍ତର୍ଯ୍ୟାମୀ ମଲିକ, ଚନ୍ଦନ ପାତ୍ର, ବରିଷ୍ଠ ନେତା ଅଶୋକ ମଲିକ, ପ୍ରାକ୍ତନ ସେନା କର୍ମଚାରୀ ପ୍ରଦୀପ ସାହୁ ଓ ହେମନ୍ତ ସାହୁ, ବିପିନ ନାୟକ ପ୍ରମୁଖ ବହୁ ବିଜେପି ନେତା, କର୍ମକର୍ତ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।

## ମହାକାଳପଡ଼ା ଓ ମାର୍ଶାଘାଇରେ ଖୋଲିବ ମୁଗମଣ୍ଡି

ମହାକାଳପଡ଼ା,୨୩।୫(ସମିସ): ମହାକାଳପଡ଼ା ବ୍ଲକର ୩ଟି ସମବାୟ ସମିତିରେ ସରକାରୀ ମୁଗ, ବିରି ମଣ୍ଡି ଖୋଲାଯାଇ ଚଳିତ ବର୍ଷ ଚାଷୀଙ୍କଠାରୁ ରବି ଫସଲର ମୁଗ ବିରି, ଚିନାବାଦାମ, ସୂର୍ଯ୍ୟମୁଖି ଆଦି ତୈଳବୀଜ ସଂଗ୍ରହ କରାଯିବ। ମାର୍କଫେଡ଼ ଓ ବିଭିନ୍ନ ସମବାୟ ସମିତି ଅଧୀନରେ ଏହି ସରକାରୀ ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ସିଧାସଳଖ ସରକାର ମୁଗ, ବିରି ଆଦି ସଂଗ୍ରହ କରିବେ। ଅଗଷ୍ଟ ୧୮ ତାରିଖ ପର୍ଯ୍ୟନ୍ତ ଏହି ମଣ୍ଡି ଖୋଲା ରହିବ। ଅନଲାଇନରେ ଚାଷୀ ପଞ୍ଜୀକରଣ କରି ନିଜର ବଳକା ମୁଗ, ବିରି ଆଦି ବିକ୍ରୟ କରିପାରିବେ। ମୁଗ କ୍ୱିଣ୍ଟାଲ ପ୍ରତି ୮୬୮୨ ଟଙ୍କା ସରକାରୀ ମୂଲ୍ୟ ଧାର୍ଯ୍ୟ ରଖାଯାଇଥିବାବେଳେ ବିରି କ୍ୱିଣ୍ଟାଲ ପିଛା ୭୪୦୦ ରହିଛି। ଛତର ପ୍ରାଥମିକ କୃଷି ସମବାୟ ସମିତି, ବିଜୟନଗର ପ୍ରାଥମିକ କୃଷି ସମବାୟ ସମିତି ଓ ମହାକାଳପଡ଼ା ପ୍ରାଥମିକ କୃଷି ସମବାୟ ସମିତି ଏ ବର୍ଷର ମୁଗ ବିରି କ୍ରୟ କରିବା ନିମନ୍ତେ ମାର୍କଫେଡ଼ ସହିତ ଚୁକ୍ତି କରିଥିବା ଜଣାପଡିଛି। ସେହିପରି ପୂର୍ବବର୍ଷ ଭଳି ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତିରେ ମଣ୍ଡି ଖୋଲାଯିବାର ବ୍ୟବସ୍ଥା ରହିଛି। ଚାଷୀମାନଙ୍କ ଅବଗତି ନିମନ୍ତେ ପ୍ରତ୍ୟେକ ମଣ୍ଡିରେ ବ୍ୟାନର ଓ ପ୍ରଚାର ପତ୍ର ମାଧ୍ୟମରେ ପ୍ରଚାର ବ୍ୟବସ୍ଥା କରାଯାଇଥିବାବେଳେ ଜିଲ୍ଲା ପ୍ରଶାସନ ଓ ମାର୍କଫେଡ଼ ପକ୍ଷରୁ ପ୍ରଚାର ଗାଡ଼ି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରଚାର କରି ଚଷୀଙ୍କୁ ସରକାରୀ ମୁଗ ବିରି ମଣ୍ଡି ଖୋଲିବା ଓ ସରକାରୀ ମୂଲ୍ୟ ସମ୍ପର୍କରେ ସଚେତନ କରାଯାଉଛି।

### ● ଘୁଷୁଡ଼ି ଘୁଷୁଡ଼ି ଭଉା ଆଣିବା ଘଟଣା

## ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ବୃଦ୍ଧଙ୍କ ଘରେ ପହଞ୍ଚିଲା ପ୍ରଶାସନ

କେନ୍ଦ୍ରାପଡ଼ା,୨୩।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୋର ଗାଁର ୮୦ ବର୍ଷୀୟ ବୃଦ୍ଧ ଶ୍ରୀଧର ସାହୁ ରାସ୍ତାରେ ଘୁଷୁଡ଼ି ଘୁଷୁଡ଼ି ଭଉା ଆଣିବାକୁ ଯିବା ଖବର ପ୍ରସାରଣ ପରେ ଘଟଣାରେ ହସ୍ତକ୍ଷେପ କରିଛନ୍ତି ଉଚ୍ଚ ନ୍ୟାୟାଳୟ। ଆଜି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଶ୍ରୀଧରଙ୍କ ଘରେ ପହଞ୍ଚି ତାଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଶ୍ରୀଧରଙ୍କ ସମ୍ପର୍କରେ ସଚିବ ଭିଡିଓ କନଫରେନ୍ସ ଜରିଆରେ ଉଚ୍ଚନ୍ୟାୟାଳୟଙ୍କୁ ଅବଗତ କରିଥିଲେ। ରୋଗାକ୍ରାନ୍ତ ଅବହେଳିତ ଅବସ୍ଥାରେ ଘରେ ରହୁଥିବା ଶ୍ରୀଧରଙ୍କ ଘରେ ବିଦ୍ୟୁତ୍ ସଂଯୋଗ ସହିତ ତାଙ୍କୁ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେବା ଓ ସମସ୍ତ ପ୍ରକାର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସହିତ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲୀ ପ୍ରିୟଦର୍ଶିନୀ, ବିଏସଏସଓ ସୁଦୀପ୍ତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କେବଳ ଶ୍ରୀଧର ନୁହଁନ୍ତି ଜିଲ୍ଲାର ସମସ୍ତ ହିତାଧିକାରୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ମଧ୍ୟ ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ନିର୍ଦ୍ଦେଶ ମିଳିଥିବା ସୂଚନା ମିଳିଛି।



## ଦୁର୍ଘଟଣାରେ ସମିତିସଭ୍ୟ ସଂଘ ସଭାପତି ଆହତ



ପଟ୍ଟାମୁଣ୍ଡାଇ,୨୩।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ସମିତି ସଭ୍ୟ ତଥା ପଟ୍ଟାମୁଣ୍ଡାଇ ସମିତି ସଂଘ ସଭାପତି ଅଭୟ ସ୍ୱାଇଁ ଆଜି ଅପରାହ୍ନରେ ଦୁର୍ଘଟଣାରେ ଆହତ ହୋଇଛନ୍ତି। ତାଙ୍କ ହାତ ଭାଙ୍ଗିଯାଇଛି। କେନ୍ଦ୍ରାପଡ଼ା ହସ୍ପିଟାଲରେ ହାତ ପ୍ଲାଷ୍ଟର କରିବା ପରେ ସେ ଘରକୁ ଫେରିଛନ୍ତି। ଆଜି ଅପରାହ୍ନରେ ଅଭୟ ସ୍ୱାଇଁ ବାଇକ୍ ଯୋଗେ ତରଡ଼ିପାଳ ପଞ୍ଚାୟତକୁ ଯାଉଥିବା ସମୟରେ ଗୋପାଳପୁର ନିକଟରେ ଏକ କୁକୁର ହଠାତ୍ ବାଇକ ସାମ୍ନାକୁ ଆସିଯିବା ଫଳରେ ସେ ଦୁର୍ଘଟଣାର ଶିକାର ହୋଇ ତଳେ ପଡିଯାଇ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ପରୀକ୍ଷା ପରେ ତାଙ୍କ ହାତ ଭାଙ୍ଗିଯାଇଥିବାରୁ ଡାକ୍ତର ତାଙ୍କ ହାତ ପ୍ଲାଷ୍ଟର କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରମୁଖ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଗଡ଼ଗଡ଼ି ପୋଲରୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

ରାଜକନିକା,୨୩।୫(ସମିସ): ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଜଣେ ୧୮ ବର୍ଷୀୟ ଯୁବତୀ କୌଣସି କାରଣରୁ ଗଡ଼ଗଡ଼ି ପୋଲ ଉପରୁ ଖରସ୍ରୋତା ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଯୁବତୀ ଜଣକ ପାଣିରେ ବୁଡ଼ିଯାଉଥିବା ଦେଖି ପୋଲରେ ଯାଉଥିବା ଭଦ୍ରକ ଅଞ୍ଚଳର ଦୁଇ ଯୁବକ ସତ୍ୟବ୍ରତ ପ୍ରଧାନ ଓ ବିଶ୍ୱଜିତ ଜେନା ନିଜ ଜୀବନକୁ ବାଜି ଲଗାଇ କୁମ୍ଭୀରକୁ ବେଖାତିର କରି ଯୁବତୀଙ୍କୁ ପାଣିରୁ ଉଦ୍ଧାର କରି ଅଟୋ ଯୋଗେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଯୁବତୀଙ୍କ ଘର ରାଜକନିକା ଅଞ୍ଚଳରେ ଜଣାପଡିଥିବାବେଳେ ପରିଚୟ ମିଳିପାରିନାହିଁ।

## ବିଜେପି ଯୁବନେତା ପରେଶ ସାହୁ ଆହତ

ପଟ୍ଟାମୁଣ୍ଡାଇ,୨୩।୫(ସମିସ): ବିଜେପି ଯୁବନେତା ପରେଶ ସାହୁ ନିକଟରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ତାଳଚୁଆ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବାଇକ ଯୋଗେ ଯାଉଥିବାବେଳେ ବାଟରେ କିଛି ବନ୍ୟଜନ୍ତୁ ଗାଡ଼ି ଆଗକୁ ଚାଲିଆସିବାରୁ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବାଇକ୍‌ରୁ ପଡି ଯୁବନେତା ପରେଶ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଗୋଡ଼, ଆଣ୍ଠୁ ଓ ବେକରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ସେ ଘରେ ରହି ଚିକିତ୍ସାଧୀନ ଅଛନ୍ତି। କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ବିଜେପି ନେତା ଲଳିତ ବେହେରା ଓ ବିଜେପି ଯୁବନେତା ଆଡ଼ଭୋକେଟ ଭାରତ ଭୂଷଣ ଦାସ ପ୍ରମୁଖ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ବ୍ୟବସାୟୀଙ୍କଠାରୁ ୭୦ ହଜାର ଲୁଟ୍

ପଟ୍ଟାମୁଣ୍ଡାଇ,୨୩।୫(ସମିସ): ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ପେଣ୍ଠପାଳ ପଞ୍ଚାୟତ କୂଳସାହି ଗ୍ରାମର ବ୍ୟବସାୟୀ ଚିନ୍ମୟ ବିଶ୍ୱାଳ ଆଜି ଅପରାହ୍ନ ୪ଟା ସମୟରେ ରାସନ ସମାଗ୍ରୀ ଆଣିବା ପାଇଁ ଗଗୁଆ ଯାଉଥିବା ସମୟରେ ଗଗୁଆ-ଚୌଦକୁଲାଟ ରାସ୍ତାରେ କାର୍‌ରେ ବସିଥିବା କିଛି ଲୋକ ରାଜନଗରକୁ ରାସ୍ତା ପଚାରି ବୁଝିଥିଲେ। ଫଳରେ ଚିନ୍ମୟ ବାଇକ୍ ଅଟକାଇ ରାଜନଗରକୁ ରାସ୍ତା କହୁଥିବା ସମୟରେ ଉକ୍ତ କାର୍‌ରୁ ଦୁଇଜଣ ବାହାରି ଆସି ତାଙ୍କ ବେକରେ ଛୁରି ଲଗାଇ ପକେଟରେ ଥିବା ନଗଦ ୭୦ ହଜାର ଟଙ୍କା ଓ ବାଇକ୍ ଚାବି ଲୁଟି ନେଇଥିଲେ। ଖବର ପାଇ କୂଳସାହି ଗ୍ରାମର ଲୋକେ ଘଟଣାସ୍ଥଳରେ ପହଞ୍ଚି ଚିନ୍ମୟଙ୍କୁ ଉଦ୍ଧାର କରିବା ସହିତ ଚୌଦକୁଲାଟ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ସ୍ଥାନୀୟ ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଗଡ଼ଗଡିରେ ଦ୍ୱିତୀୟ ପୋଲ ନିର୍ମାଣ ପାଇଁ ସର୍ଭେ

ରାଜକନିକା,୨୩।୫(ସମିସ): ବ୍ୟସ୍ତବହୁଳ କଟକ-ଚାନ୍ଦବାଲି ରାସ୍ତାର ଉଭୟ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ଉପରେ ଥିବା ଦୁଇଟି ସୁଉଚ୍ଚ ସେତୁ ନିର୍ମାଣ ପାଇଁ ବିଭାଗୀୟ ଆର୍ଥିକ ଅନୁମୋଦନ ପରେ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି। ବ୍ରାହ୍ମଣୀ ନଦୀର ପତରପୁରଠାରେ ନିର୍ମାଣ ହେବାକୁ ଯାଉଥିବା ଦ୍ୱିତୀୟ ସେତୁ ପାଇଁ ଟେଣ୍ଡର ପରେ ଠିକା ସଂସ୍ଥା ନିର୍ମାଣ କାମ ଆରମ୍ଭ କରିବାକୁ ଯାଉଥିବାବେଳେ ସପ୍ତାହେ ହେବ ଖରସ୍ରୋତା ନଦୀର ସେତୁ ପାଇଁ ମାଟି ପରୀକ୍ଷା ଆରମ୍ଭ ହୋଇଛି। କଟକ-ଚାନ୍ଦବାଲି ରାସ୍ତାର ସମ୍ପ୍ରସାରଣ ଅତ୍ୟନ୍ତ ଜରୁରୀ ଥିବାବେଳେ ଉଭୟ ସେତୁ ନିର୍ମାଣ ଅପରିହାର୍ଯ୍ୟ ହୋଇଛି। ନଦୀ ପରିବେଶିତ ରାଜକନିକା ବ୍ଲକ୍‌କୁ ସଡ଼କ ପଥରେ ଜିଲ୍ଲା ସଦର ମହାକୁମା ସହ ଯୋଡ଼ିବା ପାଇଁ ଖରସ୍ରୋତା ନଦୀ ଉପରେ ସେତୁ ନିର୍ମାଣ ଅଞ୍ଚଳବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଥିଲା। ଗତ ୩୦।୩।୨୦୦୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପିତ କରିବା ପରେ ସଡ଼କ ପଥରେ ରାଜକନିକା ବ୍ଲକ ଯୋଡି ହୋଇଥିଲା। ୪୮୪. ୭୮୨ ମିଟର ଲମ୍ବ ଏହି ସେତୁରେ ମୋଟ ୮ଟି ସ୍ପାନ ଥାଇ ଓଡିଶା ସରକାର ଓ ନାବାର୍ଡ ସହାୟତା ପାଣ୍ଠିରେ ନିର୍ମିତ ଏହି ସେତୁ ପାଇଁ ୧୯୮୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହାର ଶୁଭ ଦେଇଥିଲେ। ୧୮ ବର୍ଷ ପରେ ସମ୍ପୂର୍ଣ୍ଣ ହୋଇଥିବା ଏହି ସେତୁ ଲୋକଙ୍କ ଜୀବନଧାରଣ ମାନରେ ଯଥେଷ୍ଟ ସହାୟକ ହୋଇଥିଲା।

## ସେବା ନିବୃତ୍ତ ସୈନିକଙ୍କ ଘରୁ ଚୋରି

ରାଜକନିକା,୨୩।୫(ସମିସ): ରାଜକନିକା ସଦର ଥାନାଠାରୁ ମାତ୍ର କେଇ ମିଟର ଦୂରରେ



ରାଜବାଟୀ କଲୋନୀରେ ଘର କରି ରହୁଥିବା ସେବା ନିବୃତ୍ତ ସୈନିକ ସହଦେବ ନାୟକଙ୍କ ଘରୁ ଚୋରି ହୋଇଛି। ଗତକାଲି ଶ୍ରୀ ନାୟକ ପରିବାର ସହ ଏକ ବାହାଘରକୁ ଯାଇଥିଲେ। ୨୩ ତାରିଖ ସକାଳେ ପହଞ୍ଚି ଘର କବାଟ ଖୋଲାଥିବା ଦେଖିଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ କବାଟ ଭାଙ୍ଗି ଘରେ ଥିବା ଲୁହା ଆଲମିରା ଭାଙ୍ଗି ନଗଦ ୧୦ ହଜାର ଟଙ୍କା, ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ସିସିଟିଭି କଣ୍ଟ୍ରୋଲ ମେସିନ (ଡିଭିଆର୍) ଚୋରି ଯାଇଥିବା ଦେଖିଥିଲେ। ଏ ନେଇ ଶ୍ରୀ ନାୟକ ଥାନାରେ ଏତଲା ଦେଇଥିଲେ। ରାଜକନିକା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଅପରାହ୍ନରେ ସନ୍ଧାନୀ କୁକୁର ସହାୟତା ନିଆଯାଇଥିଲା। ଖୁବଶୀଘ୍ର ଚୋର ଧରାଯିବ ବୋଲି ଥାନା ଅଧିକାରୀ ସଞ୍ଜୟ ମଲ୍ଲିକ ସୂଚନା ଦେଇଛନ୍ତି।

## +୨ ପରୀକ୍ଷାରେ ସବିତା, ପ୍ରଭାତ, ଶୁଭସ୍ମିତା ବ୍ଲକ୍ ଟପ୍ପର

ରାଜନଗର, ୨୩।୫(ସମିସ): +୨ ବାଣିଜ୍ୟ, କଳା ଓ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି। ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର +୨ ବାଣିଜ୍ୟରେ ପ୍ରଭାତ ବାରିକ ୪୫୩ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଭାତ ରାଜନଗର ବ୍ଲକ୍‌ରେ ବାଣିଜ୍ୟ ବିଭାଗରେ ଟପ୍ପର ହୋଇଛନ୍ତି। ତାଙ୍କ ସଫଳତାରେ ଭାରତମାତା କୋଚିଂ ସେଣ୍ଟର ଅଧ୍ୟକ୍ଷ ସଞ୍ଜୟ ବାଗ ଶୁଭେଚ୍ଛା ଜଣାଇଛନ୍ତି। ଏହି ମହାବିଦ୍ୟାଳୟର ଶୁଭସ୍ମିତା ରାଉତ +୨ ବିଜ୍ଞାନରେ ୪୮୬ ମାର୍କ ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ସେହିପରି ନାଗା ନାରାୟଣ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସବିତା ଜାନା କଳାରେ ୫୧୫ ମାର୍କ ରଖି ବ୍ଲକ ଟପର ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବ୍ଲକ ଟପ୍ପର ସବିତାଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ମିଶ୍ର ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ବେହେରା ଓ ଅଧ୍ୟାପକ ଅଧ୍ୟାପିକା ଶୁଭେଚ୍ଛା ଜଣାଇଛନ୍ତି।

### ବ୍ରହ୍ମ ତାଳଧ୍ୱଜ ରଥରେ ଲାଗିବ ୩ଟି ନୂଆ ଅଖ, ୪ଟି ନୂଆ ଚକ ଓ ତିଆରି ହେବ ନୂତନ ଘୋଡ଼ା

# ୪୦ ଲକ୍ଷ ଆର୍ଥିକ ଅନୁଦାନ ପାଇଁ ବଳଦେବଜୀଉ ପ୍ରଶାସନର ଦାବି

କେନ୍ଦ୍ରାପଡ଼ା,୨୩।୫(ସମିସ)



ରାଜ୍ୟ ସରକାରଙ୍କ ପକ୍ଷରୁ ଏଣ୍ଡାଓମେଣ୍ଟ ଅଧୀନରେ ଥିବା ରାଜ୍ୟର ସମସ୍ତ ଜଗନ୍ନାଥ ମନ୍ଦିରର ରଥଯାତ୍ରା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା କରିବା ନେଇ ଘୋଷଣା ହୋଇଛି। ଏହି ଅନୁଦାନ ରାଶି ପାଇବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ସରକାରଙ୍କୁ ଅବଗତ କରାଯିବ। ତୁଳସୀକ୍ଷେତ୍ରର ବଡ଼ଠାକୁର ବଳଦେବଜୀଉଙ୍କ ମନ୍ଦିର ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ରଥଯାତ୍ରା ପାଇଁ ୪୦ ଲକ୍ଷ ଅନୁଦାନ ପାଇଁ ଅନୁରୋଧ କରାଯାଇଥିବା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି। ଗତବର୍ଷ ରଥଯାତ୍ରା ପାଇଁ ନୂତନ ସରକାରଙ୍କ ପକ୍ଷରୁ ମାତ୍ର ୫ ଲକ୍ଷ ଟଙ୍କା ମିଳିଥିଲା। ଏଥିପାଇଁ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ରଥ ଗଢ଼ିବା ସମୟରେ ଅନେକ ବିଭ୍ରାଟ ଦେଖିବାକୁ ମିଳିଥିଲା। ଏହି ବିଭ୍ରାଟରେ ରୋକ ଦେବାକୁ ଏଥର ୩ଟି ନୂଆ ଅଖ, ୪ଟି ନୂଆ ଚକ ଓ ନୂଆ ଘୋଡ଼ା ନିର୍ମାଣ ହେବାର ଯୋଜନା ହୋଇଛି। ସେଥିପାଇଁ କମ୍ ମୂଲ୍ୟରେ ଉତ୍ତମ ମାନର କାଠ ତୁଳସୀକ୍ଷେତ୍ରରେ ପହଞ୍ଚିଛି। ହେଲେ ରଥଯାତ୍ରା ସୁରୁଖୁରୁରେ ହେବା ପାଇଁ ସ୍ୱତନ୍ତ୍ର ବଜେଟ ଓ ଅଧିକ ଅର୍ଥ ଅନୁଦାନ ପାଇଁ ମୁଖ୍ୟ ସଚିବ, ଆଇନ ସଚିବ, ଆଇନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ମାଧ୍ୟମରେ ମନ୍ଦିର ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି। ଅଧିକ ଅନୁଦାନ ମିଳିଲେ ରଥଯାତ୍ରା ସୁରୁଖୁରୁରେ ହେବ ବୋଲି ପୂଜାପଣ୍ଡା ସେବାୟତ ଜ୍ୟୋତିରଞ୍ଜନ ପତ୍ରୀ କହିଛନ୍ତି।


SIDDHI VINAYAK
HIGHER SECONDARY SCHOOL
RESIDENTIAL +2 SCIENCE COLLEGE
PACHHUDIA, JUJHESTIPUR, BALASORE
SVHSS
Above 90%
Permanent Recognized by Govt. of Odisha & Affiliated to CHSE
A Leading Residential +2 Science College with integrated coaching for Medical & Engineering and Excellent Result Since 2010
TOTAL APPEARED - 215
ABOVE 500 MARK 32
1ST DIVISION 204
2ND DIVISION 11
100% Result
CONGRATULATIONS
549 S SATYAPRAGYAN PANIGRAHI R. No.-376AA003
548 PRIYANKA PRADHAN R. No.-376AA122
543 KRISHNA PARHI R. No.-376AA113
542 SHUBHAM KU. PANIGRAHI R. No.-376AA012
541 DEBASHRITA NANDA R. No.-376AA115
540 JIBAN PRADEEP SA R. No.-376AA031
CHSE RESULT ABOVE 500 MARKS
537 AKANKSHYA BARIK R. No.-376AA120
534 SWATILAGNA PARHI R. No.-376AA146
530 HARABRATA DEY R. No.-376AA018
530 SAI SWARUPA KAR R. No.-376AA123
529 BIDYA DEBARSHI SHIAL R. No.-376AA203
524 TRUPTI RANJAN BEHERA R. No.-376AA032
523 JANMEJAY SATAPATHY R. No.-376AA016
518 SAHIL KUNDU R. No.-376AA051
518 MAYANJIT SAHU R. No.-376AA053
517 CHIRANJEEB BEHERA R. No.-376AA014
515 DEBABRATA BEHERA R. No.-376AA024
515 RAJA BARIK R. No.-376AA214
513 SUBHAM KU. MUNDA R. No.-376AA104
513 SNEHASHREE KAR R. No.-376AA116
510 NIHAR RANJAN DANDAPAT R. No.-376AA009
510 JEEBAN KU. DASH R. No.-376AA034
509 RUDRANARAYAN BHOI R. No.-376AA006
509 SHUBHANKAR SAHOO R. No.-376AA209
508 KAUSHIK KU. MALLICK R. No.-376AA042
508 SHANTANU KU. PANDA R. No.-376AA048
506 TRISHNA PANIGRAHI R. No.-376AA124
506 PRAGYAN P. MALIK R. No.-376AA126
503 DEEPAK KU. MOHANTA R. No.-376AA028
501 BINAY KU. SAHOO R. No.-376AA037
500 KARINAREKHA DHAL R. No.-376AA128
500 STHITI PRAJNA SWAIN R. No.-376AA132
ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପାସହାର ୧୦୦ ଶତକଡ଼ା ହୋଇଛି ।
With Best Complements from : Sumanta Kumar Sahu (Principal), Kabir Kumar Madhual (Chairman), Sudhansu Panda (Secretary), Mousam Kumar Singh (President), all Trustees & Staff.
Admission going on for the session 2025-26
For Admission Contact - 9437976583, 9437061219, 7064489000, 7064489001, 7064489005, 7064489015

# ସମ୍ପାଦକୀୟ



କଷ୍ଟକର କାମ କରିବା ପାଇଁ ମୁଁ ଅଳସୁଆ ବ୍ୟକ୍ତିମାନଙ୍କୁ ପସନ୍ଦ କରେ; କାରଣ ସେମାନେ କଷ୍ଟ କାମଟି କରିବା ପାଇଁ ସହଜ ଉପାୟଟିଏ ବାହାର କରନ୍ତି ।
-ବିଲ୍ ଗେଟ୍ସ

ସକାଳ
THE SAKALA

## ମାଓଙ୍କୁ ମାଡ଼

ଗୋଇନ୍ଦା ସୂତ୍ରରୁ ମିଳିଥିବା ଏକ ନିର୍ଭରଯୋଗ୍ୟ ତଥ୍ୟ ନିର୍ଣ୍ଣାୟକ ଚଢ଼ଉ ସକାଶେ ସୁଯୋଗ ସୃଷ୍ଟି କରିଥିଲା । ସିପିଆଇ (ମାଓବାଦୀ) ଓ ପିପୁଲ୍ସ ଲିବରେସନ ଗରିଲା ବାହିନୀର ପଲିଟ୍‌ବ୍ୟୁରୋ ସଦସ୍ୟ ଓ କେନ୍ଦ୍ରୀୟ କମିଟି ନେତା ନକ୍ସଲ ଉପଦ୍ରୁତ ଦାନ୍ତେୱାଡ଼ା, ନାରାୟଣପୁର ଓ ବିଜାପୁର ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଏକତ୍ର ହୋଇଥିଲେ । ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଆଞ୍ଚଳିକ କମିଟିର ନୂତନ ସଂପାଦକ ନିଯୁକ୍ତିକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ କରିବା ଥିଲା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ । ୨୦୧୯ରେ ରମାନ୍ନାଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିବା ପରଠାରୁ ଏହି ସଚିବ ପଦ ଖାଲି ପଡ଼ିଥିଲା । ନେତୃତ୍ୱ ଅଭାବରୁ ପରିଲକ୍ଷିତ ଶିଥିଳତା ଦୂର କରିବା ସଂଗଠନ ସକାଶେ ଜରୁରୀ ହୋଇପଡ଼ିଥିଲା । ତେବେ ନକ୍ସଲଙ୍କୁ ସଂପୂର୍ଣ୍ଣ ରୂପେ ନିପାତ କରିବା ଲକ୍ଷ୍ୟରେ କ୍ରମାଗତ ସୁଚିନ୍ତିତ ଯୋଜନା ପ୍ରସ୍ତୁତି ଚଳାଉଥିବା ବାହିନୀର ମୁଖ୍ୟ ଅବୁଝମାଡ଼ ଜଙ୍ଗଲକୁ ଚତୁର୍ଦ୍ଦିଗରୁ ଘେରଉ କରିବାକୁ ଡିଆରଜି ଓ ଏସଟିଏଫ୍ ଯବାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅପରେସନ ବ୍ଲାକ ଫରେଷ୍ଟ ଦ୍ୱିତୀୟ ଦଫା ମଧ୍ୟ ସଫଳ ହୋଇଛି । ଏହି କାର୍ଯ୍ୟାନୁଷ୍ଠାନରେ ସଂଗଠନର ମହାସଚିବ ନାମ୍ବାଲା କେଶବ ରାଓ ଓରଫ ବାସବରାଜୁଙ୍କ ସମେତ ୩୦ ଜଣ ନକ୍ସଲ୍ ନିହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ସଂଗଠନର କିଛି ପ୍ରଭାବଶାଳୀ ନେତା ଓ ସୁଦକ୍ଷ କ୍ୟାଡର ଥିବାର ଅନୁମାନ କରାଯାଉଛି । ଜବତ ହୋଇଥିବା ୨୭ଟି ମୃତଦେହକୁ ଏ ପର୍ଯ୍ୟନ୍ତ ଚିହ୍ନଟ କରାଯାଇପାରିନାହିଁ । ଏହି ସଂଘର୍ଷ ଓ ଗୁଳିବିନିମୟରେ ଜଣେ ଡିଆରଜି ଯବାନ ନିହତ ଓ ଏକାଧିକ ଆହତ ହୋଇଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ ସଂଗଠନକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇଲା ଭଳି ନେତୃତ୍ୱ ଅଭାବ ଆଗକୁ ପରିଲକ୍ଷିତ ହେବ । ଏହା ନକ୍ସଲ ଆନ୍ଦୋଳନକୁ ନିଶ୍ଚିହ୍ନ କରିଦେବା ସକାଶେ ସରକାର ଯେଉଁ ଯୋଜନା ପ୍ରସ୍ତୁତ କରିଛନ୍ତି ତାହାକୁ ସାକାର କରିବାରେ ସହାୟକ ହେବ ।

ଚାରୁ ମଜୁମଦାର ଓ କାହ୍ନୁ ସାନ୍ୟାଲଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସଶସ୍ତ୍ର ନକ୍ସଲ ଆନ୍ଦୋଳନରେ ବହୁ ଶିକ୍ଷିତ ଓ ବୁଦ୍ଧିଜୀବୀ ସଂଶ୍ଳିଷ୍ଟ ହୋଇଥିଲେ । ସତୁରୀ ଦଶକରେ ଏହି ଆଦର୍ଶଗତ ସଂଗ୍ରାମ ଯେ ନିରାଧାର ଓ ନିରର୍ଥକ ଏକଥା ବୁଝିବାକୁ ବେଶ୍ ସମୟ ଲାଗିଥିଲା । ଆଦର୍ଶଗତ ବିଦ୍ୱେଷ ଓ ବିଭେଦ ମଧ୍ୟରେ ବହୁ ପରିବର୍ତ୍ତନ ଘଟିଛି ଏହି ସଂଗଠନରେ । ୱାରାଙ୍ଗଲ ଆଞ୍ଚଳିକ ଇଂଜିନିୟରିଂ କଲେଜରୁ ବି.ଟେକ୍ ପାସ୍ କରିଥିବା ବାସବରାଜୁ ଜଣେ କମାଣ୍ଡର ଭାବେ ସଂଗଠନରେ ଯୋଗଦେଇ ୨୦୧୮ରୁ ମହାସଚିବ ରୂପେ ନେତୃତ୍ୱ ନେଇଥିଲେ । ପରିବର୍ତ୍ତିତ ପରିସ୍ଥିତିରେ ସେ ଜଳ, ଜଙ୍ଗଲ ଓ ଜମି ଅଧିକାରକୁ ଆଧାର କରି ବନବାସୀ ଓ ଆଦିବାସୀଙ୍କ ସମର୍ଥନ ହାସଲ କରିଥିଲେ । ଏଠାରେ ମନେ ରଖିବାକୁ ହେବ ଯେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ସନ୍ତ୍ରାସ ଓ ସଂଘର୍ଷର ସ୍ଥାନ ନାହିଁ । ଏହି ସମର୍ଥନ ଆଧାରରେ ପ୍ରତିନିଧିତ୍ୱ କରି ସମସ୍ୟା ସମାଧାନର ଥିବା ସୁଯୋଗ ପ୍ରତି ସେମାନଙ୍କୁ ଆକର୍ଷିତ କରାଯାଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ କି ଅତୀତରେ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସକାଶେ ଆତ୍ମସମର୍ପଣର ସୁଯୋଗ ସୃଷ୍ଟି କରାଯାଇଥିଲା । ଯେତେଦୂର ମନେହୁଏ ବାସବରାଜୁଙ୍କ ପରେ ସଂଗଠନକୁ ନେତୃତ୍ୱ ଦେବାର ଦକ୍ଷତା ଆଉ କାହାର ଥିଲା ଭଳି ମନେ ହେଉନି । ଆଗକୁ ମାଧବୀ ହିଡମାଙ୍କ ନେତୃତ୍ୱ କେତେଦୂର ସକ୍ଷମ ହେବ ସେ ନେଇ ସନ୍ଦେହ ରହିଛି । ତେଣୁ ଅଯଥା ରକ୍ତପାତ ନ କରି ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଏକ ସୁଯୋଗ ସୃଷ୍ଟି କରାଯାଇପାରେ ।

ସରକାରଙ୍କ ସଂକଳ୍ପବଦ୍ଧ କାର୍ଯ୍ୟାନୁଷ୍ଠାନରେ ଲାଲଗଡ଼ ଦୁର୍ଗ ପତନ ଅବଶ୍ୟମ୍ଭାବୀ ହୋଇ ପଡ଼ିଥିବା ବେଳେ ନକ୍ସଲଙ୍କ ପକ୍ଷରୁ ମାସକ ତଳେ ଆପୋସ ଆଲୋଚନା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ସରକାରଙ୍କ ଏ ନେଇ ନିରବତାରୁ ସ୍ପଷ୍ଟ ହୋଇଥିଲା ଯେ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଜାରି ରହିବ । ସଂଗଠନର ମୁଖିଆ ବାସବରାଜୁଙ୍କ ନିଧନ ପରେ କ୍ୟାଡରଙ୍କ ପକ୍ଷରେ ଆତ୍ମସମର୍ପଣ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ଆମକୁ ଏଠାରେ କହିବାକୁ ପଡୁଛି ଯେ ପ୍ରତିକୂଳ ସମୟ ସହ ଲଢ଼ିବା ଏତେ ସହଜ ନୁହେଁ, ସୁଯୋଗ ବାର ବାର ଆସେ ନାହିଁ । ସରକାରଙ୍କ କୋହଳ ମନୋବୃତ୍ତିର ସୁଯୋଗ ନେଇ ସେମାନେ କେବଳ ଦୌରାତ୍ମ୍ୟ ଜାରି ରଖି ନ ଥିଲେ, ଉନ୍ନୟନ କାର୍ଯ୍ୟର ବାଧକ ସାଜିଥିଲେ । ନିରାପତ୍ତାରକ୍ଷୀ, ସୁରକ୍ଷା ବାହିନୀଙ୍କ ବିରୋଧରେ କ୍ରମାଗତ ଧମାକା ସୃଷ୍ଟି କରି ସେମାନଙ୍କ ନିଧନର କାରଣ ସାଜିଥିଲେ । ଏଠାରେ ସୂଚାଇ ଦିଆଯାଇପାରେ କି ଛତିଶଗଡ଼ କଂଗ୍ରେସ ସଭାପତି ମହେନ୍ଦ୍ର ବର୍ମା ଓ ଟିଡିପି ବିଧାୟକ ଟି. ସର୍ବେଶ୍ୱର ରାଓଙ୍କ ହତ୍ୟା ଘଟଣାରେ ଖୋଦ ବାସବରାଜୁ ସାମିଲ ଥିଲେ । ସେ ଥିଲେ ଦୁର୍ଦ୍ଧର୍ଷ ଓ ଦୁର୍ଦ୍ଦାନ୍ତ ନକ୍ସଲ ନେତା । ଯାହାଙ୍କ ଯୋଜନାବଦ୍ଧ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନରେ ୭୪ ଜଣ ସୁରକ୍ଷା କର୍ମୀ ସହିଦ ହୋଇଥିଲେ । ତଥ୍ୟ କହେ ଯେ, ସୁକୁମା ଆଇଇଡି ବିସ୍ଫୋରଣ, ଗଛେଡିଲି ଲ୍ୟାଣ୍ଡ ମାଇନ ବିସ୍ଫୋରଣ, ସୁକୁମା-ବିଜାପୁର ଅତର୍କିତ ଆକ୍ରମଣ, ଦାନ୍ତେୱାଡା ଓ ବିଜାପୁର ଆଇଇଡି ବିସ୍ଫୋରଣ ଭଳି ସଂଗିନ ଆତଙ୍କୀ ଆକ୍ରମଣ ତାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା । ଛତିଶଗଡ଼ ସରକାର ତାଙ୍କ ମୁଣ୍ଡ ପାଇଁ କୋଟିଏ ଟଙ୍କା ପୁରସ୍କାର ଘୋଷଣା କରିଥିଲେ । ଏହାବ୍ୟତୀତ ଓଡ଼ିଶା, ଆନ୍ଧ୍ର ଓ ତେଲଙ୍ଗାନା ସରକାରଙ୍କ ପକ୍ଷରୁ ମଧ୍ୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା । ସେ ସୁରକ୍ଷାକର୍ମୀଙ୍କ ନିଶାଣରେ ଥିଲେ ମଧ୍ୟ ଗୋଟିକ ପରେ ଗୋଟିଏ ବିପର୍ଯ୍ୟୟ ଘଟାଇ ଏ ରାଜ୍ୟରୁ ସେ ରାଜ୍ୟକୁ ବେଶ ଚତୁରତାର ସହ ପଳାଇଯାଇ ଆଶ୍ରୟ ନେଇଥିବାରୁ ଏ ପର୍ଯ୍ୟନ୍ତ ସୁରକ୍ଷିତ ଥିଲେ । ଅବୁଝମାଡ଼ ନିଷିଦ୍ଧାଞ୍ଚଳରେ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂପର୍କରେ ସଠିକ ଗୋଇନ୍ଦା ତଥ୍ୟ ତାଙ୍କ ସମେତ ସଂଗଠନର ଅନ୍ୟ ପ୍ରମୁଖଙ୍କ ନିଧନ ପାଇଁ ସୁଯୋଗ ସୃଷ୍ଟି କରିଥିଲା ।

ଏହି ଘଟଣାକ୍ରମରେ କେତେ ମଲେ, କେତେ ରହିଲେ ତାହାର ହିସାବ ଯେତେ ବଡ଼କଥା ନୁହେଁ, ବଡ଼କଥା ହେଉଛି ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲଙ୍କ ଆତଙ୍କରୁ ମୁକ୍ତ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଯେଉଁ ଘୋଷଣା କରିଥିଲେ ତାହା ଯେ ସାକାର ହେବ ଏକଥା ନିଶ୍ଚିତ ହୋଇଯାଇଛି । ଆଗାମୀ ଦିନରେ ସଂଗଠନ ନେତୃତ୍ୱ ଅଭାବରୁ ବାଟ ହୁଡ଼ିବା ଏକପ୍ରକାର ଥୟ । ତେଣୁ ଲଢ଼େଇ ବଦଳରେ ଆତ୍ମସମର୍ପଣ ହିଁ ବହୁକର୍ମୀଙ୍କ ପାଇଁ ଜୀବନରକ୍ଷାର ମାଧ୍ୟମ ହେବ । ଆଗାମୀ ଦିନରେ ଓଡ଼ିଶା, ଛତିଶଗଡ଼ ଓ ତେଲଙ୍ଗାନାର ଏଭଳି ବହୁ ଅନଗ୍ରସର ଅଞ୍ଚଳ ଅଛି, ଯାହାର ବିକାଶ ନକ୍ସଲଙ୍କ କାର୍ଯ୍ୟକଳାପ ଯୋଗୁଁ ସମ୍ଭବ ହେଉନଥିଲା । ଏହି ସଫଳତା ସେଥିପାଇଁ ନିଶ୍ଚୟ ପଥ ପରିଷ୍କାର କରିବ ।

## ଜୈବବିବିଧତାର ଗୁରୁତ୍ୱ

**ହିମାଂଶୁ ଶେଖର ଫତେସିଂହ**

ସୌରଜଗତରେ ଏକ ମାତ୍ର ଜୀବନ୍ତ ଗ୍ରହ ହେଉଛି ପୃଥିବୀ । ଏଥିରେ ଅସଂଖ୍ୟ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦ ପରିଦୃଷ୍ଟ ହୋଇଥା'ନ୍ତି । ଏଗୁଡ଼ିକ ମଧ୍ୟରେ କ୍ଷୁଦ୍ରାତିକ୍ଷୁଦ୍ର ଏକକୋଷୀ ପ୍ରାଣୀ ଏମିବାଠାରୁ ଆରମ୍ଭ କରି ବିଶାଳକାୟ ପ୍ରାଣୀ ନୀଳତିମି ପର୍ଯ୍ୟନ୍ତ ଏବଂ ଏକକୋଷୀ ଉଦ୍ଭିଦ ନୀଳହରିତ ଶୈବାଳ ଶ୍ରେଣୀୟ କ୍ଲାମାଇଡୋମାନସ୍‌ଠାରୁ ଆରମ୍ଭ କରି ବୃହତ ଉଦ୍ଭିଦ ସିକ୍ୱୋଇଆ ବା ରେଡ୍‌ଉଡ୍ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ । ପୃଥିବୀରେ ଜୀବଜଗତରେ ରହିଥିବା ଏହିପରି ବିବିଧତାକୁ ଜୈବବିବିଧତା(ବାୟୋଡାଇଭର୍ସିଟି) କୁହାଯାଏ । ବୈଜ୍ଞାନିକମାନଙ୍କ ମତରେ ପୃଥିବୀର ପରିସଂସ୍ଥାଗୁଡ଼ିକରେ ପ୍ରାଣୀ, ଉଦ୍ଭିଦ ଓ ଅଣୁଜୀବଗୁଡ଼ିକ ମଧ୍ୟରେ ଥିବା ବିବିଧତା ଓ ପରିବର୍ତ୍ତନଶୀଳ କ୍ଷମତାକୁ ଜୈବବିବିଧତା କୁହାଯାଇଥାଏ । ଏହା ମଧ୍ୟରେ ଯେକୌଣସି ଏକ ଜୀବ ଜାତି ମଧ୍ୟରେ ଥିବା ଆନୁବଂଶିକ ବା ଜୀନୀୟ ବିବିଧତା, ଜାତି-ଜାତି ମଧ୍ୟରେ ଥିବା ବିବିଧତା ଏବଂ ପରିସଂସ୍ଥା ଜୈବବିବିଧତା ଅନ୍ତର୍ଭୁକ୍ତ ।

ବୈଜ୍ଞାନିକମାନଙ୍କ ମତରେ ପୃଥିବୀର ପରିସଂସ୍ଥାଗୁଡ଼ିକରେ ସମୁଦାୟ ୧୩ ନିୟୁତ ପ୍ରଜାତିର ଜୀବ ରହିଛନ୍ତି । ତେବେ ଏଗୁଡ଼ିକମଧ୍ୟରୁ ମାତ୍ର ୧୭ ଲକ୍ଷ ୫୦ ହଜାର ପ୍ରଜାତିର ଚିହ୍ନଟ ଓ ବର୍ଗୀକରଣ କରାଯାଇପାରିଛି । ଏହି ବର୍ଗୀକୃତ ଜୀବ ପ୍ରଜାତିଗୁଡ଼ିକ ମଧ୍ୟରେ ୧୦ ଲକ୍ଷ ପ୍ରଜାତିର କୀଟପତଙ୍ଗ, ୨ ଲକ୍ଷ ୭୦ ହଜାର ପ୍ରଜାତିର ସପୁଷ୍ପକ ଉଦ୍ଭିଦ, ୫୪୯୦ ପ୍ରଜାତିର ସ୍ତନ୍ୟପାୟୀ, ୧୦୦୨୭ ପ୍ରଜାତିର ପକ୍ଷୀ, ୯୦୮୪ ପ୍ରଜାତିର ସରୀସୃପ, ୬୬୩୮ ପ୍ରଜାତିର ଉଭୟଚର, ୩୧,୭୦୦ ପ୍ରଜାତିର ମତ୍ସ୍ୟ, ୧୦୨୨୪୮ ପ୍ରଜାତିର ଆରାକନିଡ୍, ୮୫୦୦୦ ପ୍ରଜାତିର କମ୍ବୋଜ, ୭୨,୦୦୦ ପ୍ରଜାତିର କବକ, ୧୬,୨୩୬ ପ୍ରଜାତିର ମସ୍ ଓ ୧୨୦୦୦ ପ୍ରଜାତି ଫର୍ଣ୍ଣ ଅନ୍ତର୍ଭୁକ୍ତ ।

ଭାରତରେ ଜଳବାୟୁ ଓ ଭୌଗୋଳିକ ଅବସ୍ଥିତିରେ ଭିନ୍ନତା ହେତୁ ଏହାର ଜୈବବିବିଧତା ପୃଥିବୀରେ ଅନନ୍ୟ । ଏହା ଦକ୍ଷିଣରେ ନିରକ୍ଷ ବୃତ୍ତଠାରୁ ଆରମ୍ଭ କରି ଉତ୍ତରରେ କର୍କଟ କ୍ରାନ୍ତିର ଉପରିଭାଗ ପର୍ଯ୍ୟନ୍ତ ବିସ୍ତୃତ । ଏହାର ଉତ୍ତରସ୍ଥ ବରଫାବୃତ ହିମାଳୟ ପର୍ବତମାଳା, ଦକ୍ଷିଣସ୍ଥ ଉଷ୍ଣମଣ୍ଡଳୀୟ ଚିରହରିତ ଅରଣ୍ୟ ଅଞ୍ଚଳ, ପଶ୍ଚିମସ୍ଥ ରାଜସ୍ଥାନ ଉଷ୍ଣ ମରୁଭୂମି ଓ ପୂର୍ବ ଭାଗସ୍ଥ ସୁନ୍ଦରବନ ଏବଂ ଭିତରକନିକା ଲୁଣାଜଙ୍ଗଲ ଜୈବବିବିଧତାରେ ପରିପୂର୍ଣ୍ଣ । ପୃଥିବୀର ୧୭ଟି ମହାଜୈବବିବିଧତା ପରିପୂର୍ଣ୍ଣ ଦେଶ ମଧ୍ୟରୁ ଭାରତ ଗୋଟିଏ । ପୃଥିବୀର ଜୈବବିବିଧତାର ୭୦ପ୍ରତିଶତ ଏହି ୧୭ଟି ଦେଶରେ ପରିଦୃଷ୍ଟ ହୋଇଥାଏ । ଭାରତର ଭୂଭାଗ ପୃଥିବୀର ଭୂଭାଗର ପ୍ରାୟ ୨.୪ ପ୍ରତିଶତ ହୋଇଥିଲେ ମଧ୍ୟ ପୃଥିବୀର ୭ ରୁ ୮ ପ୍ରତିଶତ ଜୀବଜାତି ଏଥିରେ ଦେଖାଯାଇଥାଏ । ଭାରତରେ ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରଜାତିର ଜୀବ ରହିଥିବା ନେଇ ଆକଳନ କରାଯାଇଛି । ଏଗୁଡ଼ିକ ମଧ୍ୟରୁ ପ୍ରାୟ ୧,୩୬,୫୦୦ ପ୍ରଜାତିର ଜୀବଙ୍କୁ ଚିହ୍ନଟ ଓ ବର୍ଗୀକରଣ କରାଯାଇଛି । ଏଗୁଡ଼ିକ ମଧ୍ୟରେ ୯୦,୦୦୦ ପ୍ରଜାତିର ପ୍ରାଣୀ ଓ ୪୬,୫୦୦ ପ୍ରଜାତିର ଉଦ୍ଭିଦ ଅନ୍ତର୍ଭୁକ୍ତ । ଏଗୁଡ଼ିକ ମଧ୍ୟରେ ୧୨.୬ ଭାଗ ସ୍ତନ୍ୟପାୟୀ, ୪.୫ ଭାଗ ପକ୍ଷୀ, ୪୫.୮ ଭାଗ ସରୀସୃପ, ୮୮.୮ ଭାଗ ଉଭୟଚର ପ୍ରାଣୀ ଓ ୩୩ ଭାଗ ଉଦ୍ଭିଦ ପ୍ରଜାତି ସ୍ଥାନିତ । ଅର୍ଥାତ ଏହି ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀଗୁଡ଼ିକ ପୃଥିବୀର ଅନ୍ୟ କୌଣସି ଅଞ୍ଚଳରେ ଦେଖାଯାଆନ୍ତି ନାହିଁ । ଧାନ, ଆଖୁ, ଆମ୍ବ, ଲେମ୍ବୁ, କଖାରୁ, ଝୋଟ, କଦଳୀ ଆଦି ଅନେକ ପ୍ରଜାତିର ଉଦ୍ଭିଦ ଭାରତରେ ଜାତ ହୋଇ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳକୁ ପରିବ୍ୟାପ୍ତ ହୋଇଛନ୍ତି । ପୃଥିବୀର ସମୁଦାୟ ୩୪ଟି ଜୈବବିବିଧତା ସମୃଦ୍ଧ ଅଞ୍ଚଳ ମଧ୍ୟରୁ ଭାରତରେ ତିନି ଗୋଟି ଅବସ୍ଥିତ । ସେଗୁଡ଼ିକ ହେଲା ପଶ୍ଚିମଘାଟ ପର୍ବତମାଳା, ପୂର୍ବ ହିମାଳୟ ପର୍ବତମାଳା ଓ ଇଣ୍ଡୋ-ବର୍ମା ଅଞ୍ଚଳ ।

ପରିବେଶୀୟ ସନ୍ତୁଳନ ଓ ସ୍ଥିରତା ରକ୍ଷାରେ ଜୈବବିବିଧତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମନୁଷ୍ୟ ଓ ଜୀବଜଗତ ପାଇଁ ଏହା ଅପରିହାର୍ଯ୍ୟ । ମନୁଷ୍ୟର ଯାବତୀୟ ଆବଶ୍ୟକତା ପୂରଣ ସହିତ ପୋଷଣୀୟ ବିକାଶରେ ଏହାର ଯଥେଷ୍ଟ ଆବଶ୍ୟକତା ରହିଛି । ପୃଥିବୀରେ ୩୦୦ କୋଟି ଲୋକଙ୍କର ପଶୁଜାତ ପୃଷ୍ଟିସାରର ୨୦ପ୍ରତିଶତ ମତ୍ସ୍ୟରୁ ଉପଲବ୍ଧ ହୋଇଥାଏ । ସେହିପରି ପୃଥିବୀରେ ମାନବ ଜାତିର ସମୁଦାୟ ଖାଦ୍ୟ ଆବଶ୍ୟକତାର ୮୦ ପ୍ରତିଶତ ଉଦ୍ଭିଦରୁ ମିଳିଥାଏ । ତିନି ଗୋଟି ଖାଦ୍ୟଶସ୍ୟ ଯଥା ଧାନ, ଗହମ ଓ ମକା ପୃଥିବୀର ପ୍ରାୟ ୫୦ ଭାଗ ଖାଦ୍ୟ ଆବଶ୍ୟକତା ପୂରଣ କରିଥାଏ । ଏହାବ୍ୟତୀତ ଅନେକ ଉଦ୍ଭିଦ ପ୍ରଜାତିକୁ କୃଷିକ୍ଷେତ୍ରରେ ବ୍ୟବହାର କରି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଖାଦ୍ୟ ଉତ୍ପାଦନ ବୃଦ୍ଧି କରାଯାଇପାରୁଛି । ଅନ୍ୟ କେତେକ ପ୍ରଜାତିର ଉଦ୍ଭିଦ ମନୁଷ୍ୟକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ଉଦ୍ଦିଷ୍ଟ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ପ୍ରକାଶିତ ରିପୋର୍ଟରୁ ଜଣାଯାଏ ଯେ, ପୃଥିବୀର ଗ୍ରାମାଞ୍ଚଳର ପ୍ରାୟ ୮୦ ପ୍ରତିଶତ ଲୋକ ଔଷଧ ପାଇଁ ପ୍ରକୃତିର ବିଭିନ୍ନ ଉଦ୍ଭିଦ ଉପରେ ନିର୍ଭର କରିଥା'ନ୍ତି । ବହୁ ଔଷଧ କମ୍ପାନୀ ଔଷଧ ପ୍ରସ୍ତୁତି ପାଇଁ ଉଦ୍ଭିଦଜାତ କଞ୍ଚାମାଲ ଉପରେ ନିର୍ଭର କରିଥା'ନ୍ତି । ପର୍ଯ୍ୟଟନ, ଚିତ୍ତବିନୋଦନ, ସୌନ୍ଦର୍ଯ୍ୟବର୍ଦ୍ଧନ ଆଦି କ୍ଷେତ୍ରରେ ଜୈବବିବିଧତା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ବର୍ତ୍ତମାନ କାଳରେ ଜୈବବିବିଧତା ଉପରେ ନିର୍ଭରଶୀଳ ପ୍ରକୃତି ପର୍ଯ୍ୟଟନ ଅର୍ଥନୈତିକ ସମୃଦ୍ଧି କ୍ଷେତ୍ରରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି । ଏହାବ୍ୟତୀତ ଜୈବବିବିଧତାର ବୈଜ୍ଞାନିକ ମୂଲ୍ୟ ଓ ଅନ୍ତର୍ନିହିତ ମୂଲ୍ୟ ମଧ୍ୟ ରହିଛି । ପରିବେଶ ସୁରକ୍ଷା, ବନ ପରିଚାଳନା, କୃଷି ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଜୈବବିବିଧତାକୁ ଉପଯୋଗ କରାଯାଇପାରୁଛି । ପ୍ରକୃତିରେ ସମସ୍ତ ଜୀବଜାତିର ଜିନୀୟ ଭଣ୍ଡାରକୁ ମାନବ କଲ୍ୟାଣରେ ବ୍ୟବହାର କରାଯାଇପାରୁଛି ।

ବିଗତ ବର୍ଷଗୁଡ଼ିକରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ହେତୁ ଶିଳ୍ପ, କୃଷି, ଶକ୍ତି ଉତ୍ପାଦନ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟରେ ଅଗ୍ରଗତି ଘଟିଛି । ବାସସ୍ଥଳୀ ବିଧ୍ୱଂସ ହେବା କାରଣରୁ ଅତୀତରେ ବହୁ ପ୍ରଜାତିର ଜୀବ ସବୁଦିନ ପାଇଁ ଧରାପୃଷ୍ଠରୁ ବିଲୁପ୍ତ ହୋଇଯାଇଛନ୍ତି । ପ୍ରଦୂଷଣ, ବାହ୍ୟ ପ୍ରଜାତିର ପ୍ରସାର, ମାତ୍ରାଧିକ ଶିକାର ଆଦି କାରଣରୁ ମଧ୍ୟ ବହୁ ଜୀବ ପ୍ରଜାତି ବିଲୁପ୍ତ ହେବା ଫଳରେ ଜୈବବିବିଧତାର ଅବକ୍ଷୟ ଘଟୁଛି । ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ପରି ପରିବେଶୀୟ ସମସ୍ୟା ଜୈବବିବିଧତାର ସୁରକ୍ଷା ପ୍ରତି ଆହ୍ୱାନ ସୃଷ୍ଟି କରିଛି । ୨୦୧୨ ମସିହାରେ ଅନ୍ତର୍ଜାତୀୟ ପ୍ରକୃତି ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ସଂଘ ବା ଆଇୟୁସିଏନ ତରଫରୁ ପ୍ରକାଶିତ ଲୋହିତ ତଥ୍ୟ ପୁସ୍ତକରେ ସର୍ବମୋଟ ୧୯,୮୧୭ଟି ସଙ୍କଟାପନ୍ନ ଜୀବ ପ୍ରଜାତିଙ୍କୁ ସ୍ଥାନିତ କରାଯାଇଛି । ଏଗୁଡ଼ିକ ମଧ୍ୟରୁ ୩୯୪୭ଟି ଜୀବ ପ୍ରଜାତି ଅତିମାତ୍ରାରେ ବିପଦଗ୍ରସ୍ତ ପ୍ରଜାତି, ୫୭୬୬ଟି ଜୀବ ପ୍ରଜାତି ବିପଦଗ୍ରସ୍ତ ଜୀବ ପ୍ରଜାତି ଓ ୧୦,୦୦୦ ଟିରୁ ଉର୍ଦ୍ଧ୍ୱ ପ୍ରଜାତି ବିପନ୍ନପ୍ରାୟ ପ୍ରଜାତି ରୂପେ ଶ୍ରେଣୀଭୁକ୍ତ କରାଯାଇଛି । ଏହା ମଧ୍ୟରୁ ୧୩୨ଟି ଜୀବ ପ୍ରଜାତି ଅନ୍ତର୍ଭୁକ୍ତ । ଜୈବବିବିଧତାର ସୁରକ୍ଷା ପାଇଁ ୨୦୦୨ରୁ ଜାତିସଂଘର ୟୁନେସ୍କୋ ତରଫରୁ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଆସୁଛି । ପ୍ରକୃତି ସହିତ ସହାବସ୍ଥାନ ଓ ପୋଷଣୀୟ ବିକାଶ ଜୈବବିବିଧତାର ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ।

ଖୋର୍ଦ୍ଧା, ମୋ: ୭୦୦୮ ୬୬୨୩୪୧

## ଜାତିପ୍ରଥା: ଏକ ବିମର୍ଶ

**ଦୀନବନ୍ଧୁ ଅଧିକାରୀ**

ଧର୍ମ ରକ୍ଷା ଏବଂ ସମାଜରେ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ପାଇଁ ସମାଜରେ ବହୁ ମହାପୁରୁଷ ପ୍ରଚେଷ୍ଟା କରିଛନ୍ତି । ସେମାନଙ୍କ ମଧ୍ୟରେ ସନ୍ଥ ନାନକ, ରବିଦାସ, ରୋହି ଦାସ, ଘାସି ଦାସ, ସନ୍ଥ କବିର, ଗୁରୁ ଚାନ୍ଦ ଠାକୁର, ମହାତ୍ମା ଜ୍ୟୋତିବା ଫୁଲେ, ପେରିୟାର ରାମସ୍ୱାମୀ, ସନ୍ଥ ଭୀମଭୋଇ, ମହାମାନବ ଆମ୍ବେଦକରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏ ସମସ୍ତେ ଅଣବ୍ରାହ୍ମଣଙ୍କ ପକ୍ଷଧର । କେହି କେହି ମହାତ୍ମା ଗାନ୍ଧୀଙ୍କୁ ଦଳିତମାନଙ୍କ ଉଦ୍ଧାରକାରୀ ଭାବରେ ଗ୍ରହଣ କରନ୍ତି ।

କୁହାଯାଏ ମହର୍ଷି ମନୁ ସଂହିତା ମାଧ୍ୟମରେ ଜାତିବାଦକୁ ପ୍ରତିଷ୍ଠିତ କରିଥିଲେ । ମନୁସ୍ମୃତି ଖ୍ରୀପୂ ପ୍ରଥମ ଶତାବ୍ଦୀ ବେଳକୁ ରଚନା କରାଯାଇଛି । ବେଦର ପୁରୁଷସୂକ୍ତ ଏବଂ ଗୀତାର ବର୍ଣ୍ଣ ବ୍ୟବସ୍ଥାକୁ ଆଧାର କରି ମନୁସ୍ମୃତି ରଚନା କରାଯାଇଛି । ଏହାର ପରିଣାମ ହିନ୍ଦୁ ଧର୍ମ ଉପରେ ଅଧିକ ପଡ଼ିଛି । ମନୁସ୍ମୃତିରେ ଶୂଦ୍ରମାନଙ୍କୁ ସମାଜ ସଂରଚନାରେ ସର୍ବନିମ୍ନ ସ୍ଥାନ ଦିଆଯାଇଛି । ସେମାନଙ୍କୁ ଅନ୍ୟ ତିନି ବର୍ଣ୍ଣ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟର ସେବାକାରୀ ଭାବେ ନିଯୁକ୍ତ କରାଯାଇଛି ।

ସମାଜବିଜ୍ଞାନୀଙ୍କ ମତରେ ମନୁସ୍ମୃତି ପ୍ରଚଳନ ଫଳରେ ଭାରତର ହିନ୍ଦୁମାନଙ୍କ ମଧ୍ୟରେ ପ୍ରାୟ ୫ ହଜାର ଜାତି ଓ ଉପଜାତି ସୃଷ୍ଟି ହୋଇଥିଲା । ଏଥିରୁ ଜାତି-ଜାତି ମଧ୍ୟରେ ବିଭେଦ, ସଂଘର୍ଷ, ଉଚ୍ଚନୀଚ ଭେଦଭାବ ସୃଷ୍ଟି ହେଲା ଏବଂ ଅସ୍ପୃଶ୍ୟତାର ବୀଜବପନ ହେଲା । ଏହାର ପରିଣାମ ଏବେ ସୁଦ୍ଧା ଭାରତୀୟ ସମାଜ ସନ୍ତୁଳିତ ହେଉଛି ।

ବାବା ସାହେବ ଆମ୍ବେଦକର ମନୁସ୍ମୃତିର ବର୍ଣ୍ଣ ବ୍ୟବସ୍ଥାକୁ ଗଭୀର ଭାବେ ଅଧ୍ୟୟନ କର ଦଳିତମାନଙ୍କୁ ମାନବିକ ଅଧିକାର ପ୍ରଦାନ କରିବା ଦିଗରେ ଉଦ୍ୟମ କରିଥିଲେ । ମହାତ୍ମା ଗାନ୍ଧୀ ହିନ୍ଦୁ ଧର୍ମର ଚାତୁର୍ବର୍ଣ୍ଣ ବ୍ୟବସ୍ଥାକୁ ଗ୍ରହଣ କରିନେଇଥିଲେ ଏବଂ ନିଜକୁ ସନାତନୀ ହିନ୍ଦୁ ବୋଲି ପ୍ରକାଶ କରିଥିଲେ । ବାବା ସାହେବଙ୍କ ସାମାଜିକ କ୍ରାନ୍ତି ଆନ୍ଦୋଳନକୁ ପ୍ରତିରୋଧ କରିବାକୁ ଗାନ୍ଧୀ 'ହରିଜନ ସେବକ ସଂଘ' ଏବଂ 'ହରିଜନ ପତ୍ରିକା' ପ୍ରକାଶନ ଓ 'ହରିଜନ ପଦଯାତ୍ରା' ଆରମ୍ଭ କରିଥିବା କେତେକ ଐତିହାସିକ ମତ ଦିଅନ୍ତି । ନାରସୁ ମେହେଟାଙ୍କ ଉପନ୍ୟାସରୁ ଆନିତ 'ହରିଜନ' ଶବ୍ଦକୁ ସେ ଅସ୍ପୃଶ୍ୟଙ୍କ ଉଦ୍ଧାର ପାଇଁ ବ୍ୟବହାର କରିଥିଲେ ବୋଲି ମଧ୍ୟ କୁହାଯାଏ । ଏହାକୁ ବିରୋଧ କରି ବାବା ସାହେବ ଅଖିଳ ଭାରତୀୟ ଅନୁସୂଚିତ ଜାତି ସଂଘ ଗଠନ କରିଥିଲେ । ବର୍ତ୍ତମାନ ଜାତୀୟ ମାନବାଧିକାର ଆୟୋଗ 'ହରିଜନ' ଶବ୍ଦକୁ ଅସିଦ୍ଧ କରିଛନ୍ତି ।



ଅତୀତର ସେହି ଶୂଦ୍ର ସମାଜ ହିଁ ସଂପ୍ରତି ଶ୍ରମିକ ସମାଜ । ଭାରତୀୟ ସମାଜ ସଂରଚନାରେ ଜାତିର ଏକ ବହୁତ ବଡ଼ ନିର୍ଣ୍ଣାୟକ ଭୂମିକା ଅଛି । ବିଶେଷ ରୂପରେ ହିନ୍ଦୁ ସାମାଜିକ ବ୍ୟବସ୍ଥାରେ ଜାତି ଗୋଟିଏ ବଡ଼ ଆଧାର ଓ ପ୍ରାଣ । ଜାତି ବିନା ହିନ୍ଦୁ ସମାଜ କଳ୍ପନା କରିବା ଅସମ୍ଭବ । ଜାତିର ପ୍ରଭାବ ଏତେ ଗଭୀର ଓ ବ୍ୟାପକ ଯେ ସମାଜରେ ବ୍ୟକ୍ତିର ପରିଚୟ ତାଙ୍କ ଗୁଣ, କର୍ମ, ଯୋଗ୍ୟତା, ବିବେଚନା ନହୋଇ ତାଙ୍କର ଜାତି ଉପରେ ନିର୍ଧାର୍ଯ୍ୟ ହୋଇଥାଏ । ଏକ ବ୍ୟକ୍ତି ଯେଉଁ ଜାତିରେ ଜନ୍ମ ହୋଇଥାଏ, ସେହି ଅନୁସାରେ ସାରା ଜୀବନ ସେହି ଜାତିରେ ରହି ସୁଖ କିମ୍ବା ଦୁଃଖ ଭୋଗ କରିଥାଏ ।

ଜାତିପ୍ରଥା ଏକ ଭୟଙ୍କର ରୋଗ । ଏହାର ଉପଚାର ନିହାତି ଆବଶ୍ୟକ । ଦେଶରେ ସମାନତା ଓ ଭ୍ରାତୃତ୍ୱର ବାତାବରଣ ଜାତିପ୍ରଥାର ବିନାଶ ବିନା ସମ୍ଭବ ନୁହେଁ । ଏହା ସୁଖର କଥା ଯେ, ସଂପ୍ରତି ଆମ ଦେଶରେ ପ୍ରସିଦ୍ଧ ସମାଜଶାସ୍ତ୍ରୀ ତଥା ବିଚାରକଗଣ ଏହି ସମସ୍ୟା ଉପରେ ଚିନ୍ତନ ଆରମ୍ଭ କରିଛନ୍ତି । ବାସ୍ତବରେ ବର୍ତ୍ତମାନ ଏକ ଉପଯୁକ୍ତ ସମୟ ଆସିଯାଇଛି ଏହି ଭୟଙ୍କର ରୋଗକୁ ସମ୍ପୂର୍ଣ୍ଣ ସମାପ୍ତ କରି ଉଚିତ ପ୍ରଯତ୍ନ କରିବାର । ଜାତିପ୍ରଥାର ବିଲୋପ ସାଧନ ପାଇଁ ଦୁଇଟି ଅସ୍ତ୍ର ରହିଛି । ପ୍ରଥମଟି ଧାର୍ମିକ ଚିନ୍ତାଧାରାର ପରିବର୍ତ୍ତନ, ଦ୍ୱିତୀୟଟି ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ । ଏହି ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନାର ଆବଶ୍ୟକତା ରହିଛି ।

ହିନ୍ଦୁ ସମାଜରେ ପୌରୋହିତ୍ୱବାଦକୁ ପ୍ରାଧାନ୍ୟ ଦେବା ଯୋଗୁଁ ଜାତିବ୍ୟବସ୍ଥା ପୂତିଗନ୍ଧମୟ ହୋଇପଡୁଥିବା ଅଭିଯୋଗ ହେଉଛି । ଏହାର ଉପଚାର ଧାର୍ମୀୟ ଭାବନାରୁ ମଣିଷକୁ ମୁକ୍ତ କରିବା ସହିତ ସମାନ । ଏହା ହୋଇପାରିଲେ ଜାତିବାଦରୁ ସମାଜ ମୁକ୍ତ ହେବ ଏବଂ ଏକ ସ୍ୱୟଂଚାଳିତ ମଣିଷ ସମାଜ ଗଠନ ହୋଇପାରିବ । କୁସଂସ୍କାର ଓ ଅନ୍ଧବିଶ୍ୱାସ ମୁକ୍ତି ମିଳିବ । ସମାଜରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ମାନବବାଦ, ଅନୁସନ୍ଧାନ ଓ ସଂସ୍କାର ଭାବନାର ଅଗ୍ରଗତି ହୋଇ ପାରିବ । ଜାତିବାଦର ମୂଳପୋଛ କରିବା ପାଇଁ ସୁଧାରବାଦୀ ସଂସ୍ଥାମାନଙ୍କର ମଧ୍ୟ ପ୍ରମୁଖ ଭୂମିକା ରହିଛି । ମଧ୍ୟଯୁଗରେ ଶିଖ୍ ଧର୍ମଗୁରୁ ନାନକ, ସନ୍ଥ କବିର, ରାଜା ରାମମୋହନ ରାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯେଉଁସବୁ ସାମାଜିକ ସଂସ୍ଥାମାନେ ଏ ଦିଗରେ କାମ କରିଛନ୍ତି ସେମାନଙ୍କ ମଧ୍ୟରେ ବ୍ରାହ୍ମ ସମାଜ, ଆର୍ଯ୍ୟ ସମାଜ, ଜାତି ପାତ ତୋଡକ ମଣ୍ଡଳ(ଯାହାକି ପରବର୍ତ୍ତି ସମୟରେ ଚାତୁର୍ବର୍ଣ୍ଣ ବିନାଶ ସଂସ୍ଥା ରଖାଯାଇଥିଲା) ଆଦି ପ୍ରମୁଖ । ବର୍ତ୍ତମାନ ଭାରତରେ ହେତୁବାଦୀ, ମାନବବାଦୀ ବିଜ୍ଞାନବାଦୀ, ସମ୍ବିଧାନବାଦୀ ନାମରେ ଅନେକ ସଂସ୍ଥା କାର୍ଯ୍ୟରତ । କେବଳ ଆଇନ ଦ୍ୱାରା ଜାତିପ୍ରଥା ଉଚ୍ଛେଦ ହୋଇପାରିବ ନାହିଁ । ଉପରୋକ୍ତ ସାମାଜିକ ସୁଧାରବାଦୀ ସଂସ୍ଥାମାନେ ସହୃଦୟତା ସହ ଯଦି କାର୍ଯ୍ୟ କରନ୍ତି, ତା'ହେଲେ ଯାଇ ଭାରତରେ ଜାତିପ୍ରଥା ପରି କଳଙ୍କିତ ବ୍ୟବସ୍ଥାର ସଂପୂର୍ଣ୍ଣ ଉଚ୍ଛେଦ ସମ୍ଭବ ହୋଇପାରିବ ।

ଭୁବନେଶ୍ୱର, ମୋ: ୮୦୯୩୧୮୪୨୮

## ପଦ୍ମସମ୍ଭବଙ୍କ ତିବ୍ବତ ଯାତ୍ରା

**ପ୍ରବୀର କୁମାର ପଟ୍ଟନାୟକ**

**ଦ୍ୱିତୀୟ-ବୁଦ୍ଧ କଥା**

ପଦ୍ମସମ୍ଭବ ତିବ୍ବତ ଯାତ୍ରା ପୂର୍ବରୁ ବିଭିନ୍ନ ପ୍ରଦେଶରେ ଦୀର୍ଘଯାତ୍ରା ଏବଂ ମନ୍ଦରଭାଙ୍କ ସହ ବିବାହ, ବିଭିନ୍ନ ଅଞ୍ଚଳର ଅଭିଜ୍ଞ ଗୁରୁମାନଙ୍କଠାରୁ ଭିନ୍ନଭିନ୍ନ ବିଦ୍ୟାଶିକ୍ଷା ଲାଭ କରି ଶେଷରେ ବୋଧଗୟାରେ ପହଞ୍ଚିଲେ । ସେଠାରେ ରହଣି ସମୟରେ କେନ୍ଦ୍ର-ଏସିଆର ପ୍ରମୁଖ ବୌଦ୍ଧକେନ୍ଦ୍ର ଖୋଟାନ ଏବଂ ନେପାଳ ଓ କୋଶଳ ଭ୍ରମଣ କରିଥିଲେ । ସେ ମଗଧର ବିଖ୍ୟାତ ଓଦନ୍ତପୁରୀରେ ଓଡ଼ିୟାନ ମହାବିହାରର ଅଧ୍ୟକ୍ଷ ପଦରେ ଅଧିଷ୍ଠିତ ହେବା ପରେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ତନ୍ତ୍ର ବିଭାଗର ଆଚାର୍ଯ୍ୟ ଭାବେ ଯୋଗ ଦେଇ ବହୁଖ୍ୟାତି ଅର୍ଜନ କରିଥିଲେ ।

ଖ୍ରୀ ୬୧୭ରେ ଜନ୍ମିତ ତିବ୍ବତୀୟ ରାଜା ସ୍ରଙ୍ଗ-ଗାମ୍ପୋଙ୍କ ଶାସନ କାଳରେ ତିବ୍ବତରେ ପ୍ରଥମ କରି



ଲିଖନ ପ୍ରଥା ପ୍ରଚଳିତ ହେଲା । ରାଜା ଏକ ବିଶାଳ ଓ ଶକ୍ତିଶାଳୀ ସୈନ୍ୟବାହିନୀ ଗଢ଼ିଥିଲେ, ଯାହାଦ୍ୱାରା ପ୍ରଥମେ ସେ ଚୀନ୍‌କୁ ପରାସ୍ତ କଲେ । ପଡ଼ୋଶୀ ଚୀନ୍ ଓ ନେପାଳ ସହ ଉତ୍ତମ ସମ୍ପର୍କ ସ୍ଥାପନ ନିମନ୍ତେ ସେ ଚୀନ୍ ରାଜକନ୍ୟା ୱେନ୍‌ଚେଙ୍ଗ ଓ ନେପାଳ ରାଜକନ୍ୟା ଭୃକୁଟୀଙ୍କ ସହ ବିବାହ କଲେ । ନିଜ ନିଜ ଦେଶରେ ବୌଦ୍ଧଧର୍ମର ପ୍ରାଧାନ୍ୟ ହେତୁ ଉଭୟ ରାଜକନ୍ୟା ନିଷ୍ଠାପର ବୌଦ୍ଧ ଧର୍ମାବଲମ୍ବୀ ଥିଲେ । ଦୁଇ ରାଣୀଙ୍କ ପ୍ରଭାବକ୍ରମେ ରାଜା ବୌଦ୍ଧଧର୍ମର ଦୃଢ଼ ସପକ୍ଷବାଦୀ ହୋଇଗଲେ । ଭାରତର ସଂସ୍କୃତ ଭାଷା ଆୟତ୍ତ କରିବା ସହ ତିବ୍ବତୀୟ ଭାଷାରେ ଅନୁରୂପ ଲିପି ଓ ବ୍ୟାକରଣ ସୃଷ୍ଟି କରିବା ପାଇଁ ରାଜା ଇଚ୍ଛା କଲେ ଏବଂ ମନ୍ତ୍ରୀ ଥୋନ୍‌ମି ସମ୍ଭୋଟାଙ୍କ ନେତୃତ୍ୱରେ ଏକ ଷୋଳଜଣିଆ ପ୍ରତିନିଧି ଦଳକୁ ଭାରତ ପଠାଇଲେ । ଏହି ପ୍ରତିନିଧି ଦଳ ଭାରତର ଦେବନାଗରୀ ଲିପିର ଏକ ସଂସ୍କାରିତ ରୂପ ଲାଣ୍ଟ୍‌ସା ଲିପି ଅନୁକରଣରେ ତିବ୍ବତୀୟ ଲିପି ଓ ବ୍ୟାକରଣ ମଧ୍ୟ ପ୍ରସ୍ତୁତ କଲେ । ସେହି ଦଳ ତିବ୍ବତ ଫେରିବା ପରେ ସେଠାରେ ତତ୍କାଳ ସେହି ଲିପି ଓ ବ୍ୟାକରଣ ପ୍ରଚଳନ କରାଗଲା । ସେହି ଲିପିରେ ଐତିହାସିକ ଘଟଣା ଲିପିବଦ୍ଧ କରାଯିବା ସହ ପବିତ୍ର ବୌଦ୍ଧଗ୍ରନ୍ଥ ଅନୁବାଦ ଏବଂ ନୂତନ ଗ୍ରନ୍ଥମାନ ମଧ୍ୟ ପ୍ରସ୍ତୁତ ହେବାରେ ଲାଗିଲା ।

ରାଜା ସ୍ରଙ୍ଗ ବୌଦ୍ଧ ଧର୍ମର ରୀତିନୀତି ଓ ଧର୍ମବାଣୀର ବ୍ୟାପକ ପ୍ରଚାର ପ୍ରସାର କରିଥିଲେ ମଧ୍ୟ ତାଙ୍କ ଜୀବଦ୍ଦଶାରେ ତିବ୍ବତରେ ବୌଦ୍ଧଧର୍ମର ପ୍ରତିଷ୍ଠା ଓ ଉନ୍ନତି ରାଜାଙ୍କ ଆଶାନୁରୂପ ହୋଇପାରିଲା ନାହିଁ । ଏହାର ମୁଖ୍ୟ କାରଣ ଥିଲା ତିବ୍ବତର ସ୍ଥାନୀୟ ଲୋକଧର୍ମ 'ବନ୍'ର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ବିରୋଧ ଓ ଅସହଯୋଗ । ତଥାପି ରାଜା କେତୋଟି ଛୋଟ ବୌଦ୍ଧମନ୍ଦିର ନିର୍ମାଣ କରିପାରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ରାଜା ଖ୍ରୀ-ସ୍ତନ(ଶାସନକାଳଖ୍ରୀ୭୫୫-୭୯୫)ଙ୍କ ସମୟରେ ବୌଦ୍ଧଧର୍ମକୁ ତିବ୍ବତର ରାଜ୍ୟଧର୍ମ ଭାବରେ ଘୋଷଣା କରାଗଲା । ରାଜା ଖ୍ରୀ-ସ୍ତନ ନାଳନ୍ଦା ବିଶ୍ୱବିଦ୍ୟାଳୟର ଅତ୍ୟନ୍ତ ଗୁଣୀଜ୍ଞାନୀ ବୌଦ୍ଧ ଆଚାର୍ଯ୍ୟଙ୍କୁ ତିବ୍ବତକୁ ଆସିବା ନିମନ୍ତେ ନିମନ୍ତ୍ରଣ ପଠାଇଲେ(କ୍ରମଶଃ) ।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## +୨ ରି-ଚେକିଂ ପାଇଁ ୩୦ରୁ ଆବେଦନ

ଭୁବନେଶ୍ୱର,୨୩।୫(ସମିସ): +୨ ପରୀକ୍ଷା ଫଳ ରି-ଚେକିଂ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ ପରୀକ୍ଷାର୍ଥୀମାନେ ପରୀକ୍ଷାରେ କପି କରି ଧରାପଡ଼ିଥିବେ ବା ଯାହାର ପରୀକ୍ଷା ଫଳ ପ୍ରକାଶିତ ହୋଇ ନ ଥିବ ବା ଅସିଦ୍ଧ ଘୋଷଣା କରାଯାଇଥିବ, ସେହି ପିଲାମାନେ ରି-ଚେକିଂ ଆବେଦନ କରିପାରିବେ। ଆସନ୍ତା ୩୦ ତାରିଖରୁ ଆବେଦନ ଆରମ୍ଭ ହେବ। ଜୁନ୍ ୧୩ ତାରିଖ ମଧ୍ୟରେ ଆଶାୟୀ ପରୀକ୍ଷାର୍ଥୀ ଆବେଦନ କରିପାରିବେ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବର୍ଗରେ ପ୍ରତି ବିଷୟରେ ରି-ଚେକିଂ କରିପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷରେ +୨ ଇନଷ୍ଟାଣ୍ଟ ପରୀକ୍ଷା ପାଇଁ ମଧ୍ୟ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୮ ତାରିଖରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ସେମାନଙ୍କ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପରୀକ୍ଷା ପାଇଁ ଫର୍ମ ପୂରଣ କରିପାରିବେ। ପ୍ରାକ୍ଟିକାଲ୍ ନଥିବା ବିଷୟ ପାଇଁ ୫୨୦ଟଙ୍କା ଫି' ଧାର୍ଯ୍ୟ କରାଯାଇଥିବାବେଳେ ପ୍ରାକ୍ଟିକାଲ୍ ବା ପ୍ରୋଜେକ୍ଟ ଥିବା ବିଷୟ ପାଇଁ ୫୬୦ ଓ ଜୀବବିଜ୍ଞାନ ପାଇଁ ୬ଶହ ଟଙ୍କା ଫି' ରହିଛି। ଜୁନ୍ ୨୫ ଓ ୨୬ ତାରିଖରେ ଇନଷ୍ଟାଣ୍ଟ ପରୀକ୍ଷା ହେବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି।

**ଜୁନ୍ ୨୫ ଓ ୨୬ରେ +୨ ଇନଷ୍ଟାଣ୍ଟ ପରୀକ୍ଷା**

## କରୋନାର ହେବ ଜିନମ୍ ସିକ୍ୱେନ୍ସିଂ

### ପରୀକ୍ଷା ପାଇଁ ଗଲା ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାବ୍

ଭୁବନେଶ୍ୱର, ୨୩।୫(ସମିସ): ରାଜ୍ୟରେ ପୁଣିଥରେ ଜଣେ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଏହା କରୋନାର କେଉଁ ପ୍ରଜାତି, ତାହା ଜିନମ୍ ସିକ୍ୱେନ୍ସିଂ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ। ବାସ୍ତବରେ ଏହା କୋଭିଡର ପୁରୁଣା ସବ୍ ଭାରିଆଣ୍ଟ ନା ଆଉ କିଛି ନୂଆ ତାହା ଜଣାପଡ଼ିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରୁ ଚିହ୍ନଟ ହୋଇ ସଂଗରୋଧରେ ଥିବା ଏହି ବୟସ୍କ ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସ୍ଥିର ରହିଛି। ତାଙ୍କ ଘରେ କିମ୍ବା ଆଖପାଖରେ ଆଉ କାହା ପାଖରେ କରୋନାର କୌଣସି ଲକ୍ଷଣ ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। କରୋନା ସଂକ୍ରମିତଙ୍କ ଟ୍ରାଭେଲ ଇତିହାସକୁ ଯାଞ୍ଚ କରାଯାଉଛି। ଏହାଦ୍ୱାରା ସେ କାହା କାହା ସଂସ୍ପର୍ଶରେ ଆସିଥିଲେ ଏବଂ କେଉଁ ଆଡେ ଯାଇଥିଲେ ତାହା ଜଣାପଡ଼ିବ। ସେହି ଲୋକମାନଙ୍କୁ ଚିହ୍ନଟ କରି ପରୀକ୍ଷା କରାଯିବ। ଏହାଦ୍ୱାରା ସଂକ୍ରମଣ ରୋକାଯାଇ ପାରିବ। ଅନ୍ୟପକ୍ଷରେ ସମ୍ଭାବ୍ୟ ସଂକ୍ରମଣର ମୁକାବିଲା ପାଇଁ ସବୁ ହସ୍ପିଟାଲର କୋଭିଡ୍ ବ୍ୟବସ୍ଥାକୁ ସମୀକ୍ଷା କରାଯାଉଛି। ଆଇସିୟୁ ଓ ପରୀକ୍ଷା ପାଇଁ ପ୍ରସ୍ତୁତି କରାଯାଉଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଲେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ଯେଉଁମାନେ ବହୁବିଧ ଜଟିଳ ରୋଗରେ ପୀଡ଼ିତ ଅଛନ୍ତି, ସେମାନେ ମାସ୍କ ପିନ୍ଧିବା ଆବଶ୍ୟକ। ଗର୍ଭବତୀ, ଛୋଟ ପିଲା ଓ ବୟସ୍କ ବ୍ୟକ୍ତି ସତର୍କ ରହିବା ଜରୁରୀ। ଶେଷ ଥର ପାଇଁ ୨୦୨୪ ଅକ୍ଟୋବରରେ ରାଜ୍ୟରେ ଜଣେ କୋଭିଡ୍ ରୋଗୀ ଚିହ୍ନଟ ହୋଇଥିଲେ। ସେହି ମାସରେ ରାଜ୍ୟରେ ମୋଟ ୩ ଜଣ ରୋଗୀ କରୋନା ପଜିଟିଭ ହୋଇଥିଲେ। ତେବେ ଏହା ପରଠାରୁ ରାଜ୍ୟରେ ଦୈନିକ ହାରାହାରି ୨୫୦ ଜଣ ଲୋକଙ୍କ କୋଭିଡ୍ ପରୀକ୍ଷା ହେଉଥିଲେ ମଧ୍ୟ କୌଣସି ନୂଆ କୋଭିଡ୍ ମାମଲା ସାମ୍ନାକୁ ଆସି ନାହିଁ। ଯଦି ରାଜ୍ୟରେ ଅଧିକ ରୋଗୀ ଚିହ୍ନଟ ହୁଅନ୍ତି, ତେବେ ଅଧିକରୁ ଅଧିକ ଟେଷ୍ଟିଂ ବଢ଼ାଯିବା ସହ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟାନୁସାରେ, ଚଳିତ ମାସ ୧୨ ତାରିଖ ଠାରୁ ୧୯ ତାରିଖ ମଧ୍ୟରେ ସପ୍ତାହକ ମଧ୍ୟରେ ଦେଶରେ ୨୫୭ ଜଣ ସକ୍ରିୟ କୋଭିଡ୍ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ଦିଲ୍ଲୀପ କୁମାର ମିଶ୍ର କହିଛନ୍ତି, ଏହା ହେଉଛି ମହାମାରୀ ପରବର୍ତ୍ତୀ ଲହର। କୋଭିଡ୍ ଲକ୍ଷଣ ଦେଖାଦେଲେ ମେଡିସିନ୍ ଖାଇଲେ ଭଲ ହୋଇଯିବ। ଏହାକୁ ନେଇ ଜନସାଧାରଣ ଆଦୌ ବ୍ୟତିବ୍ୟସ୍ତ ହେବା ଉଚିତ ନୁହେଁ। କରୋନା ଏକ ସାଧାରଣ ରୋଗ। ତେଣୁ ଋତୁ ପରିବର୍ତ୍ତନ ସମୟରେ ସମସ୍ତେ ସତର୍କତା ଅବଲମ୍ବନ କରିବାକୁ ସେ କହିଛନ୍ତି।

## ଭିଜିଲାନ୍ସ ଜାଲରେ ବାରିପଦା ପୌର କିରାଣୀ

ବାରିପଦା,୨୩।୫(ସମିସ): ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାରିପଦା ପୌରପରିଷଦର କିରାଣୀ ଗୋପାଳକୃଷ୍ଣ ପ୍ରଧାନ। ଶ୍ରୀ ପ୍ରଧାନ ଏଷ୍ଟାବ୍ଲିସମେଣ୍ଟ ବିଭାଗରେ ବରିଷ୍ଠ କିରାଣୀ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସେ ଲାଞ୍ଚ ଟଙ୍କା ନେବା ବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ ମାଡ଼ି ବସିଥିଲେ। ଶ୍ରୀ ପ୍ରଧାନ ପୌରପାଳିକା



ଦୋକାନ ଘର ଦାୟିତ୍ୱରେ ଥିବା ବେଳେ ଅଭିଯୋଗକାରୀଙ୍କ ଦୋକାନ ଘର ମାଲିକାନା କାଗଜପତ୍ର ପିତାଙ୍କ ନାମରୁ ପୁତ୍ର ନାମକୁ ପରିବର୍ତ୍ତନ କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ଭିଜିଲାନ୍ସ ବିଭାଗ ମାଡ଼ି ବସିଥିଲା। ବାରିପଦା ପୁରୁଣା ହାଟସାହିର ମହମ୍ମଦ ଜାଭିର୍‌ଙ୍କ ଟ୍ରାଫିକ୍ ମାର୍କେଟ୍ ନିକଟସ୍ଥ ପୌରପାଳିକା ମାର୍କେଟ୍ କମ୍ପ୍ଲେକ୍ସରେ ଏକ ଘଣ୍ଟା ଦୋକାନ ରହିଛି। କିନ୍ତୁ ଏହି ଦୋକାନଟି ଜାଭିର୍‌ଙ୍କ ବାପାଙ୍କ ନାମରେ ରହିଛି। ତେଣୁ ଦୋକାନଟିକୁ ଜାଭିର ନିଜ ନାମରେ କରିବା ପାଇଁ ୨ ବର୍ଷ ହେଲା ବାରମ୍ବାର ଆବେଦନ କରି କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ କାଗଜପତ୍ର ତାଙ୍କ ନାଁରେ ହୋଇପାରୁନଥିଲା। ଗତ ଜାନୁଆରୀରେ ସେ ପୁଣି ଆବେଦନ କରିଥିଲେ। ଆବେଦନ ଏଗ୍ରିମେଣ୍ଟ ପାଇଁ କିରାଣୀ ଶ୍ରୀ ପ୍ରଧାନ ତାଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତେଣୁ ଜାଭିର୍ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ପୂର୍ବ ଯୋଜନା ମୁତାବକ କାର୍ଯ୍ୟାଳୟ ପରିସର ବାଥରୁମ ନିକଟରେ ଶ୍ରୀ ପ୍ରଧାନ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଏନେଇ ବାଲେଶ୍ୱର ଭିଜିଲାନ୍ସ ବିଭାଗରେ କେଶ ନମ୍ବର ୫/୨୦୨୫ରେ ଏକ ମାମଲା ରୁଜୁ କରି ଶ୍ରୀ ପ୍ରଧାନଙ୍କୁ ଅଧିକ ପଚରାଉଚରା କରାଯାଉଛି।

## ସାରା ରାଜ୍ୟରେ ହେବ ବେଆଇନ ମାଦକଦ୍ରବ୍ୟ ବିରୋଧରେ ସଚେତନତା

ଭୁବନେଶ୍ୱର,୨୩।୫(ସମିସ): ଚଳିତ ମାସ ୩୧ରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ରୋକିବାକୁ ଆରମ୍ଭ ହେବ ସଚେତନତା କାର୍ଯ୍ୟକ୍ରମ। ଏନେଇ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରି କହିଛନ୍ତି ଯେ, ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ବିରୋଧରେ ସାରା ରାଜ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଦ୍ୟାଳୟ ସ୍ତରରୁ ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ରାଜ୍ୟର କୋଣ ଅନୁକୋଣରେ ସଚେତନତାର ବାର୍ତ୍ତାକୁ ପହଞ୍ଚାଇବାକୁ ପଡ଼ିବ। ପାଲା, ଦାସକାଠିଆ, ଘୋଡ଼ାନାଚ ଆଦି ସହ ବିଭିନ୍ନ ହାଟବଜାର ଅଞ୍ଚଳରେ ପଥପ୍ରାନ୍ତ ନାଟକ ଜରିଆରେ ବେଆଇନ ନିଶା ସେବନ କାରବାରର କୁପରିଣତି ନେଇ ସଚେତନତା ସୃଷ୍ଟି ସହ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ୍ ସ୍ତରରେ ସଚେତନତା ରଥ ଜରିଆରେ ସଚେତନ କରାଯିବା ନେଇ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ପ୍ରତିଦିନର କାର୍ଯ୍ୟକ୍ରମର ତାଲିକା ପ୍ରସ୍ତୁତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗ୍ରାମାଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ବିଦ୍ୟାଳୟ ସ୍ତରରେ ବେଆଇନ ନିଶା ସେବନ ସମ୍ବନ୍ଧରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରିବା ସହ ବେଆଇନ ମାଦକ ଦ୍ରବ୍ୟ କାରବାର ଓ ସେବନ ବିରୁଦ୍ଧରେ ନିୟମିତ ସଚେତନତା କରିବାକୁ ପରାମର୍ଶ ଦେଇଥିଲେ।

ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଯୋଗଦେଇ ବିଭିନ୍ନ ବିଭାଗ ଜରିଆରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ "ସେ ୟେସ୍ ଟୁ ଲାଇଫ୍, ନୋ ଟୁ ଡ୍ରଗସ୍' ସଂକଳ୍ପ କାର୍ଯ୍ୟକ୍ରମ ଏବଂ ବେଆଇନ ନିଶା କାରବାରକୁ ରୋକିବା ଦିଗରେ ମାନସ ପୋର୍ଟାଲ ଏବଂ ୧୯୩୩ ହେଲପ୍‌ଲାଇନ୍ ନମ୍ବର ଉପଯୋଗ ବିଷୟରେ ଲୋକଙ୍କୁ ସଚେତନ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆର୍.କେ. ଶର୍ମା, ପୁଲିସ ଡିଆଇଜି(ଏସ୍‌ଟିଏଫ୍) ପିନାକ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ହରିଆଣାରେ ଦୁଷ୍କର୍ମ କରି ପାରାଦୀପରେ ଲୁଚିଥିଲା

 କଟକ, ୨୩।୫(ସମିସ): ପାରାଦୀପରେ ଆତ୍ମଗୋପନ କରିଥିବା ଜଣେ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ଆଜି ହରିଆଣା ପୁଲିସ୍ କଟକ ରେଲଷ୍ଟେସନ୍‌ରୁ ଉଦ୍ଧାର କରିଛି। ସେ ହେଲା, ବିହାର ଗୋପାଳଗଞ୍ଜ ଜିଲ୍ଲା ବୈକୁଣ୍ଠପୁର ଥାନା ଉସ୍ରି ଗାଁର ଅଭିଷେକ କୁମାର (୨୧)। ଅଭିଷେକ କିଛି ମାସ ତଳେ ହରିଆଣା ବଲ୍ଲଭଗଡ଼ ଥାନା

**କଟକ ଷ୍ଟେସନ୍‌ରୁ ଅଭିଯୁକ୍ତକୁ ଉଠାଇନେଲା ହରିଆଣା ପୁଲିସ୍**

ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ କରିଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ହରିୟାଣା ପୁଲିସ୍‌ଅ ଭିଷେକର ବିହାର ଠିକଣାରେ ବାରମ୍ବାର ଚଢ଼ଉ କରିଥିଲେ ବି ତା'ର ପତ୍ତା ପାଇନଥିଲା। ତେବେ ସେ ଓଡ଼ିଶା ଆସି ପାରାଦୀପସ୍ଥିତ ଅଏଲ ରିଫାଇନାରିରେ ଜଣେ ଶ୍ରମିକ ଭାବେ କାମ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ହରିୟାଣା ପୁଲିସ୍‌ର ଏକ ଟିମ୍ ଆଜି ପାରାଦୀପରେ ପହଞ୍ଚିଥିଲା। ତେବେ ପୁଲିସ୍ ତା' ପାଖରେ ପହଞ୍ଚିବା ପୂର୍ବରୁ ଅଭିଷେକ ଚମ୍ପଟ ମାରିଥିଲା। ମୋବାଇଲ ନମ୍ବର ଟ୍ରାକିଂରୁ ସେ କଟକ ରେଲଷ୍ଟେସନ୍ ଆଖପାଖ ଅଞ୍ଚଳରେ ଥିବା ଜଣାପଡ଼ିବାରୁ ହରିଆଣା ପୁଲିସ୍ କଟକ ଆର୍‌ପିଏଫ୍‌କୁ ଅବଗତ କରାଇଥିଲା। ଆରପିଏଫ୍ ଟିମ୍ ଷ୍ଟେସନ୍ ଭିତର ଓ ବାହାରେ ଜୋରଦାର ତଲାସି କରିବା ଭିତରେ ହରିଆଣା ପୁଲିସ୍ ଟିମ୍ ମଧ୍ୟ ସେଠାରେ ପହଞ୍ଚି ଯାଇଥିଲା। ଏତିକିବେଳେ, ଅଭିଷେକ ଓଏମ୍‌ପି ଛକରୁ ରାଜପଥ ପାର୍ଶ୍ୱ ଦେଇ ରେଲଷ୍ଟେସନ୍ ଆଡ଼କୁ ଯାଉଥିବା ବେଳେ ତାକୁ ପୁଲିସ୍ ପିଛା କରିଥିଲା। ଷ୍ଟେସନ୍ ଭିତରେ ତାକୁ ଗିରଫ କରାଯାଇଥିଲା। ହରିୟାଣା ପୁଲିସ୍ ତାକୁ ସାଙ୍ଗରେ ନେଇଯାଇଥିବା ସୂଚନା ମିଳିଛି।

## ଆଜିଠୁ +୨ ନାମଲେଖା ଆବେଦନ

ଭୁବନେଶ୍ୱର,୨୩।୫(ସମିସ): +୨ ନାମଲେଖା ପାଇଁ ଆସନ୍ତାକାଲି ଅର୍ଥାତ୍ ଶନିବାରଠାରୁ କଳା, ବିଜ୍ଞାନ, ବାଣିଜ୍ୟ, ଉପଶାସ୍ତ୍ରୀ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ଆବେଦନ ଆରମ୍ଭ ହେବ। ଏଥିପାଇଁ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍‌ରେ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ଜୁଲାଇ ୭ତାରିଖରେ ପ୍ରକାଶ ପାଇବ। ମୋଟ୍ ୩ଟି ପର୍ଯ୍ୟାୟରେ ନାମଲେଖା ହେବ। ପ୍ରଥମ ପର୍ଯ୍ୟାୟ ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ନାମ ଲେଖାଇ ପାରିବେ। ଜୁଲାଇ ୨୪ ତାରିଖରୁ +୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଦଶମ ପରୀକ୍ଷାରେ ରଖିଥିବା ନମ୍ବର ଅନୁଯାୟୀ ସମ୍ପୂର୍ଣ୍ଣ ମେଧା ତାଲିକା ଆଧାରରେ ନାମଲେଖା ହେବ। ନାମଲେଖା ପାଇଁ ୪ଟି ମାଧ୍ୟମରେ ପିଲାଙ୍କୁ ସୂଚିତ କରାଯିବ। ସାମସ୍ ପୋର୍ଟାଲ୍ ଇ-ସ୍ପେସ୍, ଏସ୍‌ଏମ୍‌ଏସ୍, ୱାଟସ୍‌ଆପ୍ ଓ ଚୟନ ହୋଇଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇ-ସ୍ପେସ୍‌ରୁ ସେମାନଙ୍କ ଜ୍ଞାପକ ପତ୍ର ବା ଇଣ୍ଟିମେସନ୍ ଲେଟର୍ ଡାଉନ୍‌ଲୋଡ କରିପାରିବେ। ନାମଲେଖା ସମୟରେ ସିଏଏଫ୍ ସହ ପ୍ରମାଣପତ୍ର ମଧ୍ୟ ଯାଞ୍ଚ କରାଯିବ। ନାମଲେଖା କ୍ଷେତ୍ରରେ ଅନୁସୂଚିତ ଜାତି ବର୍ଗର ପିଲାଙ୍କୁ ୧୬.୨୫% ସଂରକ୍ଷଣ ଦିଆଯାଇଥିବାବେଳେ ଅନୁସୂଚିତ ଜନଜାତି ବର୍ଗ ପାଇଁ ୨୨.୫% ସଂରକ୍ଷଣ ରହିଛି। ସାମାଜିକ ପଛୁଆ ବର୍ଗ (ଓବିସି) ବର୍ଗର ଛାତ୍ରଛାତ୍ରୀଙ୍କୁ କୌଣସି ସଂରକ୍ଷଣ ଦିଆଯାଇ ନାହିଁ।

**ଜୁଲାଇ ୮ରୁ ୧୪ ପ୍ରଥମ ପର୍ଯ୍ୟାୟ ନାମଲେଖା**

**ଜୁଲାଇ ୨୪ରୁ +୨ ପ୍ରଥମ ବର୍ଷ ପାଠପଢ଼ା**

## ମେ ୨୬ ତାରିଖରେ 'ସାବିତ୍ରୀ' ଛୁଟି


ଭୁବନେଶ୍ୱର,୨୩।୫(ସମିସ): ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟିକୁ ମେ ୨୭ ତାରିଖ ପରିବର୍ତ୍ତେ୨୬ ତାରିଖରେ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଚଳିତ ବର୍ଷ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି ପୂର୍ବରୁ ମେ ମାସ ୨୭ ତାରିଖକୁ ସ୍ଥିରୀକୃତ ହୋଇଥିଲା। ତେବେ ପୁରୀ ମୁକ୍ତି ମଣ୍ଡପ ସହିତ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଓ ପଞ୍ଜିକା ଗଣନକାରୀ ଅନୁଷ୍ଠାନମାନଙ୍କ ସହିତ ଯୋଗାଯୋଗ ପରେ ୨୬ ତାରିଖରେ ସାବିତ୍ରି ବ୍ରତ ପାଳନ କରାଯାଉଥିବାରୁ ଛୁଟି ତାରିଖକୁ ପରିବର୍ତ୍ତନ କରାଯାଇଛି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ଅନୁଗୋଳ, ୨୩।୫ (ସମିସ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଅଞ୍ଚଳରେ ଗତ ୨୦୨୦ ମସିହାରେ ଘଟିଥିବା ଏକ ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ ଜଜ୍ (ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍) ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଆସାମୀଜଣଙ୍କ ହେଲା, ବନ୍ତଳା ଥାନାଞ୍ଚଳର ସୁବ୍ରତ ସାହୁ (୨୦)। ସୁବ୍ରତ ଗତ ୨୦୨୦ ସେପ୍ଟେମ୍ବର ୮ ତାରିଖ ରାତିରେ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଏପରିକି, ଘଟଣା ପ୍ରଘଟ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲା। ତେବେ, ପୀଡ଼ିତାଜଣଙ୍କ ସାହସ ଜୁଟାଇ ଏ ସଂପର୍କରେ ବନ୍ତଳା ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ପୋକ୍ସୋ ଆକ୍ଟରେ ଅଭିଯୁକ୍ତକୁ ଗିରଫ କରିଥିଲା।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ | ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

ନୂଆପଡ଼ା, ୨୩।୫ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନୂଆପଡ଼ା ପୂର୍ତ୍ତ ଓ ଗୃହ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି। ଜୟପୁର ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗଠିତ ୯ଟି ଟିମ୍ ନୂଆପଡ଼ାସ୍ଥିତ ତାଙ୍କ ସରକାର ବାସଗୃହ, ସରକାରୀ କାର୍ଯ୍ୟାଳୟ ସମେତ ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି କୋଟିକୋଟି ଟଙ୍କାର ସମ୍ପତ୍ତି ଠାବ କରିଛି। ଠାବ ସଂପତ୍ତି ମଧ୍ୟରେ ଦୁଇଗୋଟି ମୂଲ୍ୟବାନ କୋଠା, ଭିନ୍ନଭିନ୍ନ ଜାଗାରେ ବହୁ ମୂଲ୍ୟ ୯ଗୋଟି ପ୍ଲଟ୍, ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜୀବନ ବୀମା ପଲିସି ରହିଛି। ଆଜିକୁ ତିନିବର୍ଷ ହେବ, ନୂଆପଡ଼ା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସବ୍-ଡିଭିଜନ୍ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ଭାବେ ଶ୍ରୀ ସେଠୀ କାମ କରୁଥିଲେ। ଏଠାରେ କାମ କରୁଥିବା ସମୟରେ ଖୋଲାଖୋଲି ଠିକାଦାର, ବିଭାଗୀୟ କର୍ମଚାରୀଙ୍କଠାରୁ ଲାଞ୍ଚ କାରବାର କରୁଥିବା ଅଭିଯୋଗ ହୋଇଥିଲା। ଅନ୍ୟପଟେ ରାଜ୍ୟବ୍ୟାପୀ ବିଭିନ୍ନ ଜାଗାରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତି କରି ଜୟପୁର ଭିଜିଲାନ୍ସ ଟିମ୍ ଶୁକ୍ରବାର ପ୍ରଥମେ ତାଙ୍କ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ପରେ ଭୁବନେଶ୍ୱରର ୩ଟି, ପିପିଲିର ୫ଟି ଓ ରାୟଗଡ଼ା ଗୋଟିଏ ସ୍ଥାନରେ ଚଢ଼ଉ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଚଢ଼ଉ ଜାରି ରହିଥିବା ବେଳେ ଆକଳନ ପରେ ସମ୍ପତ୍ତିର ପରିମାଣର ସଠିକ ବିବରଣୀ ପ୍ରଦାନ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।



**ସରକାରୀ ବାସଗୃହ, କାର୍ଯ୍ୟାଳୟ ସମେତ ୯ ସ୍ଥାନରେ ଚଢ଼ଉ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାରା ରାଜ୍ୟରେ...

ଚଳିତ ବର୍ଷ ଏହା ୨୫ ତାରିଖ ସୁଦ୍ଧା କେରଳ ଛୁଉଁଥିବା ବେଳେ ଆସନ୍ତା ୨୭ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ମୌସୁମୀକୁ ଆହୁରି ସକ୍ରିୟ କରାଇବାରେ ସହାୟକ ହେବ। ଯାହାଦ୍ୱାରା ମୌସୁମୀ ବାୟୁ ମେ' ମାସ ଶେଷ କିମ୍ବା ଜୁନ୍ ପ୍ରଥମରୁ ଓଡ଼ିଶା ଛୁଇଁବା ପାଇଁ ପାଗ ଅନୁକୂଳ ରହିବ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୭ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ଓ ତତ୍ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଏହି ଲଘୁଚାପ ସୃଷ୍ଟି ହୋଇ ୨ ଦିନ ଭିତରେ ଅଧିକ ଘନୀଭୂତ ହେବ। ଏହା ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ। ଯାହାକୁ ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଶନିବାର କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସହ ବଜ୍ରପାତ ଆଶଙ୍କା ରହିଥିବା ବେଳେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗିର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ୨୮ ତାରିଖ ବେଳକୁ ବର୍ଷାର ପ୍ରଭାବ ଆହୁରି ବୃଦ୍ଧି ହେବାର ସମ୍ଭାବନା ରହିଛି।

### ମସ୍କୋ ଆକାଶରେ...

ଉପରେ ଡ୍ରୋନ ଆକ୍ରମଣ କରିଥାଏ। ୟୁକ୍ରେନ ଜାଣିଶୁଣି ଏପରି କରେ ଏବଂ ଅନ୍ୟ ଦେଶର ପ୍ରତିନିଧିମାନେ ଯେଭଳି ରୁଷିଆ ନ ଆସିପାରନ୍ତି ତାହାକୁ ନେଇ କାର୍ଯ୍ୟ କରେ ବୋଲି ସେ କହିଥିଲେ। ଏହି ଘଟଣାକୁ ବିଚାର କଲେ ତାଙ୍କ କଥା ସତ ହୋଇଛି। ତେବେ ରୁଷିଆ ପକ୍ଷରୁ ଏହି ଘଟଣାକୁ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

### ଅନୁଜ କୁମାର...

ପୋଷଣ ଓ ଏମ୍‌ଏମ୍ ପୋଷଣ ଯୋଜନାର ନୋଡାଲ ଅଧିକାରୀ ଭାବେ ବଦଳି କରାଯାଇଛି। ଟାଙ୍ଗୀ ପୂର୍ବତନ ତହସିଲଦାର ମିତାଲି ପାତ୍ରଙ୍କୁ ବାରିପଦା ସିଡିଏମ୍ ଓ ପିଏଚ୍‌ଓର ପ୍ରଶାସନିକ ଅଧିକାରୀ ଭାବେ ବଦଳି ହୋଇଛି। ଗୁଣୁପୁର ଆଇଟିଡିଏ ପିଏ ଥିବା ଅଜୟ କୁମାର ପ୍ରଧାନଙ୍କ ପୂର୍ବ ବଦଳି ନିର୍ଦ୍ଦେଶନାମାକୁ ବାତିଲ୍ କରି ଦିଆଯାଇଛି। ସେହିପରି ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେରଙ୍କୁ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଓ ଟେକ୍ନୋଲୋଜିର ରେଜିଷ୍ଟ୍ରାର୍ ଭାବେ ବଦଳି କରାଯାଇଛି। ଏହାବ୍ୟତୀତ ପୁରୀ ରଥଯାତ୍ରା ପାଇଁ ପରିମଳ ବ୍ୟବସ୍ଥାର ତଦାରଖ ନିମନ୍ତେ ବିଭିନ୍ନ ପୌରାଞ୍ଚଳରେ କାର୍ଯ୍ୟ କରୁଥିବା ଏହି ୧୦ ଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ଆସନ୍ତା ଜୁନ୍ ୧ ତାରିଖରୁ ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ପୁରୀରେ ରହି କାର୍ଯ୍ୟ କରିବେ। ଏହି ଅଧିକାରୀଙ୍କ ମଧ୍ୟରେ ଆଶୁତୋଷ ଗୌରଭ, ଆଭାସ ରଞ୍ଜନ ପାଣିଗ୍ରାହୀ, ସୁକାନ୍ତ ଚନ୍ଦ୍ର ବେଉରା, ଧନଞ୍ଜୟ ମହାନ୍ତି, ସରୋଜ କୁମାର ଆଚାର୍ଯ୍ୟ, ଜୁଲୁଲି ଚରଣ ବେହେରା, ମୁରଲୀ କୃଷ୍ଣ ପଣ୍ଡା, ମାନସ ରଞ୍ଜନ ମଲ୍ଲିକ, ନିଗମାନନ୍ଦ ପଣ୍ଡା ଓ ଲୋକନାଥ ବେଜ୍ ପ୍ରମୁଖ ସାମିଲ୍ ରହିଛନ୍ତି।

### ଅସନ୍ତୁଷ୍ଟ ନେତାଙ୍କ...

ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟାପାର କମିଟି ବୈଠକରେ ପହଞ୍ଚି ଦଳ ଏକ୍ ବୋଲି ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି। ଗୁରୁବାର ଅନୁପସ୍ଥିତ ରହିଥିବା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ସମେତ ଏକାଧିକ ନେତା ସକାଳେ କଂଗ୍ରେସ ଭବନରେ ପହଞ୍ଚିଥିଲେ। ପ୍ରଥମେ ରାଜନୈତିକ ବ୍ୟାପାର କମିଟିରେ ସାମୟିକ ଆଲୋଚନା ପରେ ଏହି ନେତମାନେ ଧାରଣା ସ୍ଥଳକୁ ଆସିଥିଲେ ଓ ପରେ ଅପରାହ୍ଣରେ ଏହି କମିଟି ବୈଠକରେ ଯୋଗ ଦେଇଥିଲେ। ବିଷଦ ଆଲୋଚନା ପରେ ପିସିସି ପକ୍ଷରୁ ୨ ଟି ନୂତନ କମିଟି ଗଠନ କରାଯିବା ନେଇ ନିଷ୍ପତ୍ତି ହୋଇଛି। କଂଗ୍ରେସ ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାମାଜିକ ନ୍ୟାୟ ସମ୍ପର୍କରେ ବିଷଦ ଆଲୋଚନା ହୋଇଛି। ପିସିସି ଦଳ ପକ୍ଷରୁ 'ସାମାଜିକ ନ୍ୟାୟ ଡ୍ରାଫ୍ଟିଂ' କମିଟି ଓ 'ଚାର୍ଜସିଟ ଡ୍ରାଫ୍ଟିଂ' କମିଟି ଗଠନ କରାଯାଇଛି। ଆଗାମୀ ଦିନରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ କଂଗ୍ରେସର ଆଭିମୁଖ୍ୟ ସମ୍ପର୍କରେ ଏକ ଚିଠା ପ୍ରସ୍ତୁତ ପାଇଁ ରାଜ୍ୟସ୍ତରୀୟ ସାମାଜିକ ନ୍ୟାୟ ଡ୍ରାଫ୍ଟିଂ କମିଟି ଗଠନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପରି ଗ୍ରହଣ କରାଯାଇଛି। ସେହିପରି ରାଜ୍ୟ ବିଜେପି ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବାରେ ଅବହେଳା ସମ୍ପର୍କରେ ବିଷଦ ଆଲୋଚନା କରାଯାଇ ଚାର୍ଜସିଟ ଡ୍ରାଫ୍ଟିଂ କମିଟ ଗଠନ ନିମନ୍ତେ ନିଷ୍ପତ୍ତି ହୋଇଛି। ସାମାଜିକ ନ୍ୟାୟ ଡ୍ରାଫ୍ଟିଂ କମିଟିରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷ ରହିଥିବା ବେଳେ ପ୍ରସାଦ ହରିଚନ୍ଦନ ଆବାହକ ଭାବରେ ରହିଛନ୍ତି। ସେହିପରି ଏହି କମିଟିରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ନଗେନ୍ଦ୍ର ପ୍ରଧାନ, ଶରତ ରାଉତ, ଅମରନାଥ ପ୍ରଧାନ, ମହମ୍ମଦ ମୋକିମ, ସିଏସ ରାଜନ ଏକ୍କା, ବନ୍ଦିତା ପରିଡ଼ା ଏବଂ ସିପ୍ରା ମଲ୍ଲିକ ପ୍ରମୁଖ ସଦସ୍ୟ ଭାବରେ ରହିଛନ୍ତି। ଅନୁରୂପ ଭାବରେ ଚାର୍ଜସିଟି ଡ୍ରାଫ୍ଟିଂ କମିଟିରେ ପ୍ରସାଦ ହରିଚନ୍ଦନ ଅଧ୍ୟକ୍ଷ ରହଥିବା ବେଳେ ସଦସ୍ୟ ଭାବରେ ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ମହମ୍ମଦ ମୋକିମ, ବିଶ୍ୱରଞ୍ଜନ ମହାନ୍ତି, ସସ୍ମିତା ବେହେରା, ଉଦିତ ପ୍ରଧାନ, ରଜନୀ ମହାନ୍ତି ଏବଂ ଜୟଶ୍ରୀ ପାତ୍ର ପ୍ରମୁଖ ସ୍ଥାନ ପାଇଛନ୍ତି।

### ଦୁଇଘଣ୍ଟାର ଛୁଆକୁ...

ଗୃହରେ କାମ କରୁଥିବା ସଂଯୁକ୍ତା ପାଲଙ୍କ ସହ ଆଲୋଚନା କରିଥିଲେ। ଖଇରପୁଟର ଏକ ଦମ୍ପତିଙ୍କୁ ପୁତ୍ର ସନ୍ତାନ ବିକ୍ରି କରିବା ଲାଗି ସ୍ଥିର କରିଥିଲେ। ପୁତ୍ର ସନ୍ତାନ ଜନ୍ମ ହେବା ମାତ୍ର ଦୁଇ ଘଣ୍ଟା ପରେ ପୁତ୍ର ସନ୍ତାନଟିକୁ ବିକ୍ରି କରିବା ସମୟରେ ଟଙ୍କା ନେଣଦେଣ ଚାଲିଥିବା ବେଳେ ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା କମିଟି ସେଠାରେ ପହଞ୍ଚି ଉଭୟ ମାଆ ଓ ଶିଶୁକୁ ଉଦ୍ଧାର କରିଥିଲା। ଘଟଣା ସମ୍ପର୍କରେ ମାଥିଲି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମାଆ ଓ ଶିଶୁକୁ ସ୍ୱାଧାର ଗୃହରେ ରଖାଯାଇ ସେମାନଙ୍କ ଯତ୍ନ ନେବା ସହ ଚିକିତ୍ସା କରାଯାଉଛି। ତେବେ, ବଡ଼କଥା ହେଉଛି ଯେ ସବିତା ପୁଣିଥରେ ମାଆ ହେବା ନେଇ ସ୍ୱାସ୍ଥ୍ୟ ବିଭାଗ ପାଖରେ କୌଣସି ସୂଚନା ନାହିଁ।


CAD-494

Email: itdagnp@nic.in

GOVERNMENT OF ODISHA
OFFICE OF THE PROJECT ADMINISTRATOR
INTEGRATED TRIBAL DEVELOPMENT AGENCY, GUNUPUR

***

E-Procurement Notice

Bid Identification No: ITDAGNP – Online – 03 / 2024-25

No: 1002 / VII-89/2025 Date: 20 .05.2025

1 Name of the Work : Construction of Building Works
2 Total No. of Works : 20 No.(Percentage rate tender)
3 Amount put to tender : As mentioned in Col. 3 of Annexure
4 Class of Contractor : As mentioned in Col. 5 of Annexure
5 Period of Completion : As mentioned in Col. 4 of Annexure
6 EMD : As mentioned in Col. 6 of Annexure
7 Paper Cost : As mentioned in Col. 7 of Annexure
8 Other details:

| Procurement Officer | Bid Identification No. | Availability of Tender online for Bidding | | Last date & time of seeking tender clarification | Date & Time of opening of tender | Financial Bid open |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | |
| Project Administrator, I.T.D.A, Gunupur | ITDAGNP Online-03/2024-25 | 23.05.2025 at 10.00 A.M. | 05.06.25 up to 5.00 P.M. | 05.06.2025 up to 5.00 P.M. | 06.06.2025 at 11.00 Hrs. | Will intimate later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website: www.tendersorissa.gov.in.

Project Administrator,
I.T.D.A., Gunupur.

OIPR-26072/11/0006/2526



**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

Contact
GADHWAL GROUP
M.: 9437015112

**ନ୍ୟୁ ଡାୱର ଜୁଏଲର୍ସ**

ଥାନା ଛକ, ମେନ୍ ରୋଡ୍, ବରଗଡ଼

**ଷ୍ଟାଫ୍ ଆବଶ୍ୟକ**

ସେଲ୍ସ ଏକ୍ସିକ୍ୟୁଟିଭ୍ ପାଇଁ ଅନୁଭବୀ ଏବଂ ଅଭିଜ୍ଞ କାର୍ଯ୍ୟକର୍ତ୍ତା ଆବଶ୍ୟକ। ଯୋଗ୍ୟତା: ଅତିକମରେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ।

ଯୋଗାଯୋଗ: 9937453211

**LOST**

I, Pradeepta Kumar Chhotaray, aged about 49 years, S/o.: Basudev Chhotaray, resident of At/PO.: Gadamatiapada, PS.: Kanasa, Dist.: Puri, At Present Kharavel Complex, K.C-22, Aiginia, PS.: Khandagiri, Bhubaneswar, Dist.: Khurda, Odisha, PIN-751019, do hereby solemnly affirm and State that, while I was travelling from Baramunda to Aiginia by my Bullet Motor Cycle, on dtd. 19.05.2025 at about 5.00 P.M., I have lost a Sale Deed bearing No.: 11131314651 somewhere else. Inspite of my best efforts I could not traced it out. If anyone found the above sale deed please contact on my Mobile No.: 9337975665

**AFFIDAVIT**

I, Khurshida Bano, W/o- Jamaluddin Khan, resident of ward No.-20, Sankarpur, Ps-Purna Bazar, Po/Dist.-Bhadrak, Pin-756100, Odisha declare by this affidavit No-5261, dtd-11/05/2025, that now onwards I shall be known as **KHURSHIDA BANU** for all future purposes.

**AFFIDAVIT**

By virtue of an affidavit before the Executive Magistrate, Sadar, Cuttack on 22.05.2025. I SRIDHARA PATI, resident of vill- Baulakuda, Po- Jhinkiria, Dist- Cuttack-754112 have changed my minor daughter's name from SMRUTIPRAGYANA PATI to SMRUTI PRAGYAN PATI as my minor daughter SMRUTIPRAGYANA PATI and SMRUTI PRAGYAN PATI is one & the same person. Henceforth she will be known as **SMRUTI PRAGYAN PATI** for all purposes.

Sd/- SRIDHARA PATI

**AFFIDAVIT**

By virtue of an affidavit sworn before the Executive Magistrate, Tangi, Dist- Khordha SL No: 762 dated 17/05/2025, I **SANJAY PENTHEI**, S/o Jogi Penthei resident of Village At - Badapokharipatna, Po- Kalupadaghat, Ps- Tangi, Dist- Khordha, Odisha Pin- 752022 declare that I have changed my minor daughter name from **Chinu Penthei** to **Mamina Penthei**. Henceforth, she shall be known as **MAMINA PENTHEI** for all purposes.

Sd- Sanjay Penthei

**AFFIDAVIT**

I Madhusmita Satpathy, W/o- Motilal Thakur, resident of Dream Villa - B36, Padasahi, Bhubaneswar - 751024, Dist: Khordha, Odisha, declare by this Affidavit No - 465 , Dt - 20.05.2025 that, now onwards, I shall be known as **Madhusmita Thakur** for all future purpose.

**AFFIDAVIT**

I, Shri Sami Dalei, S/o Samara Dalei, resident of Khajuriguda, PO- Kunduli, PS-Pottangi, Dist-Koraput, Odisha, do hereby declare that my son's Aadhar card bearing No. 2039 0003 6835 has erroneously recorded his name as Jana Dalei and his date of birth as 31/12/2009.That the correct name of my son is John Dalei and date of birth is 11/03/2010, as per his Birth Certificate (Regd. No. 327/2010). That Jana Dalei and John Dalei is one and the same person.

**AFFIDAVIT**

I Sri Gouranga Sahu S/O Late Binod Bihari Sahu my residential address AT- Nadpur, PO- Nuagaon, P.S –Baisinga, Dist. –Mayurbhanj, Odisha, Pin-757025.I swear this affidavit is to be produced before the Notary Public Betnoti Affidavit No. 24 Vol No 1 date-23.05.2025. My father name wrongly type from Binod Behari Sahu to Binod Bihari Sahu . That, the correct name of my father is **Binod Bihari Sahu** for all future purpose.

Gouranga Sahu

### ଦୈନିକ ଯାତାୟାତ କରୁଛି ଶହ ଶହ ଭାରୀଯାନ

# ବିପଦରେ ଦୁର୍ବଳ ତ୍ରିଲୋଚନପୁର ପୋଲ

ପାରାଦୀପ, ୨୩।୫(ସମିସ)



ରକ୍ଷଣାବେକ୍ଷଣ ଅଭାବରୁ ଅର୍ଦ୍ଧଶତାବ୍ଦୀର ତ୍ରିଲୋଚନପୁର-ମାହାଙ୍ଗା ପୋଲ ଦୁର୍ବଳ ହେବାରେ ଲାଗିଛି। ଏଭଳି ସ୍ଥିତିରେ ବିପଦ ସାଜିଛି ମାଟି ଓ ବାଲି ବୋଝେଇ ହାଇୱା। ପ୍ରତିଦିନ ରାତିରେ ଶହଶହ ମାଟି ବୋଝେଇ ହାଇୱା ଏହି ପୋଲ ଦେଇ ଯାତାୟାତ କରୁଛି। ଫଳରେ ସେତୁଟି ଭୁଶୁଡ଼ିବା ଆଶଙ୍କା ଦେଖାଦେଇଛି।

ପାରାଦୀପ ଉପକଣ୍ଠ ତ୍ରିଲୋଚନପୁର-ମାହାଙ୍ଗା ପୋଲ ୧୯୮୦ରେ ନିର୍ମାଣ କରାଯାଇଥିଲା। ଏହି ପୋଲ କୁଜଙ୍ଗ ସହିତ ଢିଙ୍କିଆ ଚାରିଦେଶକୁ ସଂଯୋଗ କରୁଛି। ଫଳରେ ପାରାଦୀପର ବିଭିନ୍ନ ଶିଳ୍ପ ସଂସ୍ଥାକୁ କୁଜଙ୍ଗ ଓ ଏରସମା ବ୍ଲକ ସମେତ ଜିଲ୍ଲାର ବହୁ ଅଞ୍ଚଳରୁ ହଜାର ହଜାର ଶ୍ରମିକ ଯାତାୟାତ କରନ୍ତି। ଏରସମା ବ୍ଲକର ନୂଆଗାଁ, ଢିଙ୍କିଆ, ଗଡ଼କୁଜଙ୍ଗ ପଞ୍ଚାୟତର ଲୋକେ କୁଜଙ୍ଗ ଯାତାୟାତ କରିଥାନ୍ତି। ପ୍ରାୟ ୫୦ ବର୍ଷର ପୁରୁଣା ଓ ଜରାଜୀର୍ଣ୍ଣ ତ୍ରିଲୋଚନପୁର ପୋଲର ଉଭୟ ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼ ଭାଙ୍ଗି ପଡ଼ିଥିବାବେଳେ ସେତୁର ପିଲାର ଓ ବିମ୍‌କୁ ପ୍ଲାଷ୍ଟର ଖସି ବିପଦସଂକୁଳ ହୋଇପଡ଼ିଛି। ତେବେ ବେଆଇନ ମାଟି ଓ ବାଲି ପରିବହନ ରୋକା ନ ଗଲେ, ଏହା ଆଗକୁ ଭୁଶୁଡ଼ି ପଡ଼ିବା ସହିତ ଶିଳ୍ପାଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହେବ।

କୁଜଙ୍ଗ ତହସିଲ ଅନ୍ତର୍ଗତ ଫତେପୁର, ଜଳଧରପୁର ମୌଜାରୁ ଇଡ୍‌କୋ ପାରାଦୀପ ରିଫାଇନାରୀ ପ୍ରକଳ୍ପ ପାଇଁ ୭୨୭ ଏକର ଜମି ଅଧିଗ୍ରହଣ କରିଛି। ଜମି ବିନିମୟରେ ସମସ୍ତ ଜମି ମାଲିକ ସେମାନଙ୍କ ପ୍ରାପ୍ୟ ନେଇଛନ୍ତି। ଏପରିକି ପାରାଦୀପ ରିଫାଇନାରୀ ପ୍ରକଳ୍ପ ପକ୍ଷରୁ ମୃତ୍ତିକା ପରୀକ୍ଷଣ ମଧ୍ୟ କରାଯାଇଛି। ମାତ୍ର ଅଧିଗୃହୀତ ଜମି ଖୋଲା ପଡ଼ିରହିଛି। ଏଠାରୁ ଚୋରା ଚାଲାଣକାରୀଙ୍କ ମାଟି ଖୋଳି ବିକ୍ରି କରୁଛନ୍ତି। ତୁରନ୍ତ ଏହି ବେଆଇନ ପରିବହନ ବନ୍ଦ କରିବାକୁ ଯୁବ ସମାଜସେବୀ ଅଚ୍ୟୁତ ମହାନ୍ତି ଦାବି କରିଛନ୍ତି। ସ୍ଥାନୀୟ ପୁଲିସ ଓ ରାଜସ୍ୱ ଅଧିକାରୀ କ'ଣ ପାଇଁ ନରମ ଆଭିମୁଖ୍ୟ ପୋଷଣ କରୁଛନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଇଡ୍‌କୋ କର୍ତ୍ତୃପକ୍ଷ ନିଜର ଅଧିଗୃହୀତ ଜମିକୁ ସୁରକ୍ଷିତ ନ ରଖି କିପରି ମାଫିଆଙ୍କ ପାଇଁ ଖୋଲା ଛାଡ଼ିଦେଇଛି, ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

୧୯୮୦ରେ ପୂର୍ବତନ ମନ୍ତ୍ରୀ ତଥା ଏରସମା, କୁଜଙ୍ଗ ଅଞ୍ଚଳର ବିଶ୍ୱକର୍ମା ସ୍ୱର୍ଗତ ଦାମୋଦର ରାଉତଙ୍କ ପ୍ରଚେଷ୍ଟାରେ ବହୁ ବାଦବିବାଦ ପରେ ତ୍ରିଲୋଚନପୁର ପୋଲ ନିର୍ମାଣ କରାଯାଇଥିଲା। ଏହି ପୋଲ ନିର୍ମାଣ ହେବା ପରେ ଲୋକଙ୍କ ସୁବିଧା ସହିତ ଆଇଓସିଏଲଠାରୁ ଆରମ୍ଭ କରି ବିଭିନ୍ନ କମ୍ପାନୀ ନିର୍ମାଣ କାର୍ଯ୍ୟରେ ଉପଯୋଗୀ ସାବ୍ୟସ୍ତ ହୋଇଛି। କିନ୍ତୁ ଦୀର୍ଘଦିନର ଏହି ପୋଲ ଏବେ ବିପଦସଂକୁଳ ଅବସ୍ଥାରେ ଥିବାବେଳେ ଏଠାରେ ଆଉଏକ ପୋଲ ଆଜିପର୍ଯ୍ୟନ୍ତ ହୋଇପାରିନାହିଁ। ଏବେ ଏହି ପୋଲ ସବୁଠୁ ଅଧିକ ଆଇଓସିଏଲ କାର୍ଯ୍ୟରେ ଆସୁଥିବାବେଳେ ଆଇଓସିଏଲ ପକ୍ଷରୁ ନୂତନ ପୋଲ ନିର୍ମାଣ କରାଯାଉନାହିଁ। ଏହି ପୋଲ ଶିଳ୍ପମନ୍ତ୍ରୀଙ୍କ ଗାଁ ଓ ଜିରୋ ପଏଣ୍ଟରେ ଥିବା ଅଫିସ କାର୍ଯ୍ୟାଳୟକୁ ଯିବା ବାଟରେ ରହିଛି। ଦୈନିକ ଶହ ଶହ ହାଇୱାରେ ବାଲି ଓ ମାଟି ପରିବହନ କରୁଛନ୍ତି। ଫଳରେ ପୋଲ ପ୍ରତି ବିପଦ ସୃଷ୍ଟି କରିଛି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ସାଧାରଣରେ ଦାବି ହେଉଛି।

## କନିକାରେ ତ୍ରିରଙ୍ଗା ଶୋଭାଯାତ୍ରା




ରାଜକନିକା, ୨୩।୫(ସମିସ): ପହଲଗାମ ଘଟଣାର ପ୍ରତିଶୋଧ ପାଇଁ ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେସନ ସିନ୍ଦୂରର ବାର୍ତ୍ତା ପ୍ରସାର ପାଇଁ ରାଜକନିକାରେ ଯୁବ, ଛାତ୍ର, ଅବସର ସେନା ପକ୍ଷରୁ ଆଜି ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଛି। କନିକା ମେଳଣ ପଡ଼ିଆରୁ ବାହାରିଥିବା ଏହି ଶୋଭାଯାତ୍ରା କନିକା ସଦରର ଅଶୋକ ବଜାର, କଣ୍ଟପଡ଼ା ବଜାର ପରିକ୍ରମା କରି ଏସଏନ କଲେଜ ନିକଟରେ ଶେଷ ହୋଇଥିଲା। ଏହି ଶୋଭାଯାତ୍ରାରେ ଶ୍ରେୟସ ଦାସ, ସନ୍ତୋଷ କର, ଦିଲ୍ଲୀପ ପରିଡ଼ା, ସୋମନାଥ କର, କର୍ଣ୍ଣରାଜ ବାରିକ, ପ୍ରକାଶ ନାୟକ, ଶୁଭ୍ରଜିତ ବିଶ୍ୱାଳ, ସୁମନ୍ତ ନାୟକ, ଦେବଜ୍ୟୋତି ଜେନା, ଜଗବନ୍ଧୁ ନାୟକ, ସୁଜିତ ବେହେରା, ପ୍ରୀତିରଞ୍ଜନ ନାୟକ, ବିକ୍ରମ କେଶରୀ ଦଳାଇ, ଜିତେନ୍ଦ୍ର ଜେନା, ପ୍ରୀତିପ୍ରଜ୍ଞା ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ବନ୍ଦର କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପାରାଦୀପ, ୨୩।୫(ସମିସ): ପାରାଦୀପ ବନ୍ଦରରେ ବରିଷ୍ଠ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରୁଥିବା ଅକ୍ଷୟ କୁମାର ବେହେରା ଅବସର ଗ୍ରହଣ କରିଛନ୍ତି। ଜେସି କଲୋନୀ ପକ୍ଷରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମୁଖ୍ୟଅତିଥି ଭାବେ ବନ୍ଦର ଡାକ୍ତରଖାନାର ଉପମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁର୍ଗାପ୍ରସାଦ ସେଠୀ ଯୋଗଦେଇ ଶ୍ରୀ ବେହେରାଙ୍କ ନିଷ୍ଠାପର କାର୍ଯ୍ୟ ଓ ସମୟାନୁବର୍ତ୍ତିତା ପାଇଁ ତାଙ୍କୁ ପ୍ରଶଂସା କରିଥିଲେ। ବନ୍ଦରରେ ଦୀର୍ଘ ୩୩ ବର୍ଷ ଧରି ସେ ସେବା ଯୋଗାଇ ସମସ୍ତଙ୍କ ପ୍ରିୟପାତ୍ର ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଟ୍ରଷ୍ଟି ସୁନୀଲ ଦାସ, ଡା. ରୁନୁ ସିଂ, ଡା. ବାଦଲ ସିଂ, ଶ୍ରମିକ ନେତା ଗୁଣନିଧି ଚୌଧୁରୀ, ଅବସରପ୍ରାପ୍ତ ବର୍ଥିଙ୍ଗ ମାଷ୍ଟର ଗୋଲେଖ ଚନ୍ଦ୍ର ପ୍ରଧାନ, ବିସିସିଆଇ ପ୍ରଶିକ୍ଷକ ଜର୍ଜ ପଲ ରବିନସନ, କୋଷ୍ଟାଲ ଟ୍ରାନ୍ସପୋର୍ଟର ମୁଖ୍ୟ ଏସକେ ରମଜାନ, ସାମ୍ବାଦିକା ଗୀତାଞ୍ଜଳି ସ୍ୱାଇଁ, ବନ୍ଦରର ବରିଷ୍ଠ କର୍ମଚାରୀ ଧ୍ରୁବଚନ୍ଦ୍ର ତରାଇ, ଇଂ.ତନ୍ମୟ ଦାସ, ଇଂ. ରମାକାନ୍ତ ନାୟକ, ନିରଞ୍ଜନ ରଥ, ବସନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶ୍ରୀ ବେହେରାଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ତାଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।। ଉକ୍ତ କାର୍ଯ୍ୟକ୍ରମରେ ବହୁ ବନ୍ଦର କର୍ମଚାରୀ ସାମିଲ ଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ନାଉଗାଁ, ୨୩।୫ (ସମିସ): ନାଉଗାଁ ଥାନା ଅନ୍ତର୍ଗତ ତିରୁଣା ଗ୍ରାମର ଭରତ ଚନ୍ଦ୍ର ବେହେରାଙ୍କ ପୁଅ ସନ୍ତୋଷ ବେହେରା ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହରୁ ସନ୍ତୋଷ ଗତକାଲି ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନାଉଗାଁ ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି।

## ରୟାଲ ଗାଇଡ୍ +୨ ବିଜ୍ଞାନ ବିଦ୍ୟାଳୟର ସଫଳତା

ମାର୍ଶାଘାଇ, ୨୩।୫(ସମିସ): +୨ ବିଜ୍ଞାନ ପରୀକ୍ଷାରେ ମାର୍ଶାଘାଇ କୁଣଛକର ଦି ରୟାଲ ଗାଇଡ୍ ବିଜ୍ଞାନ ଆବାସିକ ଶିକ୍ଷାନୁଷ୍ଠାନ ଶତପ୍ରତିଶତ ସଫଳତା ହାସଲ କରିଛି। ୬୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୧ ଜଣ ପ୍ରଥମ ଶ୍ରେଣୀ, ୯ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଶୁଭଲକ୍ଷ୍ମୀ ଦାସ ୫୫୬, ରତୁପନ୍ନ ରାଉତ ୫୪୫, ଅଭିଜିତ୍ ଦାସ ୫୨୮, ତମନ୍ନା ମିଶ୍ର ୫୨୭, ବିଶ୍ୱପ୍ରକାଶ ପ୍ରଧାନ ୫୧୨ ରଖି ଶିକ୍ଷାନୁଷ୍ଠାନକୁ ଗୌରାନ୍ୱିତ କରିଛନ୍ତି। ଚେୟାରମ୍ୟାନ ଇଂ ଚିତ୍ତରଞ୍ଜନ ରଥ, ପରିଚାଳନା ନିର୍ଦ୍ଦେଶକ ଅଧ୍ୟାପକ ବିବେକାନନ୍ଦ ଦାସ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଧୀରେନ ଚୌଧୁରୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ତେରମାଣପୁର ବୁଢ଼ୀ କେନ୍ଦୁଳାଇଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ



କୁଜଙ୍ଗ, ୨୩।୫(ସମିସ): ସାଇଲୋ ପଞ୍ଚାୟତ ତେରମାଣପୁର ଗ୍ରାମର ଗ୍ରାମ ଦେବତୀ ମା' ବୁଢ଼ୀ କେନ୍ଦୁଳାଇଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଓ ନାମଯଜ୍ଞ ଆରମ୍ଭ ହୋଇଛି। ଏ ନେଇ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ତିନିଦିନ ଧରି ଏହି ଉତ୍ସବରେ ବୁଧବାର ଅଙ୍କୁର ରୋପଣ କରାଯାଇଥିବାବେଳେ ଗୁରୁବାର କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ବିଗ୍ରହଙ୍କ ମହାସ୍ନାନ ହେବା ସହ ଯଜ୍ଞ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଗ୍ରାମ ଦେବତୀଙ୍କ ନଗର ପରିକ୍ରମା, ମନ୍ଦିର ପ୍ରତିଷ୍ଠା ମନ୍ଦିର ପ୍ରବେଶ ଓ ନାମଯଜ୍ଞ ହେଉଛି। ଶନିବାର ଗୋମାତାଙ୍କ ପୂଜା ସହ ମା'ଙ୍କ ପହିଲି ଦର୍ଶନ ଚଣ୍ଡିଯଜ୍ଞ ପୂର୍ଣ୍ଣାହୁତି ହେବ। ଏହି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ, ରାଜନେତା ଓ ମୁରାବୀ ଯୋଗ ଦେଉଛନ୍ତି।

## ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା, ୨୩।୫(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଚାଇଲ୍ଡ ଫଣ୍ଡ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସଭାଗୃହରେ ଶିଶୁ ସୁରକ୍ଷା ଉପରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ଶିଶୁଙ୍କ ଅନଲାଇନ ସୁରକ୍ଷାକୁ ନେଇ ଏକ ସଚେତନା ସଭା ଆୟୋଜିତ ହୋଇଯାଇଛି। ପରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ଯୋଗଦେଇ ସଚେତନ ରଥର ଉଦଘାଟନ କରିଥିଲେ। ଏହାପରେ ସଚେତନତା ରଥ ସହର ପରିକ୍ରମା କରିଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକକୁ ପରିଚାଳନା କରିଥିଲେ। ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଶିଶୁଙ୍କ ସାମ୍ପ୍ରତିକ ସ୍ଥିତି ଓ ପରିସ୍ଥିତି, ସେମାନଙ୍କ ଭବିଷ୍ୟତ କିଭଳି ଉଜ୍ଜ୍ୱଳମୟ ହୋଇପାରିବ ସେ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଜିଲ୍ଲାରେ ସମସ୍ତ ଶିଶୁ ସୁରକ୍ଷିତ ରହି ତାଙ୍କର ଭବିଷ୍ୟତ ଗଠନ କରିବେ। ତା' ଉପରେ ସମସ୍ତ ବିଭାଗର ଅଧିକାରୀ ଯତ୍ନଶୀଳ ହେବା ଉଚିତ। ବାଲ୍ୟବିବାହ ନିରାକରଣ, ନାରୀ ନିର୍ଯାତନା ସମ୍ପର୍କରେ ଥିବା ଆଇନଗତ ନିୟମାବଳୀ ସମ୍ପର୍କରେ ଡାକ୍ତର ବେଣୁଧର ସେନାପତି ସଂସାଧନ ଅଧିକାରୀ ଭାବେ ଆଲୋଚନା କରିବା ସହ ସଦସ୍ୟଙ୍କ ବିଭିନ୍ନ ସମସ୍ୟାଗତ ପ୍ରଶ୍ନର ଉତ୍ତର ରଖିଥିଲେ। ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଚାଇଲ୍ଡ ଫଣ୍ଡ ଇଣ୍ଡିଆର କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରାଜ୍ୟର ଜଣାଶୁଣା ଶିଶୁ ସୁରକ୍ଷା ସକ୍ରିୟ କର୍ମକର୍ତ୍ତା ବେଣୁଧର ସେନାପତି ଡିସିପିୟୁ, ସିଡବ୍ଲ୍ୟୁସି, ଜେଜେବି, ସିଏଚଏଲ, ଡବ୍ଲ୍ୟୁଏଚଏଲ ଓ ଟିଆରଡବ୍ଲ୍ୟୁ ଶିକ୍ଷକଙ୍କ ଦକ୍ଷତା ବିକାଶ ପାଇଁ ସ୍ଲାଇଡ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

■ ମହାବୀର ସ୍ପୋର୍ଟିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଭୀମାନାସିକୁ ହରାଇ ୟୁନିଟ୍ ଇଲେଭେନ୍ ଚାମ୍ପିଅନ୍



ପାରାଦୀପ, ୨୩।୫ (ସମିସ): ପଞ୍ଚମ ମହାବୀର ସ୍ପୋର୍ଟିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ନୂଆବଜାର ଟିବି କଲୋନୀ ଏନଏମଟିସି ଖେଳ ପଡ଼ିଆରେ ଆୟୋଜିତ ଦିନିକିଆ ଟୁର୍ଣ୍ଣାମେଣ୍ଟରେ ପାରାଦୀପ ଅଞ୍ଚଳର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଅଠରବାଙ୍କୀ ୟୁନିଟ୍ ଇଲେଭେନ ଓ ଭୀମାନାସି ମଧ୍ୟରେ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଏଥିରେ ୟୁନିଟ୍ ଇଲେଭେନ ବିଜୟୀ ହୋଇ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି।

ଫାଇନାଲ୍ ମ୍ୟାଚ୍‌ରେ ଭୀମାନାସି ପ୍ରଥମ ବ୍ୟାଟିଂ କରି ୫ ଓଭରରେ ୨୨ ରନ ସଂଗ୍ରହ କରିଥିବାବେଳେ ଜବାବରେ ୟୁନିଟ୍ ଇଲେଭେନ ୨.୫ ଓଭରରେ ୨୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ ଟିମକୁ ଟ୍ରଫି, ଅର୍ଥରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ନୂଆ ବଜାର ଅଞ୍ଚଳର ମୁରବୀ ତଥା ବିଜେଡିର ବରିଷ୍ଠ ନେତା କୁମରବର ନାୟକ, ୧୬ନଂ ୱାର୍ଡ କାଉନସିଲର ମନୋଜ କୁମାର ନାୟକ, ସମୀର କୁମାର ବିଶ୍ୱାଳ, ବରିଷ୍ଠ ଆଇନଜୀବୀ କୈଳାସ ସାହୁ, ଦୀପକ ସ୍ୱାଇଁ, ନରେନ୍ଦ୍ର ରାଉତ ଓ ଅଶୋକ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ପରମ ଜ୍ୟୋତି କଳା କ୍ଷେତ୍ରର ନୃତ୍ୟ ପ୍ରତିଯୋଗିତା




ପାରାଦୀପ, ୨୩।୫(ସମିସ): ଜୟଦେବ ସଦନରେ ପାରାଦୀପର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ପରମ ଜ୍ୟୋତି କଳା କ୍ଷେତ୍ର ପକ୍ଷରୁ ତୃତୀୟ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଯୋଗଦେଇ ଉଦ୍‌ଘାଟନ କରିବା ସହ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର ଆଗକୁ କିଭଳି ଅଧିକରୁ ଅଧିକ ହୋଇପାରିବ, ସେଥିପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ପରମ ଜ୍ୟୋତି କଳା କ୍ଷେତ୍ରରେ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଏ ଅବସରରେ ନୃତ୍ୟ କ୍ଷେତ୍ରରେ ରାଜ୍ୟ ସ୍ତରରେ ସୁନାମ ଅର୍ଜନ କରିଥିବା କଳାକାର ଓ ନୃତ୍ୟ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବନ୍ଦରର ମୁଖ୍ୟ ଅର୍ଥ ପରାମର୍ଶଦାତା ଧର୍ମେନ୍ଦ୍ର ନାଥ ସୋନ୍ଧି, ସାଂସଦଙ୍କ ବ୍ୟକ୍ତିଗତ ସଚିବ ଅବିନାଶ ପରିଡ଼ା, ପାରାଦୀପ ପ୍ରତିନିଧି ଗୌତମ ନାୟକ ଓ ଇଂ ମନୋଜ ନାୟକ, ନୃତ୍ୟଗୁରୁ ନିରଞ୍ଜନ ରାଉତ, ନାଟ୍ୟଶ୍ରୀ ପ୍ରଭାତ ମହାରଣା, ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନର ସାଧାରଣ ସମ୍ପାଦକ ନୃସିଂହ ଶତପଥି ପ୍ରମୁଖ ଯୋଗ ଦେଇଥିଲେ।

## ବଳରାମପୁରରେ ଏଏନ୍‌ଏମ୍ ସେଣ୍ଟର ନିର୍ମାଣ ଦାବି



ରାଜକନିକା, ୨୩।୫(ସମିସ): ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତର କୋଠସାହିସ୍ଥ ମା' ଦୁର୍ଗା ପଡ଼ିଆ ସଂଲଗ୍ନ ସ୍ଥାନରେ ନିର୍ମାଣ ହେଉଥିବା ଏଏନଏମ ସେଣ୍ଟରକୁ କିଛି ବ୍ୟକ୍ତି ବିରୁଦ୍ଧ କରି କାର୍ଯ୍ୟ ବନ୍ଦ କରିଥିବା ଘଟଣାକୁ ବିରୋଧ କରି ଆଜି ଶତାଧିକ ପଞ୍ଚାୟତବାସୀ କନିକା ତହସିଲଦାରଙ୍କ ମାଧ୍ୟମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ଦାବିପତ୍ର ପ୍ରଦାନ କରିଛନ୍ତି। ଆଜି ପୂର୍ବାହ୍ନରେ କନିକା ତହସିଲରେ ତହସିଲଦାର ଅଶୋକ କୁମାର ଦେହୁରୀଙ୍କୁ ଭେଟି ପଞ୍ଚାୟତବାସୀ ଦାବିପତ୍ର ଦେବା ସହ ସଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବ୍ଲକ ଓ ତହସିଲ ଘେରଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

### ନଦୀ କୂଳରେ ଥାଇ ବାଲି ପାଉନାହାନ୍ତି ଲୋକେ

# ଆବାସ ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ବାଲି ଯୋଗାଣ ଦାବି

ଡେରାବିଶ, ୨୩।୫(ସମିସ)

ଡେରାବିଶ ବ୍ଲକ ଅଞ୍ଚଳର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ଦୁଇଟି ଚିରସ୍ରୋତା ନଦୀ ଲୁଣା ଓ ବିରୂପା ପ୍ରବାହିତ ହେଉଛି। ଉଭୟ ନଦୀରେ ପ୍ରଚୁର ପରିମାଣରେ ମଧୁର ବାଲି ରହିଛି। ସେଥିରୁ ଲୁଣାନଦୀର ମଧୁର ବାଲି କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ହେଉଥିବା ସମସ୍ତ ନିର୍ମାଣ କାମରେ ଆଗେ ଖୋଜା ପଡ଼ିଥାଏ। ତେବେ ନଦୀ କୂଳରେ ଥାଇ ମଧ୍ୟ ବାଲି ପାଉନାହାନ୍ତି ଲୋକେ। ସେମାନେ ଚଢ଼ା ଦରରେ ବାଲି କିଣି ଘର କରିବାକୁ ବାଧ୍ୟ ହେଉଛନ୍ତି। ଆବାସ ହିତାଧିକାରୀ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ସେମାନଙ୍କୁ ସୁଲଭ ମୂଲ୍ୟରେ ବାଲି ଯୋଗାଣ ପାଇଁ ଦାବି ହେଉଛି।

ଲୁଣା ଓ ବିରୂପା ନଦୀର ଡେରାବିଶ ବ୍ଲକ ଅଞ୍ଚଳରେ ୮ଟିରୁ ଊର୍ଦ୍ଧ୍ୱ ବାଲିଘାଟ ରହିଛି। କିଛିବର୍ଷ ପୂର୍ବରୁ ଏସବୁ ଘାଟ ଡେରାବିଶ ତହସିଲ ପକ୍ଷରୁ ନିଲାମ ହେଉଥିଲା। ଯେଉଁଥିରୁ ବାଲି ଉତ୍ତୋଳନ କରାଯାଇ ସ୍ଥାନୀୟ ଅଞ୍ଚଳ ସମେତ କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଲୋକେ ଉପକୃତ ହେଉଥିଲେ। ତେବେ ଏହି ଲୁଣା ଓ ବିରୂପା ନଦୀ ପାର୍ଶ୍ୱରେ ଥିବା ପଞ୍ଚାୟତର ଲୋକେ ଏହି ବାଲିଘାଟରୁ ଖୁବ୍ କମ୍ ଟଙ୍କାରେ ବାଲି କିଣି ଘର କାମରେ ଲଗାଉଥିଲେ। ଯେବେଠାରୁ ବାଲି ମାଫିଆଙ୍କ ନଜର ଏହି ନଦୀ ଘାଟ ଉପରେ ପଡ଼ିଲା, ସେବେଠାରୁ ବାଲି ମହଙ୍ଗା ହେବାରେ ଲାଗିଲା। ଗତ କିଛିବର୍ଷ ହେବ ତହସିଲ ପ୍ରଶାସନଠାରୁ ଖଣି ବିଭାଗକୁ ଏହି ବାଲିଘାଟ ହସ୍ତାନ୍ତର ପରେ ଏହି ଘାଟ ଅଦ୍ୟାବଧି ନିଲାମ ହୋଇପାରିନାହିଁ। ବାଲି ଘାଟରୁ ସରକାରୀ ଭାବେ ବାଲି ଉତ୍ତୋଳନ ବନ୍ଦ ହୋଇଯିବା ପରେ ଅସାଧୁ କର୍ମଚାରୀଙ୍କୁ ହାତରେ ରଖି ବାଲି ମାଫିଆ ବିଳମ୍ବିତ ରାତିରେ ବାଲି ଘାଟରୁ ବାଲି ଉତ୍ତୋଳନ କରୁଛନ୍ତି। ଲୋକ ଦେଖାଣିଆ ନିୟମିତ ବ୍ୟବଧାନରେ ପ୍ରଶାସନ ପକ୍ଷରୁ କିଛି ବାଲି ବୋଝେଇ ହାଇୱାକୁ ଅଟକାଇ ଜରିମାନା ଆଦାୟ କରାଯାଉଥିଲେ ବି ଚୋରାରେ ବାଲି ଚାଲାଣ ଅବ୍ୟାହତ ରହିଛି। ମାଫିଆମାନେ ଏହି ଚୋରା ବାଲିର ଦାମ ଆକାଶ ଛୁଆଁ କରିଛନ୍ତି।

ଏବେ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ଚାଳଛପର ଥିବା ଗରିବ ଲୋକଙ୍କୁ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେଉଛନ୍ତି। ଏହି ଘର ନିର୍ମାଣ ପାଇଁ ମୁଖ୍ୟ କଞ୍ଚାମାଲ ବାଲି ହୋଇଥିବାବେଳେ ଗରିବ ଲୋକଟିକୁ ନଦୀ କୂଳରେ ଥାଇ ମଧ୍ୟ ଗୋଟିଏ ଟ୍ରାକ୍ଟର ଚୋରା ବାଲି ଯାହାକି ୮୦ ଘନ ଫୁଟ କିଣିବା ପାଇଁ ୨ହଜାରରୁ ୩ ହଜାର ଟଙ୍କା ଦେବାକୁ ପଡୁଛି। ଗୋଟିଏ ଘର ନିର୍ମାଣ କରିବା ପାଇଁ ନିଅଁ ଖୋଳିବାଠାରୁ ଛାତ ପକାଇବା ପାଇଁ ଅତିକମ୍‌ରେ ୧୫ ଟ୍ରିପ ବାଲି ଆବଶ୍ୟକ ହୋଇଥାଏ। ଯଦି ଘର ନିର୍ମାଣ ପାଇଁ ବାଲି କିଣିବା ନିମନ୍ତେ ୩୦ରୁ ୪୦ ହଜାର ଟଙ୍କା ଲାଗିବ, ତେବେ ସରକାରଙ୍କ ପକ୍ଷରୁ ମିଳୁଥିବା ସୀମିତ ଟଙ୍କାରେ ଅନ୍ୟ ନିର୍ମାଣ ସାମଗ୍ରୀ ଓ ରାଜମିସ୍ତ୍ରିଙ୍କ ମଜୁରି କିପରି ଭରିବ। ଫଳରେ ଗରିବ ଲୋକଟି ବଚରା ସରକାରୀ ଟଙ୍କା ସାରି ଘରକୁ ସମ୍ପୂର୍ଣ୍ଣ କରିବା ପାଇଁ ବାରମ୍ବାର ଶୁଣ୍ଢିପିଣ୍ଡା ହୋଇ ଧାର କରଜ କରିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ଆବାସ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ ସମୟରେ ଆବଶ୍ୟକ ହେଉଥିବା ଅତିକମ୍‌ରେ ୧୫ ଟ୍ରିପ ବାଲିକୁ ରାହାତି ମୂଲ୍ୟରେ ନଦୀରୁ ଉତ୍ତୋଳନ କରିବା ପାଇଁ ଅନୁମତି ମିଳୁ। ଫଳରେ ଗରିବ ଆବାସ ହିତାଧିକାରୀ ସୁଫଳ ପାଇବା ସହ ସରକାରଙ୍କ ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

## ବିପ୍ଳବ କଥା ଓ କବିତା ପାଠ ଉତ୍ସବ



କୁଜଙ୍ଗ,୨୩।୫(ସମିସ): ସ୍ଥାନୀୟ ଲୋକନାଥ ଭବନରେ ସାଥୀ ଲୋକନାଥ ଚୌଧୁରୀ ଜନ୍ମ ଶତବାର୍ଷିକ ସ୍ମୃତି ସଂସଦ ପକ୍ଷରୁ ବିପ୍ଳବ କଥା ଓ କବିତା ପାଠ ଉତ୍ସବ ଆୟୋଜିତ ହୋଇଯାଇଛି। ପଚାଶରୁ ଊର୍ଦ୍ଧ୍ୱ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ ଓ ସାଥୀ ଲୋକନାଥ ଚୌଧୁରୀଙ୍କ ସାମ୍ୟବାଦ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା ହୋଇଥିଲା। ସାହିତ୍ୟିକ ଡକ୍ଟର କେଶବ ଦଳାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କବି ସଲୀଳ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କବି ନଗେନ୍ଦ୍ର ନାଥ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଡକ୍ଟର ସୁରେଶ ପ୍ରଧାନ, କବି ପ୍ରଭାତୀ ମାଝୀ ଓ କବି ଜୟନ୍ତୀ ଦାସ ପ୍ରମୁଖ ଯୋଗଦେଇ କବିତା ପାଠ ସହିତ ବିପ୍ଳବ ସର୍ବଦା ସ୍ଥିତିର ପରିବର୍ତ୍ତନ କରାଇ ଇତିହାସ ରଚିଥାଏ ବୋଲି ଆଲୋଚନାରେ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ ଓ କବି ପ୍ରଶାନ୍ତ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ପୀତାମ୍ବର ତରାଇ, ଉତ୍କଳ ସାହିତ୍ୟ ସମାଜ ଉପସଭାପତି ଜୀବନାନନ୍ଦ ଅଧିକାରୀ, ପ୍ରେସ୍ କ୍ଲବ ସଭାପତି ଡକ୍ଟର ରଘୁନାଥ ସାହୁ, ଡାକ୍ତର ଗିରିଧାରୀ ସାହୁ, ସାଥୀ ଶରତ ବେହେରା, କୁଜଙ୍ଗ ଜୋନ ସିପିଆଇ ସମ୍ପାଦିକା ଜିନ୍ମୟୀ ସାହାଣୀ, ସୁବାସ ମହାପାତ୍ର, ନବୀନ ପ୍ରଧାନ, ରୁନିବାଳା ମଲିକ, ସରୋଜିନୀ ମିଶ୍ର ଓ ବିଜୟ ଖଟେଇଙ୍କ ସମେତ ବହୁ କବି ଓ ଆଲୋଚକ ଯୋଗଦେଇଥିଲେ। ସ୍ମୃତି ସଂସଦ ସମ୍ପାଦକ ସାଥୀ ଶ୍ରୀନିବାସ ଜୁଝାର ସିଂ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରତି ତିନିମାସରେ ଏପରି ସାହିତ୍ୟ ଉତ୍ସବ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ଷଣ୍ଢ ଆକ୍ରମଣରେ ଯୁବକ ଗୁରୁତର

ବାଲିକୁଦା,୨୩।୫(ସମିସ): ବାଲିକୁଦା ବ୍ଲକ ଅଡ଼ଙ୍ଗା ପଞ୍ଚାୟତରେ ଏକ ମାରଣା ଷଣ୍ଢ ଆତଙ୍କ ସୃଷ୍ଟି କରିଥିବାବେଳେ ଆଜି ଅଡ଼ଙ୍ଗା ଗ୍ରାମରେ ଉକ୍ତ ଷଣ୍ଢ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ଜଣାପଡିଛି। ଅଡ଼ଙ୍ଗା ଗ୍ରାମର ସୁରେନ୍ଦ୍ର ମହାରଣା ଆଜି ମଧ୍ୟାହ୍ନରେ ରାସ୍ତାରେ ଯାଉଥିବାବେଳେ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା। ସୁରେନ୍ଦ୍ର ରାସ୍ତା କଡ଼ରେ



ପଡ଼ିଥିବାବେଳେ ଗ୍ରାମର ସମାଜସେବୀ ବିଶ୍ୱାଳ ଆମ୍ବୁଲାନ୍ସ ଯୋଗେ ସୁରେନ୍ଦ୍ରଙ୍କୁ ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲ ପଠାଯାଇଥିବା ଜଣାଯାଇଛି। ଏହି ଆକ୍ରମଣରେ ସୁରେନ୍ଦ୍ରଙ୍କ ମୁଣ୍ଡ ଫାଟି ଯାଇଥିବାବେଳେ ଛାତିର ହାଡ଼ ଭାଙ୍ଗିଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି।

## ଶିକ୍ଷାକ୍ଷେତ୍ରରେ ପଛୁଆବର୍ଗଙ୍କ ସଂରକ୍ଷଣକୁ ଓବିସି ମୋର୍ଚ୍ଚାର ସ୍ୱାଗତ



ଜଗତସିଂହପୁର,୨୩।୫(ସମିସ): ରାଜ୍ୟ ସରକାର ସାମାଜିକ ଓ ଆର୍ଥିକ ଦୃଷ୍ଟିକୋଣରୁ ପଛୁଆ ରହିଥିବା ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାକ୍ଷେତ୍ରରେ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଏଭଳି ପଦକ୍ଷେପକୁ ଓବିସି ମୋର୍ଚ୍ଚା ପକ୍ଷରୁ ସ୍ୱାଗତ କରାଯାଇଛି। ଏ ନେଇ ଜଗତସିଂହପୁର ଜିଲ୍ଲା ଓବିସି ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ରାଜ୍ୟ ସଂଯୋଜକ ନୃସିଂହ ସାହୁ, ଜଗନ୍ନାଥ ସ୍ୱାଇଁ, ଜିଲ୍ଲା ସଂଯୋଜକ ସୁବୋଧ ବାରିକ, ସାଧାରଣ ସମ୍ପାଦକ ଦେବରାଜ ସାମଲ, ରମେଶ ପୃଷ୍ଟି ଓ ଜଗତସିଂହପୁର ପୌର ପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ ପ୍ରମୁଖ ଯୋଗଦେଇ ଏହି ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ପଛୁଆବର୍ଗ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ।

## ଭାଗ୍ୟଲକ୍ଷ୍ମୀ ତିର୍ତ୍ତୋଲ କଲେଜ ବିଜ୍ଞାନ ଟପ୍ପର

ତିର୍ତ୍ତୋଲ, ୨୩।୫(ସମିସ): +୨ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ତିର୍ତ୍ତୋଲସ୍ଥ ଆଦିକବି ସାରଳା ଦାସ ମହାବିଦ୍ୟାଳୟ +୨ ବିଜ୍ଞାନ ଛାତ୍ରୀ ଭାଗ୍ୟଲକ୍ଷ୍ମୀ ରାଉତ ୫୪୧ ନମ୍ବର ରଖି ଟପ୍ପର ହୋଇଛନ୍ତି। ମହାବିଦ୍ୟାଳୟ ପକ୍ଷରୁ +୨ ବିଜ୍ଞାନରେ ୨୬୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୪୭ ଜଣ ପ୍ରଥମ, ୬୬ ଜଣ ଦ୍ୱିତୀୟ ଓ ୨୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଲେଜ ଟପ୍ପର ହୋଇଥିବା ଭାଗ୍ୟଲକ୍ଷ୍ମୀ ତାଙ୍କର ଏହି ସଫଳତା ପାଇଁ ଶାରଳା କୋଚିଂ କେନ୍ଦ୍ରର ମୁଖ୍ୟ ପରିଚାଳକ ବୁବୁଲା ସାର ଓ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା, ତିର୍ତ୍ତୋଲ କଲେଜର ଅଧ୍ୟାପକ ଅଧ୍ୟାପିକା ଓ ତାଙ୍କର ପିତାମାତାଙ୍କୁ ଶ୍ରେୟ ଦେଇଛନ୍ତି। ସେ ଭବିଷ୍ୟତରେ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛନ୍ତି।



## ବିଜେପିର ସାଂଗଠନିକ ବୈଠକ

ତିର୍ତ୍ତୋଲ,୨୩।୫(ସମିସ): ତିର୍ତ୍ତୋଲ ବ୍ଲକ୍ ଅଧୀନ ଗୋପାଳପୁର-ଶଙ୍ଖେଶ୍ୱର ପଞ୍ଚାୟତର ବିଜିପୁରଠାରେ ବିଜେପି ପକ୍ଷରୁ ପଞ୍ଚାୟତସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମଣ୍ଡଳ ସଭାପତି ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତର ପ୍ରତ୍ୟେକ ୱାର୍ଡର ବିଜେପିର ବରିଷ୍ଠ, ମହିଳା ଓ ଯୁବ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ବିଜେପି ପ୍ରଭାରୀ ପ୍ରଶାନ୍ତ ପଣ୍ଡା, ଦାଇଁଲୋ ମଣ୍ଡଳ ଓବିସି ଯୁବମୋର୍ଚ୍ଚା ସଭାପତି ନିହାର ମହାପାତ୍ର, ବରିଷ୍ଠ କାର୍ଯ୍ୟକର୍ତ୍ତା ଧ୍ରୁବଚରଣ ଦାସ, ବିଳାସ ସେନାପତି, ବୈଷ୍ଣବ ସେଠୀ, ଯଶୋବନ୍ତ ସାହୁ, ଶାନ୍ତିଲତା ରାଏ, ବାଦଲ ସାହୁ, ଅକ୍ଷୟ ବରାଳ ପ୍ରମୁଖ ଗୋପାଳପୁର-ଶଙ୍ଖେଶ୍ୱର ପଞ୍ଚାୟତ ବିଜେପି ସଂଗଠନକୁ ସୁଦୃଢ଼ କରିବା ନେଇ ଆଲୋଚନା କରିଥିଲେ। ସାଂଗଠନିକ ଦାୟିତ୍ୱ ସମାଜସେବୀ ବିଜୟକୁମାର ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଥିଲା। ଶ୍ରୀ ବିଶ୍ୱାଳ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହ ନୂତନ ଦାୟିତ୍ୱ ପାଇଁ ବରିଷ୍ଠ କର୍ମକର୍ତ୍ତାଙ୍କ ମାର୍ଗଦର୍ଶନ ଓ ସହଯୋଗ କାମନା କରିଥିଲେ।



### ଜଗତସିଂହପୁର-ଆଲିପିଙ୍ଗଳ ରାସ୍ତା ଶୋଚନୀୟ

# ରାସ୍ତାରେ ଗର୍ତ୍ତ, ବର୍ଷା ପୂର୍ବରୁ ମରାମତି ଦାବି

ଜଗତସିଂହପୁର,୨୩।୫(ସମିସ): ଜଗତସିଂହପୁର ରାସ୍ତା ଓ ଗୃହନିର୍ମାଣ ବିଭାଗ ଅଧୀନରେ ଥିବା ଜଗତସିଂହପୁର ପୋଷ୍ଟ ଅଫିସଠାରୁ ଆଲିପିଙ୍ଗଳ ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତା ନିୟମିତ ବ୍ୟବଧାନରେ ମରାମତି ଓ ନବୀକରଣ କରାଯାଉଛି। ତେବେ କାମ ସରିବାର ଦିନ କେଇଟା ମଧ୍ୟରେ କେଉଁଠି ରାସ୍ତାରୁ ପିଚୁ ଉଠିଯାଉଛି ତ ଆଉ କେଉଁଠି ଗର୍ତ୍ତ ସୃଷ୍ଟି ହୋଇ ଗମନାଗମନ ବାଧାପ୍ରାପ୍ତ ହେଉଛି। ବର୍ତ୍ତମାନ ଏହି ରାସ୍ତା ଶୋଚନୀୟ ହୋଇପଡ଼ିଛି। ବର୍ଷାଦିନ ପୂର୍ବରୁ ଉକ୍ତ ରାସ୍ତା ମରାମତି କରାଯିବାକୁ ଦାବି ହେଉଛି।



ଗତବର୍ଷ ଏହି ରାସ୍ତାର ପୋଷ୍ଟ ଅଫିସ ଛକଠାରୁ ଅତାମଳା ପର୍ଯ୍ୟନ୍ତ ପିଚୁ କରାଯାଇଥିଲା। ଏବେ କିନ୍ତୁ ପବ୍ଲିକ୍ ସ୍କୁଲ, ଜୟବଡ ଛକ ଓ ଅନ୍ୟ କେତୋଟି ସ୍ଥାନରେ ଉକ୍ତ ରାସ୍ତାରେ ପିଚୁ ଉଠିଯାଇ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଯଦ୍ୱାରା ଗମନାଗମନରେ ଅସୁବିଧା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ଗତ ମାର୍ଚ୍ଚ ମାସରେ ଅତାମଳାଠାରୁ କାଠପୋଲ ପର୍ଯ୍ୟନ୍ତ ଏହି ରାସ୍ତା ପିଚୁ କରାଯାଇଥିଲା। ହେଲେ ୨୪ ଘଣ୍ଟା ନ ପୂରୁଣୁ ଅତାମଳା ନିକଟରେ ଗୋଡ଼ ମାରିଦେଲେ ଫଡା ଫଡା ହୋଇ ପିଚୁ ଛାଡିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଅବଶ୍ୟ ଏହାକୁ ମରାମତି କରାଯାଇ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି।

ପ୍ରତିବର୍ଷ ଦଶହରା ଓ ଅନ୍ୟ ସମୟରେ ପ୍ରାୟତଃ ଏହି ରାସ୍ତାର ମରାମତି କରାଯାଇଥାଏ। ମରାମତି ଆଳରେ ରାସ୍ତାରେ ହୋଇଥିବା ଖାଲଖମାକୁ କେବଳ ଧର୍ମକୁ ଆଖିଠାର ମାରିବା ଭଳି ପ୍ୟାଚ୍ କରାଯାଏ। ଯାହାକି ଅସରାଏ ବର୍ଷାରେ ପୂର୍ବ ଅବସ୍ଥାକୁ ଫେରିଆସେ। କିଛିବର୍ଷ ପୂର୍ବେ ଏହି ରାସ୍ତାର ଏକ ବଡ଼ ଅଂଶକୁ ସିମେଣ୍ଟ ଢଳେଇ କରାଯାଇଥିଲା। ଅତ୍ୟନ୍ତ ନିମ୍ନମାନର କାମ ହୋଇଥିବାରୁ ଦିନ କେଇଟା ପରେ ସିମେଣ୍ଟ ଧୋଇଯାଇ ମେଟାଲ ବାହାରି ପଡିଥିଲା। ଗଣମାଧ୍ୟମରେ ଏ ସଂପର୍କିତ ଖବର ପ୍ରକାଶ ପାଇବା ପରେ ପୁଣିଥରେ ରାସ୍ତା ମରାମତି ହୋଇଥିଲା। ସେହିପରି ଏହି ରାସ୍ତାର ହାଟବଜାର ମାଛ ମାର୍କେଟ ନିକଟରେ ବାରମ୍ବାର ମରାମତି କରାଯାଉଥିଲେ ମଧ୍ୟ ବର୍ଷାଦିନେ ପାଣି ଜମିରହି ଗର୍ତ୍ତ ସୃଷ୍ଟି ହେଉଛି। ଏହି ସ୍ଥାନରେ ସ୍ଥାୟୀ ଭାବେ କିପରି ରାସ୍ତାର ଅବସ୍ଥା ସୁଧୁରିପାରିବ, ସେ ସମ୍ପର୍କରେ କୌଣସି ପଦକ୍ଷେପ ବିଭାଗ ପକ୍ଷରୁ ନିଆଯାଉ ନ ଥିବା ଅଭିଯୋଗ କରାଯାଇଛି। ଜଗତସିଂହପୁରରୁ ଭୁବନେଶ୍ୱର ଓ ପୁରୀ ପ୍ରଭୃତି ସ୍ଥାନକୁ ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ସଂଖ୍ୟାରେ ଯାନବାହାନ ଚଳାଚଳ କରିଥାଏ। ସେହିପରି ସୋମନାଥ ହାଟ, ଜଗତସିଂହପୁର ବ୍ଲକ୍, ତହସିଲ ଓ ଗ୍ରାମ୍ୟ ନିର୍ମାଣ ବିଭାଗ କାର୍ଯ୍ୟାଳୟକୁ ଏହି ରାସ୍ତା ଦେଇ ଯିବାକୁ ପଡିଥାଏ। ଏହାଛଡ଼ା ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ଏହି ରାସ୍ତାରେ ସ୍କୁଲ ଓ କଲେଜକୁ ଯାତାୟାତ କରନ୍ତି। ଏସବୁ ଦୃଷ୍ଟିରୁ ଏହା ଏକ ବ୍ୟସ୍ତବହୁଳ ରାସ୍ତା ଭାବେ ଗଣାଯାଇଥାଏ। ତେଣୁ ଏହି ରାସ୍ତାର ନବୀକରଣ କିମ୍ବା ମରାମତି ସମୟରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଅଧିକ ଯତ୍ନବାନ ହେବାକୁ ସାଧାରଣରେ ଦାବି କରାଯାଇଛି। ଏ ସମ୍ପର୍କରେ ଜଗତସିଂହପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ପଚାରିବାରୁ ଆସନ୍ତା ବର୍ଷାଦିନ ପୂର୍ବରୁ ରାସ୍ତା ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି।

## ପୂଜ୍ୟପୂଜା ସଂସଦ ପକ୍ଷରୁ ଛାତ୍ର ଗୌରବ ସମ୍ମାନ ଉତ୍ସବ

ଏରସମା,୨୩।୫(ସମିସ): ଏରସମା ବ୍ଲକ୍ ଅନ୍ତର୍ଗତ ପଞ୍ଚପଲ୍ଲୀ ପୂଜ୍ୟପୂଜା ସଂସଦ ପକ୍ଷରୁ ଛାତ୍ର ଗୌରବ ଉତ୍ସବ ଗ୍ରାମେଶ୍ୱର ମନ୍ଦିର ସମ୍ମୁଖ ପଞ୍ଚପଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସ୍ଥାୟୀ ସଭାପତି ଶୁଭନାରାୟଣ ନାୟକଙ୍କ ସଭପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ପାଦକ ଶିଶିର କୁମାର ବିଶ୍ୱାଳ ନିଜ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ, ବ୍ୟକ୍ତିବିଶେଷଙ୍କୁ ପୂଜ୍ୟପୂଜା ସଂସଦ ପୁରସ୍କୃତ କରି ଆଗକୁ ବଢିବାକୁ ବାଟ ଦେଖାଏ ବୋଲି କହିଥିଲେ।



ଆରମ୍ଭରୁ ସହିଦଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ପୋଖରୀଆପଡ଼ା ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଭାକର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଜେନା, ସ୍ଥାନୀୟ ସରପଞ୍ଚ ସୀମାଇଁ ଚରଣ ଭୋଳ, ଗ୍ରାମେଶ୍ୱର ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଂଗ୍ରାମ କେଶରୀ ମହାନ୍ତି ଯୋଗଦେଇ ଛାତ୍ର ଗୌରବ ଉତ୍ସବ କୃତୀ ଛାତ୍ରଛାତ୍ରୀଙ୍କ ଭିତରେ ଆଗକୁ ଭଲ ପାଠ ପଢିବା ପାଇଁ ବାଟ ଦେଖାଇବା ପାଇଁ ଏକ ମାଧ୍ୟମ ପାଲିଟିଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକ୍ ଟପ୍ପର ତଥା ପଞ୍ଚପଲୀ ଗ୍ରାମେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଥମ ହୋଇଥିବା ସାଇ ଆୟୁଷା ମହାନ୍ତି, ଦ୍ୱିତୀୟ ପ୍ରତିପ୍ରଜ୍ଞା ସ୍ୱାଇଁ, ତୃତୀୟ ଚନ୍ଦ୍ରକାନ୍ତ ଲେଙ୍କା, ସୁଶ୍ରୀ ସୁସ୍ମିତା ପ୍ରିୟଦର୍ଶନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଷଷ୍ଠ ଶ୍ରେଣୀରେ ରୁଦ୍ର ସ୍ୱାଇଁ, ସପ୍ତମ, ଅଷ୍ଟମରେ ରାଜଲକ୍ଷ୍ମୀ ପଣ୍ଡା, ନବମରେ ଆଦ୍ୟଶା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହରପ୍ରସାଦ ମିଶ୍ରଙ୍କୁ ଆଦର୍ଶ ଶିକ୍ଷକ, ଦୁର୍ଗାଚରଣ ସ୍ୱାଇଁଙ୍କୁ ସମାଜସେବା, କବି ବ୍ରହ୍ମାନନ୍ଦ ବିଶ୍ୱାଳଙ୍କୁ ସାହିତ୍ୟଶ୍ରୀ ପୁରସ୍କାର ଦିଆଯାଇଥିଲା। କ୍ଷେତ୍ରମୋହନ ଦାସ ଅତିଥି ପରିଚୟ ଦେଇଥିବାବେଳେ ଗୌରାଙ୍ଗ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସୌମ୍ୟା ଓ ରାଜଲକ୍ଷ୍ମୀଙ୍କ କୃତିତ୍ୱ

କୁଜଙ୍ଗ,୨୩।୫(ସମିସ): +୨ ପରୀକ୍ଷାରେ ଜଣେ ଗାଡ଼ି ଚାଳକଙ୍କ ଝିଅ ସୌମ୍ୟା ପରିଡ଼ା ୯୨ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୂତମୁଣ୍ଡାଇ ପଞ୍ଚାୟତ ଜଗତି ଗ୍ରାମର ସନ୍ତୋଷ ପରିଡ଼ାଙ୍କ ଝିଅ ସୌମ୍ୟା ଏହି ସଫଳତା ପରେ ଡାକ୍ତରୀ ପାଠ ପାଇଁ ନିଟ୍ ପ୍ରସ୍ତୁତିରେ ଲାଗିଛନ୍ତି। ସେହିପରି ବିଶ୍ୱାଳି ଗ୍ରାମର ସୁଶାନ୍ତ ସାମଲଙ୍କ ଝିଅ ରାଜଲକ୍ଷ୍ମୀ ସାମଲ ୯୧ ପ୍ରତିଶତ ନମ୍ବର ରଖିବା ରଖିଛନ୍ତି। ଏହି ଦୁଇ ଛାତ୍ରୀଙ୍କୁ ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ଶିକ୍ଷାବିତ୍ ରଞ୍ଜନ ସ୍ୱାଇଁ, ପ୍ରଭୁଦତ୍ତ ମହାପାତ୍ର, ପାର୍ଥସାରଥୀ ଚୌଧୁରୀ, ରମେଶ ଦାସ, ଲମ୍ବୋଦର ଖଟୁଆ, ସମୀର ଜେନା, ବାପିନା ତରାଇ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



## ବିନା ନୋଟିସ୍‌ରେ ଭାଙ୍ଗିଦେଲେ ଦୋକାନ

ପାରାଦୀପ,୨୩।୫(ସମିସ): ୨୫ରୁ ୩୦ ବର୍ଷ ଧରି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ବିନା ନୋଟିସରେ କମ୍ପାନୀ କର୍ତ୍ତୃପକ୍ଷ ପ୍ରଶାସନ ସହାୟତାରେ ଭାଙ୍ଗି ଚୁରମାର କରିଦେଲା। ଉଦ୍ଧାର କରିବା ପାଇଁ ବି ସମୟ ଦେଇ ନ ଥିଲା ପ୍ରଶାସନ। ଏଭଳି ଏକ ଘଟଣା ଘଟିଛି ପାରାଦୀପ ଗୋଆ କାର୍ବନ କାରଖାନା ନିକଟରେ ଥିବା ୫ରୁ ଊର୍ଦ୍ଧ୍ୱ ଦୋକାନୀଙ୍କ କ୍ଷେତ୍ରରେ। ପୁଲିସ ଓ ତହସିଲଦାରଙ୍କୁ ଭେଟି ନିରାଶ ହେବା ପରେ ଗୋଆ କାର୍ବନ କାରଖାନା ଗେଟ୍ ସମ୍ମୁଖରେ ନିଜ ପରିବାର ସହ ଧାରଣା ଦେଇଛନ୍ତି କ୍ଷତିଗ୍ରସ୍ତ ପରିବାର। ସେମାନଙ୍କ ଅଭିଯୋଗ, ଦୀର୍ଘ ୩୦ ବର୍ଷ ଧରି ସରକାରୀ ଜାଗାକୁ ପୋତି ଆମେ ବ୍ୟବସାୟ କରୁଥିଲୁ। ସମସ୍ତେ ଜାଣନ୍ତି ଏହା ସରକାରୀ ଜାଗା। ଯଦି ଏହା କମ୍ପାନୀକୁ ଅସୁବିଧା ହେଉଥିଲା, ତେବେ ନୋଟିସ ଦେବା କଥା। ବିନା ନୋଟିସରେ ଆମ ଦୋକାନ ଓ ଘର ଭାଙ୍ଗିଦେବା ଅନ୍ୟାୟ। ଆମକୁ ଜିନିଷ କାଢ଼ିବା ପାଇଁ ବି ସମୟ ଦେଲେନି




କମ୍ପାନୀ ଓ ତହସିଲ ଅଫିସର। ତେଣୁ ଆମକୁ କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ଆମେ ଧାରଣା ଦେବୁ ବୋଲି କ୍ଷତିଗ୍ରସ୍ତ ପରିବାର ପ୍ରକାଶ କରିଛନ୍ତି। ତେବେ ସନ୍ଧ୍ୟାରେ ଲକ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ସହ ଆସନ୍ତା ସୋମବାର ଦିନ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର କରିଛନ୍ତି କ୍ଷତିଗ୍ରସ୍ତ ପରିବାର।

## ମା’ ବୁଢ଼ୀ ଜାଗୁଲେଇ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ

ରଘୁନାଥପୁର,୨୩।୫(ସମିସ): ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ କନ୍ଦରାପାଟି ଗ୍ରାମର ମା’ ବୁଢ଼ୀ ଜାଗୁଲେଇଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଧୂମଧାମରେ ପାଳିତ ହେଉଛି। ବୁଧବାର ଅଙ୍କୁରାରୋପଣ କରାଯାଇ ଗୁରୁବାର କଳସ ଯାତ୍ରା କରାଯାଇଥିଲା। ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ପାଇକା ନଦୀରୁ କଳସୀରେ ପାଣି ଆଣି ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ। ପୁରୀରୁ ଆସିଥିବା ପଣ୍ଡିତଙ୍କ ଦ୍ୱାରା କଳସ ସ୍ଥାପନ କରାଯାଇ ସୂର୍ଯ୍ୟପୂଜା, ଗୋପୂଜା, ଷୋଡ଼ଶ ଉପଚାର ପୂଜା ଯଥାବିଧି କରାଯାଇଥିଲା। ପୂର୍ଣ୍ଣାହୁତି ଦିନ ବହୁ ସଂଖ୍ୟାରେ ଭକ୍ତ ଯୋଗଦେଇ ମା’ ବୁଢ଼ୀ ଜାଗୁଲେଇଙ୍କ ଆଶିଷ ଭିକ୍ଷା କରିଥିଲେ।



## ଦି’ ସ୍କଲାର ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ଜଗତସିଂହପୁର,୨୩।୫(ସମିସ): ଜଗତସିଂହପୁର ସହରର ସୁନାମଧନ୍ୟ ଘରୋଇ ଶିକ୍ଷାନୁଷ୍ଠାନ ଦି ସ୍କଲାର ପକ୍ଷରୁ +୨ ପରୀକ୍ଷାରେ ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ୧୫ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଦିଲ୍ଲୀପ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରତ୍ନାକର ସୂତାର ଓ ସଂଗଠକ ଲାଲା ସଂଗ୍ରାମ କେଶରୀ ରାୟ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ବିବାଦୀୟ ତହସିଲଦାରଙ୍କ ବଦଳି

ରଘୁନାଥପୁର,୨୩।୫(ସମିସ): ରଘୁନାଥପୁର ତହସିଲଦାର ଅଭିପ୍ସା ପଟ୍ଟନାୟକଙ୍କ ଜନସାଧାରଣଙ୍କ ପ୍ରତି ଅନୁଚିତ ବ୍ୟବହାର ଯୋଗୁଁ ବହୁ ବିବାଦରେ ଛନ୍ଦି ହୋଇପଡ଼ିଥିଲେ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମ ଓ ଅଭିଯୋଗ ପରେ ତାଙ୍କୁ ଗତ ୩ ତାରିଖରେ ଏଠାରୁ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ତହସିଲକୁ ବଦଳି କରାଯାଇଥିଲା। କିଛି ଅସାଧୁ ରାଜନେତାଙ୍କ ଛତ୍ରଛାୟା ତଳେ ରହି ତାଙ୍କୁ ଏଠାରୁ ରିଲିଭ କରାଯାଇ ନ ଥିଲା। ତାଙ୍କୁ ଏଠାରୁ ତୁରନ୍ତ ରିଲିଭ କରିବା ପାଇଁ ଜିଲ୍ଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ସାମାଜିକ କର୍ମୀ ଗୋବିନ୍ଦ ଓଝା, ସରିତ ମହାପାତ୍ର, ବିଜୟଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଳମ୍ବରେ ହେଲେ ମଧ୍ୟ ଆଜି ରାଜ୍ୟ ସରକାର ତାଙ୍କୁ ପତ୍ର ସଂଖ୍ୟା ୧୯୦୦୫/୨୩।୫।୨୦୨୫ ଅନୁଯାୟୀ ସେଣ୍ଟ୍ରାଲି ରିଲିଭ କରିଛନ୍ତି।

## ଜଗତସିଂହପୁର ଥାନା ଅଞ୍ଚଳରେ ସିରିଜ୍ ଚୋରି

ଜଗତସିଂହପୁର,୨୩।୫(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପଟସରା ଓ ଅରଣା ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ୩ଟି ସ୍ଥାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପଟସରା ଗ୍ରାମର ସୁରଜ ବାରିକଙ୍କ ଦୋକାନ ଭାଙ୍ଗି ନଗଦ ୨୫ ହଜାର ଟଙ୍କା ଓ ତେଜରାତି ଜିନିଷ ଚୋରି ହୋଇଥିବା ଶ୍ରୀ ବାରିକ ଥାନାରେ ଏତଲା ଦେଇଛନ୍ତି। ସେହିପରି ଅରଣା ଗ୍ରାମର ତ୍ରିଲୋଚନ ବେହେରାଙ୍କ ଝରକା କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କା ସହିତ ସୁନା ଓ ରୂପା ଅଳଙ୍କାର ଚୋରି ହୋଇଥିବାବେଳେ ତାଙ୍କ ପଡୋଶୀ ସନାତନ ବେହେରାଙ୍କ ଘରୁ ଗୋଟିଏ ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ୨ଟି ପୃଥକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଡିସିନାଲ ଆଇଆଇସି ଦିଲ୍ଲୀପ କୁମାର କାଣ୍ଡି ସୂଚନା ଦେଇଛନ୍ତି।

## ରାଜନୀତି ବିଜ୍ଞାନରେ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନକୁ ନେଇ ଅଧ୍ୟକ୍ଷଙ୍କୁ ଦାବିପତ୍ର

ନାଉଗାଁ,୨୩।୫(ସମିସ): ରାଜନୀତି ବିଜ୍ଞାନ ପରୀକ୍ଷା ଖାତା ଦେଖାରେ ତ୍ରୁଟି, ପୁନଃମୂଲ୍ୟାୟନ ନେଇ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ଭୋଇ। ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ +୨ କଳା ବିଭାଗ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ରାଜନୀତି ବିଜ୍ଞାନର ଇଣ୍ଟରନାଲ ପରୀକ୍ଷାରେ ଆକ୍ରୋଶମୂଳକ ଭାବେ ୭ ନମ୍ବର ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଫଳରେ +୨ ପରୀକ୍ଷାରେ ଭଲ ନମ୍ବର ରହିଥିଲେ ମଧ୍ୟ ମୋଟ ମାର୍କରୁ ଶତକଡା କମିଯାଇଛି। ଏଥିପାଇଁ ମୁଁ ମର୍ମାହତ। ଉକ୍ତ ବିଷୟକୁ ବିଚାରକୁ ନିଆଯିବା ସହିତ ଖାତାର ନକଲ ପ୍ରଦାନ କରିବା ନିମନ୍ତେ ଅଧ୍ୟକ୍ଷଙ୍କୁ ବର୍ଷା ପ୍ରିୟଦର୍ଶିନୀ ଦାବିପତ୍ର ପ୍ରଦାନ କରିଛନ୍ତି।

## ଶିକ୍ଷାବିତ୍ ଉପେନ୍ଦ୍ର ନାଥ ମିଶ୍ର ଅସୁସ୍ଥ

କୁଜଙ୍ଗ,୨୩।୫(ସମିସ): କୁଜଙ୍ଗ ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତ ସନ୍ତରା ନିବାସୀ ବିଶିଷ୍ଟ ସାରସ୍ୱତ ସାଧକ ଶିକ୍ଷାବିତ୍ ଉପେନ୍ଦ୍ର ନାଥ ମିଶ୍ର(୮୭) ଗତ ଏକମାସ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି। ୧୯୯୫ରେ ତାଙ୍କ ହୃଦୟ ଅସ୍ତ୍ରୋପଚାର କରାଯାଇଥିଲା। ଗତ ସପ୍ତାହରେ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୧୯୯୭ରୁ କୁଜଙ୍ଗ ବନବିହାରୀ ଉଚ୍ଚବିଦ୍ୟାଳୟରୁ ଏହି ସଂସ୍କୃତ ବିଦ୍ୱାନ ଅବସର ଗ୍ରହଣ ପରଠାରୁ ଶିକ୍ଷାଦାନ ଓ ସାରସ୍ୱତ ସାଧନ, ସମାଜସେବା, ଅସହାୟଙ୍କୁ ସହାୟତା ସହ ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଆସୁଛନ୍ତି। ସାବିତ୍ରୀ ଉପାଖ୍ୟାନ, ଛିନ୍ନମସ୍ତା, ନୀଳମାଧବରୁ ଶ୍ରୀଜଗନ୍ନାଥ, ବୈଦେଶ ଚମ୍ପୁ, ନୀତିବାଣୀ ଆଦି ପୁସ୍ତକ ତାଙ୍କ ସାରସ୍ୱତ ସାଧନାର ସ୍ୱର ଓ ସ୍ୱାକ୍ଷର ବହନ କରୁଛି। ଏହି ବହୁ ପ୍ରତିଭାର ଅଧିକାରୀ ଉପେନ୍ଦ୍ର ସାର୍‌ଙ୍କ ଅସୁସ୍ଥ ହେବା ଖବର ଜଣାପଡିବା ପରେ ଛାତ୍ର ମହଲରେ ଆଶୁ ଆରୋଗ୍ୟ କାମନା କରାଯାଉଛି।


# ଚାଷୀଙ୍କୁ ଅଖା ବାବଦ ଅର୍ଥ ପ୍ରଦାନ ପାଇଁ ନବନିର୍ମାଣ କୃଷକ ସଂଗଠନର ଦାବି

ଜଗତସିଂହପୁର,୨୩।୫(ସମିସ): ୨୦୨୪-୨୫ ଖରିଫ ଧାନସଂଗ୍ରହ ପ୍ରକ୍ରିୟା ଗତ ମାର୍ଚ୍ଚ ୩୧ ତାରିଖଠାରୁ ଶେଷ ହୋଇଛି। ତେବେ ଏପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲାର ଅଧିକାଂଶ ଧାନ ସଂଗ୍ରହ କେନ୍ଦ୍ର ପକ୍ଷରୁ ଚାଷୀଙ୍କୁ ଅଖା ବାବଦ ଅର୍ଥ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ଉଠାଇଛି ନବନିର୍ମାଣ କୃଷକ ସଂଗଠନ। ଚାଷ ଓ ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ବର୍ଷ ବର୍ଷ ଧରି ସଂଗ୍ରାମ ଜାରି ରଖିଥିବା ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଏ ସମ୍ପର୍କିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଶ୍ରୀ ସ୍ୱାଇଁଙ୍କ ଅଭିଯୋଗ ଅନୁସାରେ ଜଗତସିଂହପୁର ଜିଲ୍ଲାର ଅଧିକାଂଶ ଧାନସଂଗ୍ରହ କେନ୍ଦ୍ର ବା ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଧାନକ୍ରୟ ପ୍ରକ୍ରିୟା ଚାଲିଥିବା ବେଳେ ଖୋଟ ଅଖା ପ୍ରଦାନ କରାଗଲାନାହିଁ। ଫଳରେ ଚାଷୀ ଖୋଲା ବଜାରରୁ ଅଧିକ ଦାମ୍‌ରେ ଅଖା କିଣିବାକୁ ବାଧ୍ୟ ହୋଇଥିଲେ। ନିୟମ ଅନୁସାରେ ଧାନ ସଂଗ୍ରହ ଦାୟିତ୍ୱରେ ଥିବା ଅଧିକାରୀ ଏହି ଅଖା ବାବଦ ଅର୍ଥ ସଂପୃକ୍ତ ଚାଷୀଙ୍କୁ ପ୍ରଦାନ କରିବା କଥା। କିନ୍ତୁ ଧାନ ସଂଗ୍ରହ ସରିବାର ୨ ମାସ ବିତିବାକୁ ବସିଥିବାବେଳେ ଅନେକ ଚାଷୀ ଉକ୍ତ ଅର୍ଥ ପାଇବାରୁ ବଞ୍ଚିତ ଅଛନ୍ତି। ଯାହାକି ଚାଷୀଙ୍କ ପ୍ରତି ସରକାର ଓ ପ୍ରଶାସନର ବୈମାତୃକ ମନୋଭାବକୁ ସୂଚାଉଛି ବୋଲି ଶ୍ରୀ ସ୍ୱାଇଁ ଅଭିଯୋଗ କରିଛନ୍ତି।

ଚାଷୀଙ୍କୁ କାହିଁକି ସଠିକ୍ ସମୟରେ ଅଖା ଦିଆଗଲା ନାହିଁ, ତାହାର ଅନୁସନ୍ଧାନ କରି ଦାୟିତ୍ୱରେ ଅବହେଳା କରିଥିବା ମିଲର ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି କୃଷକ ସଂଗଠନ। ଏଥିସହିତ ତୁରନ୍ତ ଚାଷୀଙ୍କୁ ଅଖା ବାବଦ ବକେୟା ଅର୍ଥ ପ୍ରଦାନର ବ୍ୟବସ୍ଥା କରିବାକୁ ଶ୍ରୀ ସ୍ୱାଇଁ ଜିଲ୍ଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ଅଦିନିଆ ବର୍ଷାରେ ଡାଲୁଅ ଧାନଚାଷ କ୍ଷତିଗ୍ରସ୍ତ

କୁଜଙ୍ଗ,୨୩।୫(ସମିସ): ଉପକୂଳ ଅଞ୍ଚଳରେ ବିଗତ କିଛି ବର୍ଷ ଧରି ଡାଲୁଅ ଧାନଚାଷ ବୃଦ୍ଧି ପାଉଛି। ଉଦ୍‌ବୃତ୍ତ ବର୍ଷା ଜଳ ଯୋଗୁଁ ପ୍ରଭାବିତ ହେଉଥିବା ଢିଙ୍କିଆ ଚାରିଦେଶ, କୁଜଙ୍ଗ ବ୍ଲକର ଜୋନ୍ ଚାରି ସମତେ କୁଜଙ୍ଗ ଓ ଏରସମା ବ୍ଲକରେ ୨୦୦ ହେକ୍ଟର ଜମିରେ ଡାଲୁଅ ଧାନ ଚାଷ ହୋଇଛି। ବିଶେଷ କରି ଢିଙ୍କିଆ ଚାରିଦେଶର ଏହି ଚାଷ ଅମଳ ଶେଷ ପର୍ଯ୍ୟାୟରେ ଥିବାବେଳେ ଅପେକ୍ଷାକୃତ ଖାଲୁଆ ଅଞ୍ଚଳ ଥିବା କୁଜଙ୍ଗର ଭୂତମୁଣ୍ଡାଇ ଓ ଆଖପାଖ ଅଞ୍ଚଳର ଚାଷୀଙ୍କ ଧାନ ଅମଳ ବେଳ ବର୍ଷା ଦାଉ ସାଜିଛି। ଫଳରେ ଧାନରେ ପାଣି ପସିବା ଓ ପ୍ରବଳ ଗରମ ଯୋଗୁ ଗଜାହେବା ପରିସ୍ଥିତ ସୃଷ୍ଟି ହୋଇଥିବା ଭୂତମୁଣ୍ଡାଇର ପୂର୍ବତନ ସରପଞ୍ଚ ଧିରେନ୍ଦ୍ର ନାଥ ସ୍ୱାଇଁ ଅଭିଯୋଗ କରିଛନ୍ତି। ବର୍ଷା ଯୋଗୁଁ ଚାଷୀଙ୍କ ବର୍ଷକ ଆହାର ଉଜୁଡ଼ି ଯାଇଥିବାବେଳେ କୃଷି ବିଭାଗ ପକ୍ଷରୁ ଏହି ନେଇ ସର୍ଭେ କରିବାକୁ ଚାଷୀ ଚୈତନ୍ୟ ସ୍ୱାଇଁ, ରବୀନ୍ଦ୍ର ସ୍ୱାଇଁ, ବନମାଳୀ ସ୍ୱାଇଁ, ଭ୍ରମରବର ଖଟେଇ ପ୍ରମୁଖ ଅନୁରୋଧ କରିଛନ୍ତି।



# ବିନା ପରମିଟ୍ ଘରୋଇ ବସ୍; ଆର୍‌ଟିଓ ପକ୍ଷରୁ ଜରିମାନା

ରାମଚନ୍ଦ୍ରପୁର, ୨୩।୫(ସମିସ): ବିନା ପରମିଟ୍‌ରେ ଦୀର୍ଘଦିନ ହେଲା ଚାଲୁଛି ଘରୋଇ ବସ। ଲୋକଙ୍କ ଜୀବନ ସହ ଖେଳୁଛି ଖେଳ। ଓଡି୦୨ସି ୦୦୪୫ ନମ୍ବର ଥିବା 'ନାୟକ' ନାମକ ଏକ ଘରୋଇ ବସ ଭୁବନରୁ କରଞ୍ଜିଆ ରରୁଆଁ ପର୍ଯ୍ୟନ୍ତ ପରମିଟ୍ ଥିବା ସତ୍ତ୍ୱେ ଏହାକୁ




ଅବମାନନା କରି ଉକ୍ତ ଘରୋଇ ବସଟି ଦୈନିକ ଭୁବନେଶ୍ୱରରୁ ଭାୟା ଆନନ୍ଦପୁର ଠାକୁରମୁଣ୍ଡା ଦେଇ ରରୁଆଁ କରଞ୍ଜିଆ ପର୍ଯ୍ୟନ୍ତ ବେଆଇନ ଭାବେ ଯିବା ଆସିବା କରୁଛି। କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଟ୍ରାଫିକ୍ ଇନ୍ସପେକ୍ଟର ସୁକୁମାର ସୋରେନ ଶୁକ୍ରବାର ହସନପୁର ଟୋଲପ୍ଲାଜା ନିକଟରେ ବସଟିକୁ ଅଟକାଇ ତା'ର ପରମିଟ୍ ଯାଞ୍ଚ କରିଥିଲେ। ବସର କର୍ମଚାରୀ ଏବଂ ଯାତ୍ରୀଙ୍କୁ ପଚରାଉଚରା କରିବା ପରେ ଘରୋଇ ବସଟି ବିନା ପରମିଟରେ ନିଜ ଗନ୍ତବ୍ୟସ୍ଥଳରୁ ନବାହାରି ବେଆଇନ ଭାବେ ଅନ୍ୟତ୍ର ଯିବା ଆସିବା କରୁଥିବା ନେଇ ଜଣାପଡ଼ିବା ପରେ ବସରେ ଥିବା ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଅନ୍ୟ ଏକ ବସ ଯୋଗେ ପଠାଇ ଉକ୍ତ ବସଟିକୁ ସ୍ଥାନୀୟ ସାଇଁକୁଳ ଫାଣ୍ଡିର ଜିମା ଦେଇଛନ୍ତି। ଉକ୍ତ ଘରୋଇ ବସଟି ଦୀର୍ଘ ଦିନ ହେଲା ଯାତ୍ରୀଙ୍କ ଜୀବନ ସହ ଖେଳି ଜାତୀୟ ରାଜପଥରେ ବିନା ପରମିଟରେ ଯିବା ଆସିବା କରି ପୂର୍ବରୁ ୩ ଥର ଜରିମାନା ମଧ ଦେଇଥିବା ଜଣାପଡ଼ିଛି। ୫ଦିନ ତଳେ ଉକ୍ତ ବସ କରଞ୍ଜିଆ ଥାନାରେ ଭିସିଆରରେ ରହିଥିବା ମଧ ଜଣାପଡ଼ିଛି। ବର୍ତ୍ତମାନ ସାଇଁକୁଳ ଫାଣ୍ଡିରେ ବସଟି ରହିଥିବା ଦେଖିବାକୁ ମିଳିଛି।

ଚମ୍ପୁଆ ଏନ୍‌ଏସି

# ଶୁଖିଲା ବୈତରଣୀ; ଜଳକଷ୍ଟ ଭୋଗୁଛନ୍ତି ଏନ୍‌ଏସିବାସୀ








ଚମ୍ପୁଆ, ୨୩।୫(ସମିସ): ବୈତରଣୀ ନଦୀ ଶୁଖିଲା ପଡ଼ିଥିବାରୁ ଚମ୍ପୁଆ ଏନ୍‌ଏସିରେ ପାନୀୟଜଳ ସମସ୍ୟା ଆରମ୍ଭ ହୋଇଗଲାଣି। ପୂର୍ବରୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଓମ୍ବାଡସି ପକ୍ଷରୁ ଗୋଧୂଳି ମୌଜାରେ ୨୦୨୨ ମସିହାରେ ଏକ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ସମୃଦ୍ଧି ବିକାଶ ପକ୍ଷରୁ ଚମ୍ପୁଆ ବିଜ୍ଞପିତ ଅଞ୍ଚଳ ପରିଷଦରେ ଜଳଯୋଗାଣର ଉନ୍ନତିକରଣ କେନ୍ଦୁଝର ଜନସ୍ୱାସ୍ଥ୍ୟ ଖଣ୍ଡ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ୮୦୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇ ୧୦ ହଜାର ୩୧୧ ଜନସଂଖ୍ୟା ବିଶିଷ୍ଟ ୧୩ଟି ୱାର୍ଡକୁ ନେଇ ଗଠିତ ଚମ୍ପୁଆ ଏନ୍‌ଏସିବାସୀଙ୍କୁ ପାନୀୟଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ଚମ୍ପୁଆ ଏନ୍‌ଏସିବାସୀଙ୍କ ନିମନ୍ତେ ପ୍ରତ୍ୟେକ ଦିନ ୪ ଏମଏଲଡି ପାନୀୟଜଳର ଆବଶ୍ୟକତା ରହୁଥିବା ବେଳେ ଶୁଖିଲା ବୈତରଣୀ ପାଇଁ ପାନୀୟ ଜଳ ସମସ୍ୟା ଦେଖାଦେଲାଣି। ନଦୀ ମଧ୍ୟରେ ଥିବା ଇନ୍‌ଟେକ ୱେଲରେ ପାଣି ଅଭାବଜନିତ କାରଣରୁ ଏହି ସମସ୍ୟା ଦେଖାଦେଇଛି। ବିଭାଗ ପକ୍ଷରୁ ନଦୀ ମଧ୍ୟରେ ଥିବା ବିଭିନ୍ନ ଗଭୀର ଜାଗାରେ ଥିବା ଜଳକୁ ବାଲି ବସ୍ତା ପକାଇ ଅଟକାଇବା ସହିତ ପାଇପ ଯୋଗେ ଜେନେରେଟର ମାଧ୍ୟମରେ ଜଳ ସଂଗ୍ରହ କରାଯାଇ ଇନଟେକ ୱେଲରେ ପାଣି ଭର୍ତ୍ତି କରାଯିବା ପରେ ମାତ୍ର ୨ ଏମଏଲଡି ପାଣି ଏନ୍‌ଏସିବାସୀଙ୍କୁ ଯୋଗାଇ ଦିଆଯାଉଛି। ଏଥିପାଇଁ ପ୍ରତ୍ୟେକ ଦିନ ୧୦୦ ଲିଟରରୁ ଊର୍ଦ୍ଧ୍ୱ ଡିଜେଲ ଖର୍ଚ୍ଚ କରାଯାଇ ୧୮-୨୦ ଘଣ୍ଟା ଜେନେରେଟର ବ୍ୟବହାର କରାଯାଉଛି। ବର୍ତ୍ତମାନ ସୁଦ୍ଧା ଚମ୍ପୁଆ ଏନ୍‌ଏସିରେ ୪୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇପ ଯୋଗେ ପାନୀୟଜଳ ସଂଯୋଗର ବ୍ୟବସ୍ଥା କରାଯାଇଛି। ହେଲେ ୨ ଓଳି ପାଣି ଦିଆଯାଇ ପାରୁନାହିଁ। ଅନ୍ୟପକ୍ଷରେ ବିଭିନ୍ନ କାରଣ ଯୋଗୁଁ ବିଦ୍ୟୁତ କାଟ ସମସ୍ୟା ପାଇଁ ୫ଟି ଡିଜି ବ୍ୟବହାର କରାଯାଉଛି। ଆଗାମୀ ୧୫ ଦିନ ମଧ୍ୟରେ ବର୍ଷା ନହେଲେ ଅଥବା ନଦୀ ଜଳ ପ୍ରବାହିତ ନହେଲେ ଏନ୍‌ଏସିବାସୀଙ୍କୁ ପାନୀୟଜଳ ପ୍ରଦାନ କରିବାରେ ବହୁ ସମସ୍ୟା ଦେଖାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ହୃଷୀକେଶ ମହାନ୍ତ ସୂଚନା ଦେଇଛନ୍ତି।

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ

# ଲାଗିବ ୩୦ ହଜାର ତାଳ ଚାରା

ଚମ୍ପୁଆ, ୨୩।୫(ସମିସ): ରାଜ୍ୟରେ ବଢୁଥିବା ବଜ୍ରପାତଜନିତ ପ୍ରାକୃତିକ ବିପର୍ଯ୍ୟୟକୁ ଏଡ଼ାଇବା ପାଇଁ ସରକାର ତାଳ ଗଛ ରୋପଣ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଯେଉଁ ଗଛ ଦିନେ ଲୋକଙ୍କୁ ଖାଦ୍ୟ ଓ ବାସଗୃହ ଉପକରଣ ଯୋଗାଉଥିଲା ତାହା ଆଜି ବଜ୍ରପାତ ସମସ୍ୟାକୁ ସମାଧାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ତାଳ ଗଛ ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ବନବିଭାଗକୁ ନିର୍ଦ୍ଦେଶ ରହିଛି। ତାଳ ଗଛ ଦ୍ୱାରା କିଛି ପରିମାଣରେ ବଜ୍ରପାତଜନିତ ଦୁର୍ଘଟଣାକୁ ପ୍ରଶମିତ କରାଯିବାକୁ ନେଇ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଚଳିତବର୍ଷ ଚମ୍ପୁଆ ରେଞ୍ଜର ଉଖୁଣ୍ଡା, ବାମେବାରୀ,



ଚମ୍ପୁଆ, ବାଲିବନ୍ଧ, ଯୋଡା ସେକ୍ସନରେ ୩୦ ହଜାର ତାଳ ମଞ୍ଜି ଲଗାଯିବ ବୋଲି ଏସିଏଫ୍ ତଥା ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି। ଏହି ତାଳ ମଞ୍ଜି ତାଳଚେର, ଯାଜପୁର ଓ ଅନୁଗୁଳ ଅଞ୍ଚଳରୁ ସଂଗ୍ରହ କରାଯାଇ ଉକ୍ତ ୫ଟି ସେକ୍ସନରେ ଥିବା ବିଭିନ୍ନ ରିଜର୍ଭ ଫରେଷ୍ଟ ଅଞ୍ଚଳରେ ରୋପଣ କରାଯିବ। ବନବିଭାଗ କର୍ମଚାରୀ ୱାଚରଙ୍କ ଦ୍ୱାରା ଏହି କାର୍ଯ୍ୟ ଜୁଲାଇ ଓ ଅଗଷ୍ଟରେ କରାଯିବ ବୋଲି ଶ୍ରୀ ଛତ୍ରିଆ ସୂଚନା ଦେଇଛନ୍ତି।

ପୂର୍ବ ବର୍ଷ ଚମ୍ପୁଆ ସେକ୍ସନରେ ୫୦ ହଜାର ତାଳ ମଞ୍ଜି ରୋପଣ କରାଯାଇଥିଲା। ବଜ୍ରପାତ ସାଧାରଣତଃ ଉଚ୍ଚା ଗଛରେ ପ୍ରଭାବ ପକାଉଥିବା ବେଳେ ଏହି ତାଳ ଗଛଗୁଡିକ ପ୍ରାୟତଃ ୧୩ ଫୁଟରୁ ୫୯ ଫୁଟ ପର୍ଯ୍ୟନ୍ତ ହୋଇଥାଏ। ଯେ କୌଣସି ସ୍ଥାନରେ ଅନାୟସରେ ଏହା ବଢ଼ି ଚାଲୁଥିବା ବେଳେ ଏହି ଗଛକୁ ବର୍ତ୍ତମାନ ପରିସ୍ଥିତିରେ ବଜ୍ରପାତ କ୍ଷୟକ୍ଷତିକୁ ଏଡ଼ାଇବା ପାଇଁ ଉପଯୋଗ କରାଯାଇପାରୁଛି।

# ସୁରକ୍ଷା ସମ୍ପର୍କିତ ଜନସଚେତନତା

କେନ୍ଦୁଝର, ୨୩।୫(ସମିସ): କେନ୍ଦୁଝର ଜିଲ୍ଲାରେ ଘଟୁଥିବା ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ ମାଧ୍ୟମରେ ନିରନ୍ତର ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବଜ୍ରପାତଠାରୁ ରକ୍ଷା ପାଇବା ନିମନ୍ତେ ଜନସାଧାରଣଙ୍କୁ ସଠିକ ସୂଚନା ପ୍ରଦାନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଉଛି। ଅଭିଜ୍ଞ କଳାକାରମାନେ ମନୋରଞ୍ଜନ ଧର୍ମୀ ନାଟକ ମାଧ୍ୟମରେ ବଜ୍ରପାତ ସମୟରେ କଣ କରିବା ଓ କଣ ନ କରିବା ଉଚିତ ସେସବୁ ବଜ୍ରପାତ ପ୍ରଭାବିତ ଅଞ୍ଚଳ ବୁଲି ଲୋକଙ୍କୁ ବୁଝାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ପ୍ରଥମେ ଶୁଭାରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଇଜାଜ ଇକବଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପାଟଣା ବଜାରରୁ ଜବରଦଖଲ ଉଚ୍ଛେଦ; ପାତରଅନ୍ତର ଅଭିଯୋଗ

ଡୁରୁମୁଙ୍ଗା, ୨୩।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବଜାର ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ ପାଇଁ ଶୁକ୍ରବାର ପାଟଣା ବଜାରରେ ଜବରଦଖଲ ଉଚ୍ଛେଦ ହୋଇଛି। ୨ଟି ଜେସିବି ସାହାଯ୍ୟରେ ବଜାରରେ ସରକାରୀ ଜାଗାରେ ବେଆଇନ ନିର୍ମାଣ କରାଯାଇଥିବା ଦୋକାନ ଘରକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି। ମାଜିଷ୍ଟ୍ରେଟ ଭାବରେ ସାହାରପଡ଼ା ତହସିଲଦାର ପରମାନନ୍ଦ ଖଣ୍ଡେଇ ଉପସ୍ଥିତ ରହି ଜବର ଦଖଲ ଉଚ୍ଛେଦ କରିଥିବା ବେଳେ ପାଟଣା ତହସିଲଦାର ଲୀଳାବତୀ ନାୟକ, ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ପାଟଣା ଥାନାଧିକାରୀ ମାନସ କୁମାର ମହାକୁଡ଼ ଉପସ୍ଥିତ ଥିଲେ। ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପାଖରୁ ଆରମ୍ଭ




ହୋଇ ବଜାରର ୨ ପାର୍ଶ୍ୱ ଜବରଦଖଲ ଉଚ୍ଛେଦ ହୋଇଛି। ଏଥିପାଇଁ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। କିଛି ବ୍ୟବସାୟୀ ନିଜ ଦୋକାନର ବେଆଇନ ନିର୍ମାଣକୁ ନିଜ ଆଡୁ ଭାଙ୍ଗି ଥିବାବେଳେ ଅମାନିଆ ଦୋକାନୀଙ୍କ ଦୋକାନକୁ ଜେସିବି ମେସିନ ସାହାଯ୍ୟରେ ପ୍ରଶାସନ ଭାଙ୍ଗି ଦେଇଛି। ତେବେ ପଞ୍ଚାୟତ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସକୁ ପାଟଣା ବଜାର ଉପରେ ଭଡା ସୂତ୍ରରେ ଦିଆଯାଇ ଥିବା ଘରକୁ ସରପଞ୍ଚଙ୍କୁ କୌଣସି ନୋଟିସ ନଦେଇ ଭାଙ୍ଗିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଭଡା ସୂତ୍ରରେ ନେଇଥିବା ଦୋକାନୀ ଭାଙ୍ଗିବାକୁ ବିରୋଧ କରି ଅଭିଯୋଗ ଆଣିବା ପରେ ବିବାଦ ସୃଷ୍ଟି ହୋଇଥିଲା। ବଡ଼ ପାଟଣା ସରପଞ୍ଚ ବିନତି ବାନାରା ହସ୍ତକ୍ଷେପ କରିବା ପରେ ପ୍ରଶାସନ ଉକ୍ତ ଘରକୁ ନ ଭାଙ୍ଗି ଅନ୍ୟ ଦୋକାନକୁ ଭାଙ୍ଗିଛି। ଏନେଇ ସରପଞ୍ଚ ବିନତି ବାନାରା କହିଛନ୍ତି ଆମ ପୂର୍ବରୁ ପଞ୍ଚାୟତକୁ କୌଣସି ନୋଟିସ ଦେଇ ନଥିବା ବେଳେ ଏନେଇ ତହସିଲଦାରଙ୍କୁ ଜଣାଇବେ। ଏ ସମ୍ପର୍କରେ ମାଜିଷ୍ଟ୍ରେଟ ଦାୟିତ୍ୱ ରେ ଥିବା ସାହାରପଡ଼ା ତହସିଲଦାର ପରମାନନ୍ଦ ଖଣ୍ଡେଇ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ।

# ହାତପାଆନ୍ତାରେ ବିଦ୍ୟୁତ ତାର

ବେଲବାହାଲି, ୨୩।୫(ସମିସ): ଆନନ୍ଦପୁର ବ୍ଲକ ବାରିଗାଁସ୍ଥିତ ୨୦ ନଂ ଜାତୀୟ ରାଜପଥ କଡ଼ରେ ଥିବା ସାଇ ମନ୍ଦିର ପରିସରରେ ବିପଦପୂର୍ଣ୍ଣ ଭାବରେ ଝୁଲି ରହିଛି ବିଦ୍ୟୁତ୍ ତାର। ଏନେଇ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଉକ୍ତ ସମସ୍ୟାକୁ ନେଇ ବାରମ୍ବାର ସାଇ ମନ୍ଦିରର ସଦସ୍ୟ ମାନେ ଲିଖିତ ଅଭିଯୋଗ ସତ୍ତ୍ୱେ ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଗତ କିଛି ଦିନ ତଳେ ରାମଚନ୍ଦ୍ରପୁର ଥାନା ବଡପଦନା ଗ୍ରାମର ଶୁଭମ ସାହୁଙ୍କ ଛାତ ଉପରେ ବିପଦପୂର୍ଣ୍ଣ ୧୧ କେଭି ବିଦ୍ୟୁତ ତାର ସମ୍ପର୍ଶରେ ଆସି ମୃତ୍ୟୁ ହୋଇଥିଲା। ସେଥିପାଇଁ ଅନ୍ୟ କୌଣସି ବ୍ୟକ୍ତିଙ୍କ ବିଦ୍ୟୁତ ଆଘାତରେ ଜୀବନ ନଯାଉ ବୋଲି ବାରିଗାଁ ସାଇମନ୍ଦିରର ସଦସ୍ୟ ରାମଚନ୍ଦ୍ର ସାହୁ, ନରେନ୍ଦ୍ର କୁମାର ସାହୁ, ଶିବପ୍ରସାଦ ସାହୁ, ପ୍ରମୋଦ କୁମାର ଜେନା, ପ୍ରିୟବ୍ରତ ସାହୁ, ଈଶ୍ୱର ଚନ୍ଦ୍ର ସାହୁ, ସରୋଜ କୁମାର ସାହୁ ପ୍ରମୁଖ ବିଦ୍ୟୁତ ବିଭାଗର ଉଚ୍ଚକର୍ତ୍ତୃପକ୍ଷଙ୍କୁ ଦାବି ଜଣାଇଛନ୍ତି।

# ଘାଟିତଳସାହିକୁ ବିକାଶ ଅପହଞ୍ଚ: ମରାମତି ହେଉନି ରାସ୍ତା



କେନ୍ଦୁଝର, ୨୩।୫(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ପଞ୍ଚାୟତ ତଳକୁସୁମିତା ଘାଟିତଳ ସାହି ବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଦୀର୍ଘବର୍ଷରୁ ଖୁଣ୍ଟାପଡ଼ା ପିଚୁ ରାସ୍ତାଠାରୁ ଦେଢ଼ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ଅତି ଶୋଚନୀୟ ହୋଇ ପଡ଼ିଛି। ଫଳରେ ଯାତାୟତରେ ଲୋକେ ସମସ୍ୟା ଭୋଗୁଛନ୍ତି। ଅଣଓସାରିଆ ଥିବାରୁ ଦୁର୍ଘଟଣା ଘଟୁଛି। ଏଠାରେ ୧୬ ପରିବାରର ୪୦ ପାଖାପାଖି ଜନସାଧାରଣ ବସବାସ କରୁଛନ୍ତି। ସ୍କୁଲ କଲେଜ ଛାତ୍ରଛାତ୍ରୀ ବର୍ଷାଦିନେ ଭାରି ହଇରାଣ ହେଉଛନ୍ତି। ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବା ଯୋଗୁଁ କାର୍, ବାଇକ୍ ଧରି ଯିବା ଆସିବା କଷ୍ଟକର ହୋଇ ପଡୁଛି। ଦେହ ଖରାପ କିମ୍ବା ଗର୍ଭବତୀ ମହିଳାଙ୍କୁ ମେଡିକାଲ ନେବାକୁ ହେଲେ ୧୦୮ ଆମ୍ବୁଲାନ୍ସ ଡାକିଲେ ସାହି ଭିତରକୁ ଗାଡି ପଶିପାରୁନି। ଘଞ୍ଚ ବଣଜଙ୍ଗଲ ତଳେ କୁସୁମିତା ଘଟିତଳସାହି ରହିଛି। ତେବେ ସାହିରେ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ହେଁ ରାତ୍ରିକାଳୀନ ପାଇଁ ସୌରଚାଳିତ ଲାଇଟ୍ ବସି ନଥିବାରୁ ସଞ୍ଜ ହେଲେ ରାସ୍ତାଘାଟ କିଟିମିଟି ଅନ୍ଧାର ହୋଇଯାଉଛି। ଫଳରେ ସଞ୍ଜ ନଇଁଲେ ଲୋକେ ଯାତାୟାତ କରିବାକୁ ଭୟଭୀତ ହେଉଛନ୍ତି। ନିକଟରେ ଘଞ୍ଚ ଜଙ୍ଗଲ ଥିବାରୁ ହାତୀ, ଭାଲୁ, ହେଟା ବାଘ, ଶିଆଳ ଆଦି ବନ୍ୟଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ପଶୁ-ମଣିଷ ମୁହାଁମୁହିଁ ହେଉଛନ୍ତି। ଅଭିଯୋଗ ହୋଇ ଆସୁଥିଲେ ହେଁ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ନିତ୍ୟାନନ୍ଦ ପ୍ରଧାନ, ମଦନ ମୋହନ ପ୍ରଧାନ, ବିଜୟ କୁମାର ନାଏକ, ଦୁଃଖବନ୍ଧୁ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ନାଏକ, ସନ୍ତୋଷ କୁମାର ନାଏକ, ରଞ୍ଜିତ କୁମାର ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ଶରଧା ଗ୍ରାମରେ ଉତ୍ତେଜନା; ୩ ଜଣଙ୍କ ନାମରେ ମାମଲା ରୁଜୁ


କରଞ୍ଜିଆ, ୨୩।୫(ସମିସ): କରଞ୍ଜିଆ ଥାନା ଶରଧା ଗ୍ରାମରେ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟ ତରଫରୁ ଭାରତ ବିରୋଧୀ, ହିନ୍ଦୁ ଦେବାଦେବୀଙ୍କୁ ଗାଳି ଦେବା ନେଇ ଉତ୍ତେଜନା ପ୍ରକାଶ ପାଇଛି। ଥାନାରେ ଏ ନେଇ ଲିଖିତ ଅଭିଯୋଗ ହେବାରୁ ଧର୍ମପ୍ରଚାର କରୁଥିବା ୩ ଜଣଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ଅଭିଯୁକ୍ତମାନେ ହେଲେ ପାଷ୍ଟର ପାତ୍ରସ ଗୁଣ୍ଡୁଆ, ବାବୁଲି ମୁଣ୍ଡା, ପ୍ରଦୀପ ମୁଣ୍ଡା। ଏମାନଙ୍କ ନାମରେ କରଞ୍ଜିଆ ଥାନାର କେସ ନମ୍ବର ୧୭୧, ଭାରତୀୟ ନ୍ୟାୟ ସଂହିତା ଧାରା ୨୯୯, ୩ (୫) ଅନୁଯାଇ ମୋକଦ୍ଦମା ରୁଜୁ ହୋଇଛି। କରଞ୍ଜିଆ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ଘଟଣାରୁ ପ୍ରକାଶ ଯେ, ଶରଧା ଗ୍ରାମରେ ଏକ ଚର୍ଚ୍ଚ ପ୍ରତିଷ୍ଠା ହେବାପରେ ସେଠାରେ ଧର୍ମୀୟ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ସମୟରେ ପ୍ରଚାର କରିବା ଅବସରରେ କାଶ୍ମୀର ପହଲଗାମଠାରେ ଆତଙ୍କବାଦୀ ନରସଂହାର ହୋଇଥିବା ଘଟଣାରେ ଭାରତ ଏଥିପାଇଁ ଦାୟୀ। ଏହାଛଡା ହିନ୍ଦୁ ଦେବାଦେବୀଙ୍କ ପ୍ରତି ଅଶାଳୀନ ଶବ୍ଦ ପ୍ରୟୋଗ କରାଯାଇଥିବାରୁ ଉତ୍ତେଜନା ଦେଖାଦେଇଥିଲା। ନିଜ ଧର୍ମ ଏକ ମାତ୍ର ସତ୍ୟ ଧର୍ମ ବୋଲି ପ୍ରଚାରକମାନେ ଘୋଷଣା କରିଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ଗରିବଙ୍କୁ ପ୍ରଲୋଭିତ କରି ଧର୍ମ ପ୍ରଚାର କରାଯାଉଥିବାରୁ ଆଗାମୀ ଦିନରେ ପୁଣି ଉତ୍ତେଜନା ଦେଖାଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

# କୁଶଳଦା ଲ୍ୟାମ୍ପସରେ ମଣ୍ଡି ଉଦ୍‌ଘାଟିତ



କୁଆମରା, ୨୩।୫(ସମିସ): ଗୋପବନ୍ଧୁନଗର ବ୍ଲକ କୁଶଳଦା ଲ୍ୟାମ୍ପସରେ ଶୁକ୍ରବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଯୋଗଦେଇ ମଣ୍ଡିକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଏସ୍‌ସିଏସ୍‌ଓ ରୀନାରାଣୀ ମହାପାତ୍ର, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ କପ୍ତିପଦା ମଣ୍ଡଳ ମୁଖ୍ୟ ଶାଶ୍ୱତୀ ମହାନ୍ତି, ଆରଏମ୍‌ସିର ସମ୍ପାଦକ ସୁକରାମ ସିଂ, ଲ୍ୟାମ୍ପସ ସଭାପତି ଚୌଧୁରୀ ସିଂ, ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ସୁମନ ସୌରଭ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ତେବେ ଚଳିତ ରବି ଋତୁରେ ୬ ଜଣ ଚାଷୀଙ୍କଠାରୁ ମୋଟ ୨୪୯ କ୍ୱିଣ୍ଟାଲ ଧାନ କିଣା ଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିପରି ପଶୁଦା ଲ୍ୟାମ୍ପସରେ ୭ ଜଣ ଚାଷୀଙ୍କଠାରୁ ୨୧୦ କ୍ୱିଣ୍ଟାଲ ଧାନ କିଣାଯିବ ବୋଲି ପରିଚାଳନା ନିର୍ଦ୍ଦେଶକ ନିର୍ମଳ ଚନ୍ଦ୍ର ସେନ୍ ସୂଚନା ଦେଇଛନ୍ତି।

# ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



କୁଆମରା, ୨୩।୫(ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଗୋହିରାଡିହା ଗ୍ରାମର ଚାରି ଦିନ ଧରି ଚାଲିଥିବା ନୂତନ ମନ୍ଦିର ଓ ଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି। ଏହି ଅବସରରେ ନାଲୁହା ନଦୀରୁ ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ମୁଖ୍ୟ ପୁରୋହିତ ରତିକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ରଶ୍ମିରଞ୍ଜନ ହୋତା, ଜଗଦୀଶ ମହାପାତ୍ର, ଅନନ୍ତ ବାସୁଦେବ ଶତପଥୀ, ବିରଞ୍ଚି ନାରାୟଣ ମିଶ୍ର, ଦୁର୍ଗାଚରଣ ଦ୍ୱିବେଦୀ ପ୍ରମୁଖ ପ୍ରତିଷ୍ଠା ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ହରେନ୍ଦ୍ର ପାତ୍ର, ଅଜୟ ଦେ, ଦେବେନ୍ଦ୍ର ସାହୁ, ଗୌରହରି ପତି, ପ୍ରଫୁଲ୍ଲ ଭଦ୍ର ତଥା ତାଙ୍କର ଧର୍ମ ପତ୍ନୀମାନେ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଅଙ୍କୁରାପଣ, ମଙ୍ଗଳ ଆଳତି, ସୂର୍ଯ୍ୟ ପୂଜା, ରୁଦ୍ରାଭିଷେକ, ଷୋଡ଼ଶ ଉପଚାର ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ପ୍ରସାଦ ସେବନ କରିଥିଲେ।

# ଇକୋ କ୍ଲବ୍ ପକ୍ଷରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ

ବାରିପଦା, ୨୩।୫(ସମିସ)

ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଉପଲକ୍ଷେ ଜିଲ୍ଲା ଇକୋ କ୍ଲବ ପକ୍ଷରୁ 'ପ୍ରକୃତି ସହିତ ସମନ୍ୱୟ ଓ ସ୍ଥାୟୀ ବିକାଶ' ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସବୁଜ ବାହିନୀ(ଇକୋ କ୍ଲବ)ର ମାଷ୍ଟର ଟ୍ରେନର ତଥା ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ବିଶିଷ୍ଟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ, ମୁଖ୍ୟବକ୍ତା




ଭାବରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଯୋଗଦାନ କରି ବିଶ୍ୱ ଜୈବ ବିବିଧତା ଦିବସ ପାଳନର ଲକ୍ଷ୍ୟ ଉଦ୍ଦେଶ୍ୟ ଏବଂ ଉପାଦେୟତା ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜୈବ ବିବିଧତା ଆମକୁ ପୋଷଣ, ଗୃହ ଉପକରଣ, ଇନ୍ଧନ, ଔଷଧୀୟ ଗୁଳ୍ମ, ପରିସଂସ୍ଥାୟ ନିଃଶୁଳ୍କ ସେବା ଯୋଗାଇ ଦେଉଛି। ତେଣୁ ଗୋଟିଏ ସ୍ଥାନରେ ଥିବା ବିବିଧ ପ୍ରକାର ଉଦ୍ଭିଦ, ପ୍ରାଣୀ, ଅଣୁଜୀବଙ୍କ ସାମଗ୍ରିକ ବିକାଶରେ ଯୋଗଦାନର ମହତ୍ତ୍ୱକୁ ହୃଦୟଙ୍ଗମ କରିବା ପାଇଁ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା ଆବଶ୍ୟକ। ମୟୂରଭଞ୍ଜ ଜିଲ୍ଲାରେ ଥିବା ସମସ୍ତ ଇକୋ କ୍ଲବ, ଶକ୍ତି କ୍ଲବ ଏବଂ ଜୁନିଅର ରେଡ଼କ୍ରସର ଭାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ମନରେ ଜୈବ ବିବିଧତାର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଡ଼କ୍ଟର ମହାନ୍ତ କହିଲେ ଯେ ମୟୂରଭଞ୍ଜ ଜିଲ୍ଲାରେ ଥିବା ଜୈବ ବିବିଧତାରେ ପରିପୂର୍ଣ୍ଣ 'ଶିମିଳିପାଳ ଜୈବ ମଣ୍ଡଳ'ର ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ଚେତନା ଜାଗ୍ରତ କରିବା ଆବଶ୍ୟକ। ସୁବ୍ରତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ବାରିପଦା, ୨୩।୫(ସମିସ): ବାଲି ଚୋରା ଚାଲାଣ ବେଳେ ବାରିପଦା ଟାଉନ ଥାନା ପୁଲିସ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହିତ ଚାଳକଙ୍କୁ ଗିରଫ କରିଛି। ଚାଳକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ମହୁଲିଆ ଗ୍ରାମର ଗୌରୀ କୁମାର ସିଂ(୩୪)। ପୁଲିସ ପକ୍ଷରୁ ତକତପୁର ଅଞ୍ଚଳରେ ପେଟ୍ରୋଲିଂ ସମୟରେ ଗାଡିକୁ ଜବତ କରାଯାଇଥିଲା। ଏନେଇ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଭାବିଚିନ୍ତି ନିବେଶ କରନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

- ୧୯୩୧- ପ୍ରଥମ ବାତାନୁକୂଳିତ ଟ୍ରେନ୍ ଆମେରିକାର ୱାଲଟ୍‌ମୋର୍ ଓ ଓହିଓ ମାର୍ଗରେ ଚଳାଗଲା।
- ୧୯୫୪- ମାଉଣ୍ଟ ଏଭରେଷ୍ଟ ଚଢ଼ିଥିବା ପ୍ରଥମ ଭାରତୀୟ ମହିଳା ହେଲେ ବୈଚେନ୍ଦ୍ରୀ ପାଲ୍।
- ୧୯୮୫- ବାଂଲାଦେଶରେ ତୋଫାନ କାରଣରୁ ଦଶ ହଜାର ଲୋକଙ୍କ ମୃତ୍ୟୁ।
- ୨୦୦୪- ଉତ୍ତର କୋରିଆ ମୋବାଇଲ୍ ଫୋନ୍ ଉପରେ ପ୍ରତିବନ୍ଧକ ଲଗାଇଲା।

## ରାଗ ଶାନ୍ତ କରିବାକୁ ଲୋକଙ୍କ ସହ ଧକ୍କା ହୁଅନ୍ତି



ରାସ୍ତାରେ ଯାତାୟାତ ସମୟରେ ପରସ୍ପର ସହ ଧକ୍କା ହୋଇଯିବା ସାଧାରଣ କଥା। ହେଲେ ଅନେକ ସମୟରେ କିଛି ଲୋକ ଅନ୍ୟମାନଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ଧକ୍କା ଦେଇଥାନ୍ତି। ଏମିତି ଏକ ଘଟଣା ଲଣ୍ଡନ ରାଜରାସ୍ତାରେ ଦେଖିବାକୁ ମିଳୁଛି। ଏଠାରେ ଜାପାନର ଏକ ଗ୍ୟାଙ୍ଗ ମଜା ନେବା ଉଦ୍ଦେଶ୍ୟରେ ସାଧାରଣ ଲୋକଙ୍କୁ ଧକ୍କା ଦେଇଥାନ୍ତି। ଏହି ଗ୍ୟାଙ୍ଗ୍‌ର ନାଁ ହେଉଛି 'ଦ ବମ୍ପିଂ ଗ୍ୟାଙ୍ଗ'। ଉକ୍ତ ଗ୍ୟାଙ୍ଗରେ କେବଳ ପୁରୁଷମାନେ ଥାଆନ୍ତି। ମହିଳା, ବୟସ୍କ ଏବଂ ଛୋଟ ପିଲାମାନଙ୍କୁ ଏମାନେ ଟାର୍ଗେଟ୍ କରିଥାନ୍ତି। କିଛି ରିପୋର୍ଟରେ କୁହାଯାଇଛି, ଏହି ଗ୍ୟାଙ୍ଗର ଆରମ୍ଭ ଜାପାନରୁ ହୋଇଥିଲା। ଗ୍ୟାଙ୍ଗ୍‌ରେ ଥିବା ପୁରୁଷମାନଙ୍କର ପାରିବାରିକ ସମ୍ପର୍କ ଛିନ୍ନ ହୋଇଛି। ତେଣୁ ସେମାନେ ଚିଡ଼ଚିଡ଼ା ସ୍ୱଭାବର ହୋଇଯାଇଛନ୍ତି। ନିଜର ଦୁଃଖକୁ ପରିପ୍ରକାଶ କରିବା ତଥା କ୍ରୋଧକୁ ଶାନ୍ତ କରିବାକୁ ଜାଣିଶୁଣି ସେମାନେ ଲୋକଙ୍କ ସହ ଧକ୍କା ହୁଅନ୍ତି। ଏଥିପାଇଁ ଏହି ଗ୍ୟାଙ୍ଗର ସଦସ୍ୟମାନେ ବଜାର, ରେଳ ଷ୍ଟେସନ, ସଡ଼କ ଭଳି ଭିଡ଼ ସ୍ଥାନକୁ ବାଛିଥାନ୍ତି। ଏହାଦ୍ୱାରା ଗହଳିର ସୁବିଧା ନେଇ ତାଙ୍କୁ ଖସି ଯିବାକୁ ସୁବିଧା ହୁଏ। ସେମାନେ ଲୋକଙ୍କୁ ଧକ୍କା ଦେବା ପରେ ତୁରନ୍ତ ସେହି ସ୍ଥାନ ଛାଡ଼ି ଚାଲିଯାନ୍ତି। ଏହି ଗ୍ୟାଙ୍ଗ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏବେ ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ଏହି ଗ୍ୟାଙ୍ଗକୁ ନେଇ ଅନେକ ଇନ୍‌ଫ୍ଲୁଏନ୍ସର ସାମାଜିକ ଗଣମାଧ୍ୟମରେ ପୋଷ୍ଟ ମଧ୍ୟ କରିଛନ୍ତି। ଆୟଲାମେଲେକ ନାମକ ଟିକ୍‌ଟକ୍‌ରଙ୍କୁ ଅଚାନକ ଜଣେ ଲମ୍ବା ଚଉଡ଼ା ବ୍ୟକ୍ତି ଜାଣିଶୁଣି ଧକ୍କା ମାରିଥିଲେ। ସେ ଚଟାଣରେ ପଡ଼ିଯାଇଥିଲେ ବୋଲି ସାମାଜିକ ଗଣମାଧ୍ୟମରେ ସେୟାର କରିଥିଲେ। ସେହିପରି ସେଲି ୱିଣ୍ଟର ନାମକ ଜଣେ ଇନ୍‌ଫ୍ଲୁଏନ୍ସରଙ୍କୁ ବମ୍ପିଂ ଗ୍ୟାଙ୍ଗର ଜଣେ ସଦସ୍ୟ ଟ୍ରେନ୍‌ର ଝରକା କାଚରେ ପିଟିଦେବାରୁ ସେ ମଧ୍ୟ ପୁଲିସରେ ଅଭିଯୋଗ କରିଥିଲେ। ତାଙ୍କୁ ପିଟିଥିବା ବ୍ୟକ୍ତି ଜଣକ ପୂର୍ବରୁ ମଧ୍ୟ ଜଣେ ପିଲାକୁ ଲାତ ମାରି ଗିରଫ ହୋଇଥିବା ଜଣାପଡ଼ିଥିଲା। ୨୦୨୦ ମସିହାରେ ଜାପାନ ପୁଲିସ ଡାଇସୁକେ ନାଗାଟା ନାମକ ଜଣେ ବ୍ୟକ୍ତିଙ୍କୁ ଧରିଥିଲେ। ଉକ୍ତ ବ୍ୟକ୍ତି ଜଣକ ବାରମ୍ବାର ମହିଳାଙ୍କୁ ଧକ୍କା ଦେଉଥିଲା। ନାଗାଟା ପୁଲିସ୍ ପାଖରେ କହିଥିଲା, ଥରେ ଟ୍ରେନ୍‌ରୁ ଓହ୍ଲାଇବା ସମୟରେ ତାଙ୍କ ହାତ ଜଣେ ମହିଳାଙ୍କ ଶରୀରରେ ବାଜିଯାଇଥିଲା। ଏମିତି କରି ତାଙ୍କୁ ଖୁସି ମିଳିବାରୁ ସେବେଠୁ ସେ ମହିଳାମାନଙ୍କୁ ଧକ୍କା ଦେବା ଆରମ୍ଭ କଲା।

## ଶାଢ଼ିରେ 'ଅପରେସନ୍ ସିନ୍ଦୂର'

ଅପ୍ରେଲ ୨୨ ତାରିଖରେ ଜମ୍ମୁକାଶ୍ମୀରର ପହଲଗାମରେ ଆତଙ୍କବାଦୀ ରଚିଥିଲେ ବର୍ବରକାଣ୍ଡ। ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଭାରତ ପକ୍ଷରୁ ଆରମ୍ଭ କରାଯାଇଥିଲା ଅପରେସନ ସିନ୍ଦୂର। ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ସେନା ଅପରେସନ୍ ସିନ୍ଦୂର ଜରିଆରେ ପ୍ରତିଶୋଧ ନେଇଥିଲା। ଏବେ ବାରଣାସୀର ବୁଣାକାରମାନେ 'ଅପରେସନ୍ ସିନ୍ଦୂର' ଥିମ୍‌ର ଏକ ଶାଢ଼ି ପ୍ରସ୍ତୁତ କରିଛନ୍ତି। ଭାରତୀୟ ସେନାର ଶୌର୍ଯ୍ୟ ଓ ବୀରତାକୁ ସମ୍ମାନ ଜଣାଇ ସେମାନେ ଏହାକୁ ପ୍ରସ୍ତୁତ କରିଛନ୍ତି। ନୀଳ ରଙ୍ଗର ଏହି ବନାରସୀ ଶାଢ଼ିରେ ଏସ୍-୪୦୦ ଡିଫେନ୍ସ ସିଷ୍ଟମ, ବ୍ରହ୍ମୋସ୍ ମିସାଇଲ, ଯୁଦ୍ଧପୋତ ଆଦି ପ୍ରଦର୍ଶନ କରାଯାଇଛି। ଏଭଳି ଏକ ଶାଢ଼ି ପ୍ରସ୍ତୁତି ପାଇଁ ପରିକଳ୍ପନା କରିଥିବା ବ୍ୟବସାୟୀ ତଥା ବୁଣାକାର ବିକାଶଙ୍କ କହିବା କଥା, 'ଏହି ଶାଢ଼ି 'ଅପରେସନ୍ ସିନ୍ଦୂର'ରୁ ପ୍ରେରିତ ହୋଇ ନିର୍ମାଣ କରାଯାଇଛି। ପୂରା ଦେଶ ଭାରତୀୟ ଯବାନଙ୍କ ସହ ଅଛି ବୋଲି ଆମେ ଏହା ମାଧ୍ୟମରେ ବାର୍ତ୍ତା ଦେବାକୁ ଚାହୁଁଛୁ।' ତେବେ ଏହି ଶାଢ଼ିକୁ ପ୍ରସ୍ତୁତ କରିବା ପାଇଁ ବିକାଶଙ୍କୁ ଦଶଦିନ ସମୟ ଲାଗିଥିଲା। ସେ ଏହି ଶାଢ଼ିକୁ କର୍ଣ୍ଣେଲ ସୋଫିଆ କ୍ୟୁରେସି ଓ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହଙ୍କୁ ଉପହାରରେ ଦେବାକୁ ଇଚ୍ଛା କରିଛନ୍ତି। ଏଯାବତ୍ ସେ ଏଭଳି ୧୦-୧୫ଟି ଶାଢ଼ି ପ୍ରସ୍ତୁତ କରିଛନ୍ତି। ଚାହିଦା ବଢ଼ିଲେ ଏଭଳି ଆହୁରି ଅଧିକ ଶାଢ଼ି ସେ ପ୍ରସ୍ତୁତ କରିବେ ବୋଲି କହିଛନ୍ତି। ବିକାଶଙ୍କ ଏହି ଶାଢ଼ି ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।



## ଏକତାଙ୍କ ଫିଲ୍ମକୁ ଶ୍ରଦ୍ଧାଙ୍କ ନା





୨୦୧୩ରେ ଆସିଥିବା ଫିଲ୍ମ 'ଆଶିକୀ-୨'ରୁ ରାତାରାତି ଷ୍ଟାର୍ ପାଲଟି ଯାଇଥିବା ଅଭିନେତ୍ରୀ ଶ୍ରଦ୍ଧା କପୁର ଏବେ ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଜଣାଯାଉଛନ୍ତି। ଶେଷଥର ପାଇଁ ସେ 'ସ୍ତ୍ରୀ-୨' ଫିଲ୍ମରେ ନଜର ଆସିଥିଲେ। ଫିଲ୍ମରେ ଶ୍ରଦ୍ଧାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ତେବେ ଏହି ଫିଲ୍ମର ସଫଳତା ପରେ ଶ୍ରଦ୍ଧା ତାଙ୍କ ପାରିଶ୍ରମିକ ବଢ଼ାଇ ଦେଇଥିବା ଚର୍ଚ୍ଚା ହେଉଛି। ଏହାସହ ଭଲ କାହାଣୀ ଦେଖି ସେ ଫିଲ୍ମ ସାଇନ୍ କରୁଥିବା କୁହାଯାଉଛି। ଇତିମଧ୍ୟରେ ଏକତା କପୁରଙ୍କ ଏକ ବଡ଼ ବଜେଟ୍‌ର ଫିଲ୍ମକୁ ଶ୍ରଦ୍ଧା ପ୍ରତ୍ୟାଖ୍ୟାନ କରିଥିବା ଚର୍ଚ୍ଚା ହେଉଛି। ଅନେକ ରିପୋର୍ଟରେ ପ୍ରକାଶ ପାଇଛି ଯେ, 'ଶ୍ରଦ୍ଧା ଏହି ଫିଲ୍ମ ପାଇଁ ୧୭ କୋଟି ଟଙ୍କା ପାରିଶ୍ରମିକ ଦାବି କରୁଥିଲେ। ଅପରପକ୍ଷରେ ଏକତା ଫିମେଲ୍ ଲିଡ୍ ପାଇଁ ଏତେ ପାରିଶ୍ରମିକ ଦେବା ପାଇଁ ଇଚ୍ଛା କରୁନାହାନ୍ତି। ଏହା ଫିଲ୍ମର ବଜେଟ୍ ଉପରେ ପ୍ରଭାବ ପକାଇବ ବୋଲି ସେ ଭାବୁଛନ୍ତି। ଶ୍ରଦ୍ଧା, ଏକତାଙ୍କ କଥାରେ ସହମତ ନ ହୋଇ ଫିଲ୍ମରୁ ଓହରି ଯାଇଥିବା ଜଣାପଡ଼ିଛି। ତେବେ ସେ ଏହି ଫିଲ୍ମ ଛାଡ଼ିବା ପରେ ପ୍ରଡକ୍ସନ୍ ହାଉସ୍ ପକ୍ଷରୁ ନୂଆ ନାୟିକା ଖୋଜା ଚାଲିଛି। ଶ୍ରଦ୍ଧା ଏବେ ନୂଆ ଫିଲ୍ମ ପାଇଁ ଦିନେଶ ବିଜାନ, ବୋନି କପୁର, ଭୂଷଣ କୁମାରଙ୍କ ସହ କଥାବାର୍ତ୍ତା ଚଳାଇଛନ୍ତି। ଆସନ୍ତା ଦୁଇ ମାସ ବିଷୟରେ ସେ ତାଙ୍କ ନୂଆ ଫିଲ୍ମ ସମ୍ପର୍କରେ ସୂଚନା ଦେବେ ବୋଲି ଆଶା କରାଯାଉଛି।

## ସୁମନ

### ସକାଳ ଶିଶୁ କୁଇଜ୍-୧୬୫

(୧) ହାତୀପଥର ଜଳପ୍ରପାତ ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ?
ଉତ୍ତର : ______

(୨) ଚାରମିନାର କେଉଁଠାରେ ଅଛି?
ଉତ୍ତର : ______

(୩) ଜର୍ମାନୀର ମୁଦ୍ରାକୁ କ'ଣ କୁହାଯାଏ?
ଉତ୍ତର : ______

(୪) 'ଜୟ ଯବାନ, ଜୟ କିଷାନ, ଜୟ ବିଜ୍ଞାନ' ନାରା କିଏ ଦେଇଥିଲେ?
ଉତ୍ତର : ______

(୫) ମଣିଷ ଶରୀରର କେଉଁ ଅଙ୍ଗ ରକ୍ତକୁ ଶୁଦ୍ଧ କରିଥାଏ?
ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**
- ଓମ୍ ପ୍ରକାଶ ରଣା, ଚକେଇସିଆଣି, ଭୁବନେଶ୍ୱର
- ପ୍ରିୟଙ୍କା ପ୍ରିୟଦର୍ଶିନୀ ବାରିକ, ଚାନ୍ଦବାଲି, ଭଦ୍ରକ
- ପ୍ରେମରାଜ ସାହୁ, ବେହେରା, ବରଗଡ଼

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

### କାଳବୈଶାଖୀ



ଆଚାର୍ଯ୍ୟ କ୍ଷିତୀଶ ଜେନା

କାଳବୈଶାଖୀରେ କାଳବୈଶାଖୀ
ବୈଶାଖରେ ଦେଖା ଦେଉରେ ଆସି
ଖରା କମିଗଲେ ଉପର ବେଳା
ମାଡ଼ି ଆସୁ ତିଲେ ନ କରୁ ହେଳା
ସଙ୍ଗେ ଭଲ ପାଗ ସଙ୍ଗେ ଅନ୍ଧାର
ପତର ଧୂଳିରେ ଦିଶେ ଧୂସର
ଆଖି ନାକ କାନେ ଯାଏରେ ପଶି
ଯାଇ ହୁଏ ନାହିଁ ଆଗକୁ ଧସି
ଯିଏ ଯେଉଁ ସ୍ଥାନେ ଥାଏରେ ଭାଇ
ଭଲ ସ୍ଥାନ ଦେଖି ସେ ଯାଏ ରହି
ଟିଣ ଓ ଛପର ଯାଏତ ଉଡ଼ି
ଗଛ ଭାଙ୍ଗି ବାଟେ ଯାଏରେ ପଡ଼ି
କାୟା ଦେଖି ହୁଏ ବିଜୁଳି କାଟ
ଉପୁଡ଼ିବି ଯାଏ ବିଜୁଳି ଖୁଣ୍ଟ
ଫିରିଫିରା କେବେ ପ୍ରବଳ ଢାଳେ
ବୃକ୍ଷଲତାଙ୍କୁରେ ଆଶ୍ୱସ୍ତି ମିଳେ
ଆମ୍ବ, କାଜୁ ଯାଏ ଗଛରୁ ଝଡ଼ି
ଫସଲ କିଛିଟା ଯାଏ ଉଜୁଡ଼ି
ଭାଙ୍ଗଇ ସଜନା ଝଡ଼ାଏ ଭଣ୍ଡା
ଦାରୁଣ ହେଲେବି କରାଏ ଥଣ୍ଡା ।

କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମୋ- ୭୦୦୮ ୬୩୪୮୦୦



### ଏକତାର ବଳ



ରାମଚନ୍ଦ୍ର ବେହେରା

ଗାଁଆଁରୁ ଅଳ୍ପ ଦୂରରେ ବିଲ ମଝିରେ ରହୁଥିଲେ ବସନ୍ତର ପରିବାର। ଗାଈ, ବଳଦ, କୁକୁର, ବିଲେଇ ଓ କିଛି କୁକୁଡ଼ା ଥିଲେ ତା' ପରିବାରର ଅଂଶ। ବିଲଗୁଡ଼ିକ ତାର ଆଖପାଖରେ ଥିବାରୁ, ବର୍ଷ ସାରା ଭଲ ଫସଲ ଅମଳ କରେ ବସନ୍ତ। ଚାଷ କାମରୁ ଯାହା ମିଳେ, ସେଥିରେ ଖୁସିରେ ଦିନ କାଟନ୍ତି ତାର ପୁରା ପରିବାର। ତାର ପୋଷା ଜୀବଗୁଡ଼ିକ ମଧ୍ୟ ଗୋଟିଏ ଜାଗାରେ ବହୁତ ଦିନରୁ ଏକାଠି ରହୁଥିବାରୁ ସେମାନଙ୍କ ମଧ୍ୟରେ ଖୁବ୍ ତାଳମେଳ ଦେଖିବାକୁ ମିଳେ। ବଳଦ ଚାଷ କାମରେ ସାହାଯ୍ୟ କରେ, ଗାଈ କ୍ଷୀର ଦିଏ, କୁକୁଡ଼ା ଅଣ୍ଡା ଦିଅନ୍ତି, କୁକୁର ଓ ବିଲେଇ ପରିବାରର ସୁରକ୍ଷା ପାଇଁ ନିଘା ରଖନ୍ତି। ସମସ୍ତଙ୍କ ସହଯୋଗରେ ଦିନ ପରେ ଦିନ, ମାସ ପରେ ମାସ ବିତିଯାଏ ଜଣା ପଡ଼େନାହିଁ। ବୈଶାଖ ମାସ ହୋଇଥିବାରୁ, ଖରା ନଇଁଲା ପରେ କ୍ଷେତରେ ପାଣି ମଡ଼ାଉଥାଏ ବସନ୍ତ। ଗୋଟିଏ ମାଆ କୁକୁଡ଼ା ଆଠ-ଦଶଟି ଛୁଆଙ୍କୁ ନେଇ ଶାଗପଟାଳି ପାଖରେ ସେମାନଙ୍କୁ ଆହାର ଖୋଜିବାର କୌଶଳ ଶିଖାଉଥାଏ। କୁକୁର ଓ ବିଲେଇ ଘର ପାଖ ଆମ୍ବଗଛ ଛାଇରେ ଅଳସ ମାରୁଥାନ୍ତି। ଏହିସମୟରେ ଗୋଟିଏ ବଣୁଆ ନେଉଳ କୁକୁଡ଼ା ଛୁଆଙ୍କୁ ଖାଇବା ଆଶାରେ ଛପିଛପି ଆସି ଶାଗ ପଟାଳି ପାଖରେ ପହଞ୍ଚିଗଲା। ମାଆ କୁକୁଡ଼ା ନେଉଳର ଗତିବିଧିକୁ ଲକ୍ଷ୍ୟକରି ଛୁଆମାନଙ୍କୁ ସୁରକ୍ଷା ଘେରରେ ରଖିଥାଏ। ହଠାତ୍ ନେଉଳଟି ଗୋଟିଏ କୁକୁଡ଼ା ଛୁଆକୁ ଖାଇବା ପାଇଁ ଧାଇଁ ଆସିଲା ଓ ଛୁଆଟିକୁ ମୁହଁରେ କାମୁଡ଼ି ଧରିବାକୁ ଚେଷ୍ଟା କଲା। ଏହାଦେଖି ମାଆ କୁକୁଡ଼ାଟି ଆଖି ପିଛୁଳାକେ ନେଉଳ ଉପରକୁ କୁଦି ପଡ଼ିଲା ଓ ତା'ର ଚିତ୍କାର ଶୁଣି, ଗଛତଳେ ଶୋଇଥିବା କୁକୁର ଓ ବିଲେଇ ନେଉଳକୁ ପ୍ରତି ଆକ୍ରମଣ କରିବା ଆରମ୍ଭ କରିଦେଲେ। ପଶୁପକ୍ଷୀଙ୍କ ମିଳିତ ଆକ୍ରମଣରେ, ନେଉଳଟି ପ୍ରାଣ ବିକଳରେ ସେ ସ୍ଥାନ ଛାଡ଼ି ପଳାଇଗଲା। ପଶୁପକ୍ଷୀଙ୍କ ଚିତ୍କାର ଶୁଣି ବସନ୍ତର ସ୍ତ୍ରୀ ଘର ଭିତରୁ ଦୌଡ଼ି ଆସିଲା ଏବଂ ଦେଖିଲା ଗୋଟିଏ କୁକୁଡ଼ା ଛୁଆ ନେଉଳର ଆକ୍ରମଣରେ ଖଣ୍ଡିଆ ଖାବରା ହୋଇଛି। ପରିବାରର ଲୋକେ ତା'ର ଯତ୍ନ ନେବାରୁ, କୁକୁଡ଼ା ଛୁଆଟି କିଛି ଦିନରେ ସଂପୂର୍ଣ୍ଣ ସୁସ୍ଥ ହୋଇଗଲା। ପଶୁପକ୍ଷୀଙ୍କ ଏକତା ବଳରେ କୁକୁଡ଼ା ଛୁଆଟିର ଜୀବନ ବଞ୍ଚିଲା ଓ ବଣୁଆ ନେଉଳ ନିଜର ହାର୍ ମାନି ବସନ୍ତର ପୋଷା ପଶୁପକ୍ଷୀଙ୍କ ଠାରୁ ନିଜକୁ ଦୂରେଇ ରଖିଲା। ସ୍ତ୍ରୀ ପାଖରୁ ସମସ୍ତ କଥା ଶୁଣିଲା ପରେ, ବସନ୍ତ ଖୁବ୍ ଖୁସି ହୋଇ ନିଜର ପିଲାମାନଙ୍କୁ କହିଲା, ପଶୁପକ୍ଷୀଙ୍କ ଏକତା ସାମ୍ନାରେ ଚତୁର ନେଉଳ ହାର୍ ମାନିଲା। ତେଣୁ ସଦାବେଳେ ଏହା ମନେ ରଖିବା ଉଚିତ, ଏକତା ହିଁ ବଳ। ଏକତା ଅସମ୍ଭବକୁ ସମ୍ଭବରେ ପରିଣତ କରିବା ସହ ପରିବାରକୁ ସୁରକ୍ଷା ବଳୟରେ ରଖିବା ପାଇଁ ସମସ୍ତ ସଦସ୍ୟଙ୍କୁ ପ୍ରେରଣା ଦେଇଥାଏ।







ତେନ୍ତୁଳିପଦା, ଜଗତସିଂହପୁର
ମୋ- ୭୩୫୫୬୩୪୩୪୬












**ଆରାଧ୍ୟା ପୁଷ୍ପାଳକ**
ଷଷ୍ଠ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ



**ଶୁଭଲକ୍ଷ୍ମୀ ସାହୁ**
ଦ୍ୱିତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ମନ୍ଦିର
ବାଲିପାଟଣା, ଖୋର୍ଦ୍ଧା



**ପି ମାହିକା ସାହୁ**
ୟୁକେଜି
ବ୍ରାଇଟ୍ ଆଞ୍ଜେଲ ପାରାଡାଇଜ୍ ସ୍କୁଲ
ଚକେଇସିଆଣୀ, ଭୁବନେଶ୍ୱର



**ଅନ୍ୱିତା ପାଢ଼ୀ**
ଷଷ୍ଠ ଶ୍ରେଣୀ
ଲୋୟଲା ସ୍କୁଲ
ଜୟଦେବ ବିହାର
ଭୁବନେଶ୍ୱର

- ସ୍ୱାମୀଙ୍କୁ ଏମିତି ଭକ୍ତି କରନ୍ତି
ପତିବ୍ରତା ବୋଲି ସବୁ ଜାଣନ୍ତି
ଯମ ହାରିଗଲେ ତାଙ୍କ ଭକ୍ତିରେ
ଜୀବଦାନ ଦେଲେ ମୃତ ଶରୀରେ
ବଞ୍ଚାଇ ରଖିଲେ ସ୍ୱାମୀଙ୍କୁ ସିଏ
ନାମଟି ତାଙ୍କର କହିବ କିଏ ?
ଉ- ସାବିତ୍ରୀ

- ସଧବା ନାରୀଙ୍କ ବ୍ରତଟି ତାହା
ସ୍ୱାମୀ ପାଇଁ ସିଏ ପାଳନ୍ତି ଯାହା
ବଢ଼ାଇବା ପାଇଁ ସ୍ୱାମୀ ଆୟୁଷ
କରୁଥାନ୍ତି ପରା ସେ ଉପବାସ
ଏମିତି ବ୍ରତଟି ଅଟଇ ସିଏ
ନାମଟି ତାହାର କହିବ କିଏ ?
ଉ- ସାବିତ୍ରୀ ବ୍ରତ

- ଯାହାଙ୍କ ହାତରେ ଆମ ଜୀବନ
ନେଇ ଯାଆନ୍ତି ସେ ହୋଇଲେ ମନ
ଏମିତି ଦେବତା ଅଟନ୍ତି ସିଏ
ମୃତ୍ୟୁ ଦଉଡ଼ିକୁ ଧରନ୍ତି ଯିଏ
ସାଥେ ଯିବା ପାଇଁ ସବୁ ଡରନ୍ତି
ଯେବେ ଇଚ୍ଛା ସେବେ ଟାଣି ନିଅନ୍ତି ?
ଉ- ଯମରାଜ



- ଚାରୋଟି ଅକ୍ଷରେ ନାମ ତାଙ୍କର
ସେ ପରା ଅଟନ୍ତି ସାବିତ୍ରୀଙ୍କ ବର
ପ୍ରଥମ ଦୁଇଟି ଯଦି ମିଶିବ
ସତ ବୋଲି ତାହା ବୁଝାଉଥିବ
ପ୍ରଥମ ତୃତୀୟ ମିଶିଲା ପରେ
ବୁଝାଉ ଥାଏ ମୁଁ ସବୁ ଅର୍ଥରେ
ତୃତୀୟ ପ୍ରଥମ ମିଶିଲା ପରେ
ରହିବା ଅର୍ଥଟି ସେଠୁ ବାହାରେ
ତୃତୀୟ ପ୍ରଥମ ଚତୁର୍ଥ ମିଶିଲା ପରେ
ରହୁଥାଏ ତାହା ରୋଷେଇ ଘରେ
କିଏ ସେ କହିବ ନାମ ତାଙ୍କର
ଇତିହାସ କୁହେ ତାଙ୍କ ଖବର ?
ଉ- ସତ୍ୟବାନ

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ- ୮୩୧୦୩୨୮୩୪୫

# ବେଙ୍ଗାଲୁରୁକୁ ହରାଇଲା ହାଇଦରାବାଦ୍

**ଲକ୍ଷ୍ନୌ, ୨୩।୫ (ଏଜେନ୍ସି)**

ଚଳିତ ଆଇପିଏଲ୍‌ର ୬୫ତମ ମୁକାବିଲାରେ ଶୁକ୍ରବାର ସନ୍‌ରାଇଜର୍ସ ହାଇଦରାବାଦ୍ ୪୨ ରନରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ସ୍ଥାନୀୟ ଏକାନା କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ସନରାଇଜର୍ସ ହାଇଦରାବାଦ୍ ପକ୍ଷରୁ ଧାର୍ଯ୍ୟ ୨୩୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ବେଙ୍ଗାଲୁରୁ ଗୋଟିଏ ବଲ୍ ପୂର୍ବରୁ ୧୮୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବରୁ ପ୍ଲେ ଅଫ୍‌ରେ ସ୍ଥାନ ପକ୍କା କରିସାରିଥିବା ବେଙ୍ଗାଲୁରୁ ୧୩ ମ୍ୟାଚରୁ ୪ର୍ଥ ପରାଜୟ ସହ ୧୭ ପଏଣ୍ଟ ପାଇ ତୃତୀୟ ସ୍ଥାନକୁ ଖସିଯାଇଛି। ଅପରପକ୍ଷରେ ହାଇଦରାବାଦ ୧୩ତମ ମ୍ୟାଚରୁ ୫ମ ବିଜୟ ସହିତ ୧୧ ପଏଣ୍ଟ ପାଇ ୮ମ ସ୍ଥାନରେ ସ୍ଥିର ରହିଛି। ହାଇଦରାବାଦ ପୂର୍ବରୁ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିସାରିଛି।

୨୩୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ବେଙ୍ଗାଲୁରୁ ପ୍ରଥମ ୱିକେଟ୍‌ରେ ୭ ଓଭରରେ ୮୦ ରନ ଉଠାଇଥିଲା। ଓପନର୍ ବିରାଟ କୋହଲି ୨୫ ବଲରେ ୭ ଚୌକା ଓ ୧ ଛକା ସହ ୪୩ ରନ କରି ପ୍ରଥମେ ଆଉଟ୍ ହୋଇଥିଲେ। ପରେ ଅନ୍ୟତମ ଓପନର୍ ଫିଲ୍ ସଲ୍ଟ ୪ ଚୌକା ଓ ୫ ଛକା ସହ ୩୨ ବଲରେ ୬୨ ରନ କରି ଆଉଟ୍ ହୋଇଥିଲେ। ଏହାପରେ ମଧ୍ୟକ୍ରମ ବ୍ୟାଟିଂ ବିଫଳତା ଯୋଗୁ ବେଙ୍ଗାଲୁରୁ ୧୯.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୯ ରନ କରିବାକୁ ସମର୍ଥ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୀତେଶ ଶର୍ମା ୨୪, ରଜତ ପଟିଦାର ୧୮, ମୟଙ୍କ ଅଗରୱାଲ ୧୧, କ୍ରୁନାଲ ପାଣ୍ଡ୍ୟା ୮, ଟିମ୍ ଡେଭିଡ୍ ୧ ରନ କରିଥିବାବେଳେ ରୋମାରିଓ ସେଫର୍ଡ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ହାଇଦରାବାଦ୍ ପାଇଁ ଅଧିନାୟକ ପ୍ୟାଟ୍ କମିନ୍ସ ସର୍ବାଧିକ ୩, ଏଶାନ ମାଲିଙ୍ଗା ୨ଟି ୱିକେଟ୍ ନେଇଥିଲେ।



### ଇଶାନ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ

ପୂର୍ବରୁ ଏହି ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର କାମଚଳା ଅଧିନାୟକ ଜୀତେଶ ଶର୍ମା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନରାଇଜର୍ସ ହାଇଦରାବାଦ୍ ଇଶାନ କିଶାନଙ୍କ ଅପରାଜିତ ୯୪ ରନ ବଳରେ ୬ ୱିକେଟ୍‌ରେ ୨୩୧ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ସ୍କୋର କରିପାରିଥିଲା। ଇଶାନ ତାଙ୍କ ୪୮ ବଲ୍ ପାଳିରେ ୭ ଚୌକା ଓ ୫ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ଶର୍ମା ୩୪, ହେନରିଚ କ୍ଲାସେନ ୨୪, ଅନିକେତ ବର୍ମା ୨୬, ଟ୍ରାଭିସ ହେଡ୍ ୧୭, ପ୍ୟାଟ୍ କମିନ୍ସ ଅପରାଜିତ ୧୩ ରନ କରିଥିଲେ। ବୋଲିଂରେ ବେଙ୍ଗାଲୁରୁର ରୋମାରିଓ ସେଫର୍ଡ ସର୍ବାଧିକ ୨ଟି ଏବଂ ଭୁବନେଶ୍ୱର କୁମାର, ଲୁନଗି ଏନ୍‌ଗିଡି, ସୂୟାଶ ଶର୍ମା ଓ କ୍ରୁନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୩ | ୯ | ୪ | ୦ | ୧୮ | +୦.୬୦୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୩ | ୬ | ୬ | ୧ | ୧୩ | -୦.୦୧୯ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| ହାଇଦରାବାଦ୍ | ୧୩ | ୫ | ୭ | ୧ | ୧୧ | -୧.୭୪୦ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

**ଆଇପିଏଲ୍‌ରେ ଆଜି**

**ପଞ୍ଜାବ** ବନାମ **ଦିଲ୍ଲୀ**

ଜୟପୁର / ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

**ପଞ୍ଜାବ କିଙ୍ଗ୍‌ସ ମାଲିକଙ୍କ ମଧ୍ୟରେ ବିବାଦ**

# ନେସ୍ ୱାଡିଆ, ମୋହିତ ବର୍ମନଙ୍କୁ କୋର୍ଟକୁ ଟାଣିଲେ ପ୍ରୀତି



**ଚଣ୍ଡିଗଡ଼, ୨୩।୫ (ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ର ଅନ୍ୟତମ ଚର୍ଚ୍ଚିତ ଫ୍ରାଞ୍ଚାଇଜ୍ ପଞ୍ଜାବ କିଙ୍ଗ୍‌ସର ମାଲିକମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଏବେ କୋର୍ଟରେ ପହଞ୍ଚିଛି। ଦଳର ଅନ୍ୟତମ ମାଲିକ ତଥା ବଲିଉଡ ଅଭିନେତ୍ରୀ ପ୍ରୀତି ଜିଣ୍ଟା ନିଜର ସହ ମାଲିକ ତଥା ନିର୍ଦ୍ଦେଶକ ନେସ୍ ୱାଡିଆ ଓ ମୋହିତ ବର୍ମନଙ୍କ ବିରୋଧରେ ଚଣ୍ଡିଗଡ଼ର ଏକ ଅଦାଲତରେ ମାମଲା ରୁଜୁ କରିଛନ୍ତି। ଏହି ବିବାଦ ଏକ୍ସଟ୍ରା ଅର୍ଡିନାରୀ ଜେନେରାଲ (ଇଜିଏମ୍) ବୈଠକରେ ସୃଷ୍ଟି ହୋଇଥିଲା ଓ ବିଭିନ୍ନ ନିଷ୍ପତ୍ତି ନେଇ ମାଲିକମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ସୃଷ୍ଟି ହୋଇଥିଲା।

ପ୍ରୀତି, ୱାଡିଆ ଓ ମୋହିତ କେପିଏଚ୍ ଡ୍ରିମ୍ କ୍ରିକେଟ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ରହିଛନ୍ତି। ଏହି କମ୍ପାନୀ ପଞ୍ଜାବ କିଙ୍ଗସର ମାଲିକାନା ହାସଲ କରିଛି। ୨୦୦୮ ରେ ଏହି କମ୍ପାନୀ ସ୍ଥାପିତ ହୋଇଥିଲା। ମୋହିତ ଓ ୱାଡିଆ ପ୍ରୀତି ଜିଣ୍ଟାଙ୍କ ଭଳି ପଞ୍ଜାବ କିଙ୍ଗସ ଦଳର ସହ- ମାଲିକ ରହିଛନ୍ତି। ଗତ ଏପ୍ରିଲ ୨୧ରେ ଇଜିଏମ୍‌ର ବୈଠକ ବସିଥିଲା। କିନ୍ତୁ ପ୍ରୀତି ଏହି ବୈଠକ ବୈଧତାକୁ ନେଇ ଚ୍ୟାଲେଞ୍ଜ୍ କରିଛନ୍ତି। ଏହି ବୈଠକ ବସିବାରେ କମ୍ପାନୀର ୨୦୧୩ ଅଧିନିୟମ ଓ ନିୟମଗୁଡିକ ଅନୁସାରେ ଉଚିତ ପ୍ରକ୍ରିୟାର ପାଳନ କରାଯାଇନାହିଁ ବୋଲି ପ୍ରୀତି ପ୍ରଶ୍ନ ଉଠାଇଛନ୍ତି। ଏପ୍ରିଲ ୧୦ରେ ସେ ଏ ନେଇ ଏକ ଇ-ମେଲ ଜରିଆରେ ଆପତ୍ତି ଉଠାଇଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଇଛି। ମୋହିତ ଓ ୱାଡିଆଙ୍କ ସମର୍ଥନରେ ହିଁ ଏହି ବୈଠକ ବସିଛି। ଏହି ବୈଠକରେ ଭାଗ ନେଇଥିଲେ ମଧ୍ୟ ପ୍ରୀତ୍ ଏହାକୁ ଅବୈଧ ଘୋଷିତ କରିବାକୁ କୋର୍ଟଙ୍କୁ ନିବେଦନ କରିଛନ୍ତି। ମୁନୀଶ ଖାନ୍ନାଙ୍କୁ ନିର୍ଦ୍ଦେଶକ ରୂପେ ନିଯୁକ୍ତି କରିବାର ନିଷ୍ପତ୍ତିକୁ ସେ ବିରୋଧ କରିଛନ୍ତି ଓ ନିଆଯାଇଥିବା ଅନ୍ୟ ନିଷ୍ପତ୍ତିକୁ ରଦ୍ଦ କରିବାକୁ ସେ ଅପିଲ କରିଛନ୍ତି। ଉଲ୍ଲେଖଥାଉ କି, ୨୦୦୮ରେ ପ୍ରୀତି, ୱାଡିଆ, ମୋହିତ ଓ କରଣ ପଲ ପାଖାପାଖି ୩୦୪ କୋଟି ଟଙ୍କାରେ ସେତେବେଳେର କିଙ୍ଗସ ଏକାଦଶ ପଞ୍ଜାବ ଦଳକୁ କ୍ରୟ କରିଥିଲେ। ଚଳିତ ସଂସ୍କରଣରେ ପଞ୍ଜାବ ଦମ୍‌ଦାର ପ୍ରଦର୍ଶନ କରି ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରି ଟାଇଟଲ ହାସଲ କରିବା ଆଶା ସୃଷ୍ଟି କରିଛି।

# ଆଇପିଏଲ୍‌ରେ ଶତକ; ମିଚେଲ ୧୧ତମ ଅଷ୍ଟ୍ରେଲୀୟ



**ଅହମ୍ମଦାବାଦ, ୨୩।୫ (ଏଜେନ୍ସି):** ଆଇପିଏଲ୍‌ର ୬୪ତମ ମ୍ୟାଚରେ ଗୁରୁବାର ରାତିରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ୩୩ ରନରେ ସନ୍‌ରାଇଜର୍ସ ହାଇଦରାବାଦକୁ ପରାସ୍ତ କରିଛି। ଏହି ମ୍ୟାଚରେ ସୁପର୍ ଜାଏଣ୍ଟ୍‌ସର ଅଷ୍ଟ୍ରେଲୀୟ ବ୍ୟାଟର୍ ମିଚେଲ ମାର୍ଶ ୬୪ ରନରେ ୧୧୭ ରନର ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଆଇପିଏଲ୍‌ର ୧୮ ବର୍ଷର ଇତିହାସରେ ମିଚେଲ ୧୧ତମ ଅଷ୍ଟ୍ରେଲୀୟ ବ୍ୟାଟର୍ ଭାବେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଥିଲେ। ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି ପ୍ରଥମ ଅଷ୍ଟ୍ରେଲୀୟ ଭାବେ ମିଚେଲଙ୍କ ଭାଇ ତଥା ସନ୍ ମାର୍ଶ ପ୍ରଥମ ସଂସ୍କରଣରେ (୨୦୦୮ ମେ ୨୮ରେ) କିଙ୍ଗ୍‌ସ ଇଲେଭେନ ପଞ୍ଜାବ ପକ୍ଷରୁ ଖେଳି ରାଜସ୍ଥାନ ବିପକ୍ଷରେ ଶତକ ମାରିଥିଲେ। ଆଇପିଏଲ୍‌ରେ ଶତକ ହାସଲ କରିଥିବା ଅନ୍ୟ ଅଷ୍ଟ୍ରେଲୀୟ ବ୍ୟାଟର୍‌ମାନେ ହେଲେ ଡେଭିଡ୍ ୱାର୍ଣ୍ଣର, ଆଦାମ ଗିଲ୍‌କ୍ରିଷ୍ଟ, ଆଣ୍ଡ୍ରିଉ ସାଇମଣ୍ଡସ, ମାଇକ ହସୀ, ଶେନ ୱାଟସନ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ୍, କାମେରନ ଗ୍ରୀନ ଓ ମାର୍କସ ଷ୍ଟୋଇନିସ।

# ଡି ଭିଲର୍ସଙ୍କ ସମକକ୍ଷ ହେଲେ ଫୋର୍ଡ



**ଡବ୍‌ଲିନ୍, ୨୩।୫ (ଏଜେନ୍ସି):** ୱେଷ୍ଟଇଣ୍ଡିଜର ଦ୍ରୁତ ବୋଲର ମାଥ୍ୟୁ ଫୋର୍ଡ ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସି ଦିନିକିଆ କ୍ରିକେଟ୍ ଇତିହାସର ସବୁଠୁ ଦ୍ରୁତତମ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଶୁକ୍ରବାର ଏଠାରେ ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଫୋର୍ଡ ଏହି ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ଫୋର୍ଡ ମାତ୍ର ୧୬ ବଲ୍‌ରେ ତାଙ୍କ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହିକ୍ରମରେ ସେ ଦକ୍ଷିଣ ଆଫ୍ରିକାର ପୂର୍ବତନ ବ୍ୟାଟର୍ ଏବି ଡି ଭିଲର୍ସଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ୨୦୧୫ରେ ଡି ଭିଲର୍ସ ୱେଷ୍ଟଇଣ୍ଡିଜ ବିପକ୍ଷରେ ସମାନ ୧୬ ବଲ୍ ଖେଳି ୧୦ ବର୍ଷ ହେଲା ଏହି ବିଶ୍ୱରେକର୍ଡର ଅଧିକାରୀ ରହିଥିଲେ। ଫୋର୍ଡ ଆଜି ତାଙ୍କର ବିଧ୍ୱଂସୀ ପାଳିରେ ୮ ଛକା ଓ ୨ ଚୌକା ସହ ମୋଟ୍ ୧୯ ବଲ୍ ଖେଳି ୫୮ ରନରେ ଆଉଟ୍ ହୋଇଥିଲେ। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୫୦ ଓଭରରେ ୮ ୱିକେଟ୍ ହରାଇ ୩୫୨ ରନକରିଥିଲା। ତେବେ ବର୍ଷା ଲାଗି ଏହି ମ୍ୟାଚ୍ ବାତିଲ ହୋଇଥିଲା । ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ୧୨୪ ରନରେ ଜିତି ଆୟର୍ଲାଣ୍ଡ ୧-୦ରେ ଅଗ୍ରଣୀ ରହିଛି।

**ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ**

# ସେମିରେ ଶ୍ରୀକାନ୍ତ; ଧ୍ରୁବ- ତନିଶା ବିଦା

**କ୍ୱାଲାଲମ୍ପୁର, ୨୩।୫ (ଏଜେନ୍ସି):** ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର-୫୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ପୁରୁଷ ଖେଳାଳି କିଦାମ୍ବି ଶ୍ରୀକାନ୍ତ ଏକକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ୩୨ ବର୍ଷୀୟ ଶ୍ରୀକାନ୍ତ ୨୪-୨୨, ୧୭-୨୧, ୨୨-୨୦ରେ ଫ୍ରାନ୍ସର ତୋମା ଜୁନିଅର ପୋପୋଭଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ବିଶ୍ୱର ପୂର୍ବତନ ୧ ନଂ ଖେଳାଳି ତଥା ବିଶ୍ୱ ଚାମ୍ପିଅନ, ଏସୀୟ କ୍ରୀଡ଼ା ରୌପ୍ୟ ପଦକ ବିଜେତା ଶ୍ରୀକାନ୍ତ ସେମିରେ ଜାପାନର ୟୁଶି ତାନାକାଙ୍କୁ ଭେଟିବେ। ସେହିପରି ଭାରତୀୟ ମିଶ୍ରିତ ଯୁଗଳ ଯୋଡି ଧ୍ରୁବ କପିଳ ଓ ତନିଶା କ୍ରାଷ୍ଟୋ କ୍ୱାର୍ଟରଫାଇନାଲରେ ୨୨-୨୪, ୧୩-୨୧ରେ ମାତ୍ର ୩୫ ମିନିଟ୍‌ରେ ଟପ୍ ସିଡ୍ ଯୋଡି ଚୀନର ଜିଆଙ୍ଗ ଝେନ୍ ବାଙ୍ଗ ଓ ୱେଇ ୟା ଜିନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳିମାନେ ସେମାନଙ୍କ ଅଭିଯାନ ଶେଷ କରିସାରିଛନ୍ତି।

# ଶାରୀରିକ ଓ କ୍ରୀଡ଼ା ଶିକ୍ଷାରେ ନୂଆ ସ୍ନାତକ ପାଠ୍ୟକ୍ରମ ସାମିଲ କଲା କିଟ୍

**ଭୁବନେଶ୍ୱର, ୨୩।୫ (ଏଜେନ୍ସି):** କ୍ରୀଡ଼ା ଓ ଶାରୀରିକ ଶିକ୍ଷାର ଉନ୍ନତି ତଥା ପ୍ରଚାର ଓ ପ୍ରସାର ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ନୂଆ ପାଠ୍ୟକ୍ରମ ସାମିଲ କରିଛି। ଚଳିତ ବର୍ଷଠାରୁ କିଟ୍ ବ୍ୟାଚଲର ଅଫ୍ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ (ବିପିଇଏସ୍) ପ୍ରୋଗ୍ରାମକୁ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ୟୋଗିକ୍ ସାଇନ୍ସରେ ସାମିଲ କରିଛି। ଏଥିପାଇଁ ୨୦୨୦ ଜାତୀୟ ଶିକ୍ଷାନୀତି ଓ ୟୁଜିସି ନିୟମାବଳୀ ଅନୁସାରେ ଏକ ୪ ବର୍ଷୀୟା ଅନର୍ସ ଡିଗ୍ରୀ ପାଠ୍ୟକ୍ରମ ସ୍ଥିରିକୃତ କରାଯାଇଛି। ଏଥିରେ ୧୦୦ଟି ସିଟ୍ ଉପଲବ୍ଧ ହେବ। ଏହି ନୂଆ ପାଠ୍ୟକ୍ରମ ବାବଦରେ ସର୍ଟିଫିକେଟ, ପ୍ରମାଣପତ୍ର, ଡିପ୍ଲୋମା, ବ୍ୟାଚଲର ଓ ରିସର୍ଚ୍ଚ ସହ ଅନର୍ସ ଭଳି ବିକଳ୍ପ ଛାତ୍ରଛାତ୍ରୀ ପାଇଁ ଉପଲବ୍ଧ ରହିବ।

## ସ୍ଥାପନ ହେବ ଲିଆଣ୍ଡର - ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ

ବିଭିନ୍ନ କ୍ରୀଡ଼ାର ଉନ୍ନତୀ ଓ ବିଶ୍ୱସ୍ତରୀୟ ଆଥଲେଟି ସୃଷ୍ଟି କରିବାକୁ କିଟ୍‌ରେ ଲିଆଣ୍ଡର ପେସ୍- ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ ସ୍ଥାପନ ହେବ। ଏଥିପାଇଁ କିଟ୍ ଓ କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍‌ଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ୧୬ଟି କ୍ରୀଡ଼ାରେ ଖେଳାଳିମାନଙ୍କୁ ଏହି ଏକାଡେମୀରେ ପ୍ରଶିକ୍ଷଣ ଦିଆଯିବ ଓ ଏଥିପାଇଁ ବିଶ୍ୱସ୍ତରୀୟ କୋଚିଂ ବ୍ୟବସ୍ଥା ସହ ମେଣ୍ଟରସିପ୍ ପ୍ରଦାନ କରାଯିବ। କିଟ୍‌ରେ ପ୍ରୟ ସବୁ କ୍ରୀଡ଼ାରେ ଯଥା କ୍ରିକେଟ, ଆର୍ଚେରୀ, ରଗ୍‌ବୀ, ବ୍ୟାଡମିଣ୍ଟନ, ଭଲିବଲ, ଦୌଡ଼କୁଦ, ଭାରୋତ୍ତୋଳନ ଓ ଚେସ୍‌ରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ସ୍ଥାପନ ହୋଇଛି। ଏଠାରେ ମଧ୍ୟ ପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ସଫଳତାର ସହ ଆୟୋଜିତ ହୋଇଛି।

**ଜାନୁସ୍ କୁସୋସିନ୍‌ସ୍କି ସ୍ମାରକୀ ଆଥଲେଟିକ୍ସ ମିଟ୍**

# ନୀରଜଙ୍କୁ ରୌପ୍ୟ; ୱେବରଙ୍କ ବାଜିମାତ୍



**ୱାରସା (ପୋଲାଣ୍ଡ), ୨୩।୫ (ଏଜେନ୍ସି):** ଭାରତୀୟ ଆଥଲେଟିକ ସୁପରଷ୍ଟାର ତଥା ଜାଭେଲିନ୍ ଫିଙ୍ଗାଳୀ ନୀରଜ ଚୋପ୍ରା ପୋଲାଣ୍ଡର ଚୋରଜୋଠାରେ ଶୁକ୍ରବାର ରାତିରେ ଅନୁଷ୍ଠିତ ୭୧ତମ ଜାନୁସ କୁସୋସିନ୍‌ସ୍କି ଆଥଲେଟିକ୍ସ ମିଟ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ନୀରଜ ତାଙ୍କ ଦ୍ୱିତୀୟ ପ୍ରୟାସରେ ୮୪.୧୪ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ। ଜର୍ମାନୀର ଜୁଲିଏନ୍ ୱେବର ୮୬.୧୨ ମିଟର ଫିଙ୍ଗି ସ୍ୱର୍ଣ୍ଣପଦକ ହାତେଇ ନେଇଥିଲେ। ସେହିଭଳି ଗ୍ରେନେଡାର ଆଣ୍ଡରସନ ପିଟର୍ସ ୮୩.୨୪ ମିଟର ସହ କାଂସ୍ୟ ପଦକ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ, ୧୯୫୪ରେ ପୋଲାଣ୍ଡର ଜଣାଶୁଣା ଆଥଲେଟ୍ ଜାନୁସ୍ କୁସୋସିନସ୍କିଙ୍କ ସ୍ମୃତିରେ ଏହି ଇଭେଣ୍ଟ ନିୟମିତ ଭାବେ ଆୟୋଜିତ ହୋଇଆସୁଛି। ଜାନୁସ୍ ୧୯୩୨ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ୧୦,୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଗତ ସପ୍ତାହରେ ଦୋହାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍‌ରେ ୨୭ ବର୍ଷୀୟ ନୀରଜ ପ୍ରଥମଥର ପାଇଁ ୯୦ମିଟରର ଅଧିକ ଦୂରତା ଥ୍ରୋ କରି ନୂଆ ରେକର୍ଡ ସୃଷ୍ଟି କରିଥିଲେ।

# ୩ ଶତକ; ଇଂଲଣ୍ଡ ୫୬୫/୬ ଘୋଷଣା

**ନଟିଂହାମ, ୨୩।୫ (ଏଜେନ୍ସି):** ଭ୍ରମଣକାରୀ ଜିମ୍ବାୱେ ବିପକ୍ଷରେ ଏଠାରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ଘରୋଇ ଇଂଲଣ୍ଡ ଦମ୍‌ଦାର ପ୍ରଦର୍ଶନ କରି ଶୁକ୍ରବାର ଦ୍ୱିତୀୟ ଦିବସରେ ୯୬.୩ ଓଭରରେ ୬ ୱିକେଟ୍ ହରାଇ ୫୬୫ ରନରେ ପାଳି ଘୋଷଣା କରିଛି। ଜବାବରେ ଜିମ୍ବାୱେ ପ୍ରଥମ ଇନିଂସରେ ବ୍ରାଏନ ବେନେଟଙ୍କ ୧୩୯ ରନ ସତ୍ତ୍ୱେ ୨୬୫ ରନ୍‌ରେ ଅଲ୍‌ଆଉଟ୍ ହୋଇ ଫଲୋଅନ୍ ହୋଇଛି। ୩୦୦ ରନ୍ ପଛରେ ଥାଇ ଜିମ୍ବାୱେ ଦ୍ୱିତୀୟ ପାଳିରେ ୨ ୱିକେଟ୍‌ରେ ୩୦ ରନ୍ କରିଛି। ପୂର୍ବରୁ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ଇଂଲଣ୍ଡ ଆଗଧାଡ଼ିର ୩ ବ୍ୟାଟର୍‌ଙ୍କ ଶତକ ବଳରେ ୩ ୱିକେଟ୍ ହରାଇ ୪୯୮ ରନ ସଂଗ୍ରହ କରିଛି। ଦୁଇ ଓପନର୍ ଜ୍ୟାକ୍ କ୍ରାଲୀ ୧୨୪ ଓ ବେନ୍ ଡକେଟ ୧୪୦ ରନ କରି ଆଉଟ୍ ହୋଇଛନ୍ତି। ସେହିଭଳି ନଂ-୩ରେ ଆସିଥିବା ଓଲି ପୋପ୍ ୧୭୧ ରନ କରିଥିଲେ। ଇଂଲଣ୍ଡ ଟେଷ୍ଟ କ୍ରିକେଟ୍ ଇତିହାସରେ ୪ର୍ଥଥର ଲାଗି ଗୋଟିଏ ଇନିଂସରେ ବ୍ୟାଟିଂକ୍ରମର ପ୍ରଥମ ୩ଜଣ ବ୍ୟାଟର୍ ଶତକ ହାସଲ କରିଛନ୍ତି। ତେବେ ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି କ୍ରାଲୀ, ଡକେଟ ଓ ପୋପ୍ ଦ୍ୱିତୀୟଥର ଲାଗି ଏହି ସଫଳତା ପାଇଛନ୍ତି। ୨୦୨୨ରେ ରାୱଲପିଣ୍ଡିରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଟେଷ୍ଟରେ ଏହି ୩ଜଣ ବ୍ୟାଟିଂକ୍ରମର ପ୍ରଥମ ୩ଟି ସ୍ଥାନରେ ଆସି ଶତକ ହାସଲ କରିଥିଲେ। ଟେଷ୍ଟ କ୍ରିକେଟ୍‌ରେ ଗୋଟିଏ ଦିବସରେ ସର୍ବାଧିକ ରନ ଇଂଲଣ୍ଡ ନାମରେ ରହିଛି।

# ଟେଷ୍ଟରୁ ଅବସର ନେବେ ଆଞ୍ଜେଲୋ ମାଥ୍ୟୁସ୍



**କଲମ୍ବୋ, ୨୩।୫ (ଏଜେନ୍ସି):** ଶ୍ରୀଲଙ୍କା ପୂର୍ବତନ ଅଧିନାୟକ ତଥା ଅଭିଜ୍ଞ ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ୍ ଖୁବଶୀଘ୍ର ଟେଷ୍ଟ କ୍ରିକେଟରେ ଅବସର ନେବେ ବୋଲି ଘୋଷଣା କରିଛନ୍ତି। ଜୁନ୍ ୧୭ରୁ ୨୧ ମଧ୍ୟରେ ଗାଲେରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବା ପରେ ସେ ଟେଷ୍ଟକୁ ଅଲବିଦା କରିବେ। ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେବା ପାଇଁ ଅବସର ନେଉଛି ବୋଲି ୩୭ ବର୍ଷୀୟ ମାଥ୍ୟୁସ୍ କହିଛନ୍ତି। ୨୦୦୯ରେ ଗାଲେରେ ହିଁ ସେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ସେ ମାତ୍ର ୨୫ ବର୍ଷ ବୟସରେ ଇଂଲଣ୍ଡରେ ନେତୃତ୍ୱ ନେଇ ଦେଶର ସର୍ବକନିଷ୍ଠ ଯୁବ ଅଧିନାୟକ ବିବେଚିତ ହୋଇଥିଲେ। ସେ ଟେଷ୍ଟରେ ଜଣେ ବ୍ୟାଟିଂ ଅଲରାଉଣ୍ଡର ଭାବେ ସୁଯୋଗ ପାଇଥିଲେ। ୧୬ ବର୍ଷର ଦୀର୍ଘ ଟେଷ୍ଟ କ୍ୟାରିଅରରେ ସେ ୧୧୮ଟି ଟେଷ୍ଟ ଖେଳି ୪୪.୬୨ ହାରରେ ୮୧୬୭ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୧୬ଟି ଶତକ ଓ ୪୫ଟି ଅର୍ଦ୍ଧଶତକ ସାମିଲ ରହିଛି। ସେ ମଧ୍ୟ ଡାହାଣହାତୀ ମିଡିୟମ ପେସ୍ ବୋଲିଂ କରି ୩୩ଟି ୱିକେଟ ଅକ୍ତିଆର କରିଛନ୍ତି। ସେ ଶ୍ରୀଲଙ୍କା ପାଇଁ ୨୨୬ ଦିନିକିଆ ଓ ୯୦ଟି ଟି-୨୦ ମ୍ୟାଚ୍ ମଧ୍ୟ ଖେଳିଛନ୍ତି।

**● ଡବ୍ଲ୍ୟୁଟିସି ଫାଇନାଲ**

# ପରିଚାଳନା ଦାୟିତ୍ୱରେ ଶ୍ରୀନାଥ, ମେନନ

**ଲଣ୍ଡନ, ୨୩।୫ (ଏଜେନ୍ସି):** ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ୍ ଜୁନ ୧୧ରୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଫାଇନାଲରେ ପରସ୍ପର ସାମ୍ନାସାମ୍ନି ହେବେ। ଗତ ଦୁଇଟି ସଂସ୍କରଣରେ ରନର୍ସଅପ୍ ରହିଥିବା ଭାରତୀୟ କ୍ରିକେଟ୍ ଦଳ ଏଥର ଫାଇନାଲରେ ପ୍ରବେଶ କରିପାରିବାରେ ବିଫଳ ହୋଇଛି। ତେବେ ଦୁଇଜଣ ଭାରତୀୟଙ୍କୁ ପ୍ରତ୍ୟକ୍ଷ ଭାବେ ଫାଇନାଲ ମ୍ୟାଚରେ ଜଡ଼ିତ ଥିବାର ଦେଖିବାକୁ ମିଳିବ। ଜାଭାଗଲ ଶ୍ରୀନାଥ ଓ ନିତିନ ମେନନ ଆଇସିସି ପକ୍ଷରୁ ଶୁକ୍ରବାର ଫାଇନାଲ ମ୍ୟାଚ୍ ପରିଚାଳନା ଲାଗି ଅମ୍ପାୟର ଓ ରେଫରୀଙ୍କ ନାମ ଘୋଷଣା କରାଯାଇଛି।

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

# ଶୁଭାଶିଷଙ୍କ ଶତକ; ଭୁବନେଶ୍ୱର-ବି ବିଜୟୀ

**କଟକ, ୨୩।୫ (ସମିସ)**

ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୯ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ରେ ଭୁବନେଶ୍ୱର-ବି ୬୯ ରନରେ ନୟାଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ୭ ୱିକେଟ ବିନିମୟରେ ୨୩୬ ରନ କରିଥିଲା। ଶୁଭାଶିଷ ମଲ୍ଲିକ ୧୨୪ବଲରୁ ୧୦୯ ରନର ଶତକୀୟ ପାଳି ଖେଳିଥିଲେ। ସିଦ୍ଧାର୍ଥ ବେହେରା ୩୯ ବଲରୁ ଦ୍ରୁତ ୫୧ରନ ସଂଗ୍ରହ କରିଥିଲେ। ନୟାଗଡ଼ର ରିକି ମହାନ୍ତିଙ୍କୁ ୨ଟି ୱିକେଟ ମିଳିଥିଲା। ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ୭୨ ରନ ସତ୍ତ୍ୱେ ନୟାଗଡର ପାଳି ୧୬୭ ରନରେ ସୀମିତ ରହିଥିଲା। ବିଜୟୀ ଭୁବନେଶ୍ୱର-ବି ପକ୍ଷରୁ ସୋହମ ପଟ୍ଟନାୟକ ୫ଟି ୱିକେଟ ଅକ୍ତିଆର କରିଥିଲେ।

ଦିଲ୍ଲୀପ ବିଶୋୟୀଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ନବରଙ୍ଗପୁର ୨୦ ରନରେ କିଟ୍‌କୁ ହରାଇଛି। ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ନବରଙ୍ଗପୁର ସମସ୍ତ ୱିକେଟ ହରାଇ ୧୧୭ ରନ କରିଥିଲା।



ଶୁଭାଶିଷ ମଲ୍ଲିକ



ଦିଲ୍ଲୀପ ବିଶୋୟୀ




ଅମନ ବର୍ମା

ସାଇ କୁମାର ସର୍ବାଧିକ ୫୨ରନ କରିଥିବା ବେଳେ ଦିଲ୍ଲୀପ ୧୭ରନର ପାଳି ଖେଳିଥିଲେ। ତେବେ ୧୧୮ରନର ବିଜୟ ଲକ୍ଷ୍ୟକୁ ପିଛା କରି କିଟ୍ ୯୭ରନରେ ଅଲଆଉଟ ହୋଇଥିଲା। ଦିଲ୍ଲୀପ ୨୬ରନ ବ୍ୟୟ କରି ୪ଟି ୱିକେଟ ଅକ୍ତିଆର କରିବା ସହିତ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସନସାଇନ କ୍ରିକେଟ ଗ୍ରାଉଣ୍ଡରେ ଖୋର୍ଦ୍ଧା ୧୨୩ ରନରେ ବୌଦ୍ଧକୁ ହରାଇଥିଲା। ଖୋର୍ଦ୍ଧା ପକ୍ଷରୁ ଧାର୍ଯ୍ୟ ୨୬୬ ରନର ବିଜୟ ଲକ୍ଷ୍ୟକୁ ପିଛା କରି ବୌଦ୍ଧ ୧୪୨ ରନରେ ଅଲଆଉଟ ହୋଇଥିଲା। ୪ ୱିକେଟ ଦଖଲ କରିଥିବା ରୁଦ୍ର ମଲ୍ଲିକ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ରେଭେନ୍ସାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଯାଜପୁର ୨୦୯ରନରେ ରାୟଗଡାକୁ ହରାଇଥିଲା। ଆଶିଷ ପରିଡାଙ୍କ ୭୨ରନ ଏବଂ ସୌଭାଗ୍ୟ ଧଳଙ୍କ ୬୨ରନ ସହାୟତାରେ ଯାଜପୁର ୭ ୱିକେଟ ବିନିମୟରେ ୨୮୨ରନ ସଂଗ୍ରହ କରିଥିଲା। ରାୟଗଡାର ପାଳି ୭୩ରନରେ ସୀମିତ ରହିବା ସହ ୪ ୱିକେଟ ସଫଳତା ପାଇଥିବା ଯାଜପୁରର ଦୁର୍ଗା ବେହେରା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚ ଗୁଡିକରେ ଭଦ୍ରକ ୧୪ରନରେ ଝାରସୁଗୁଡାକୁ, ସମ୍ବଲପୁର-ବି ୧୨ରନରେ ସୋନପୁରକୁ ହରାଇଥିଲା। ସମ୍ବଲପୁରର ଅମନ ବର୍ମା ୪ଟି ୱିକେଟ୍ ନେଇଥିଲେ।

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।"



√ ଭ୍ରମରବର ରାଉତ

ଆବିର୍ଭାବ: ୨୮.୧୨.୧୯୩୪ / ତିରୋଧାନ: ୧୫.୦୫.୨୦୨୫

ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ପରୋପକାରିତା ଓ ତ୍ୟାଗ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ତୁମ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ପ୍ରଶାନ୍ତ, ସୁଶାନ୍ତ ଓ ପରିବାରବର୍ଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS